

ଆକ୍ସନ୍ ହିରୋ ହେବେ ଅହାନ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-35 ◆WEDNESDAY ◆29 JULY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୩୫ ◆ବୁଧବାର ◆୨୯ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଜାପାନରେ ୭.୧ ତୀବ୍ରତାର ଭୂକମ୍ପ; ସୁନାମି ସତର୍କତା

■ ଟୋକିଓ, ୨୮ାେ (ଏଜେନ୍ସି): ଦକ୍ଷିଣ ଜାପାନର କୁମାମୋଟୋ ପ୍ରଦେଶରେ ମଙ୍ଗଳବାର ୭.୧ ତୀବ୍ରତାର ଶକ୍ତିଶାଳୀ ଭୂମିକମ୍ପ ହୋଇଛି। ଭୂକମ୍ପ ପରେ ଜାପାନ ପାଣିପାଗ ବିଭାଗ ପକ୍ଷରୁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପାଇଁ ସୁନାମି ସତର୍କତା ଜାରି କରାଯାଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ କ୍ୟୁଶୁ ଦ୍ୱୀପର କୁମାମୋଟୋ ପ୍ରଦେଶରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୧୦ କିମି ଗଭୀରରେ ରହିଥିବା ଜଣାପଡ଼ିଛି। ଭୂମିକମ୍ପ ପରେ ସମୁଦ୍ରରେ ପ୍ରାୟ ୧ ମିଟର ଉଚ୍ଚର ସାମୁଦ୍ରିକ ଲହରୀ ଆସିବା ସମ୍ଭାବନା ରହିଥିବା ଦୃଷ୍ଟିରୁ ସତର୍କତା ଜାରି ହୋଇଛି। ଉପକୂଳବର୍ତ୍ତୀ ଅଞ୍ଚଳର ବାସିନ୍ଦାମାନଙ୍କୁ ତୁରନ୍ତ ଉଚ୍ଚ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି। ଅନେକ ସ୍ଥାନରେ ଉଚ୍ଚତାର ଲହରୀ ପହଞ୍ଚିବା ଆରମ୍ଭ ହୋଇଛି। ଜାପାନରେ ଅନେକ ପ୍ରଦେଶ ପାଇଁ ମଧ୍ୟ ଜରୁରୀକାଳୀନ ଭୂମିକମ୍ପ ସତର୍କତା ଜାରି କରାଯାଇଛି। ସୂଚନାଯୋଗ୍ୟ, ଜାପାନ ବିଶ୍ୱର ଅନ୍ୟତମ ଅଧିକ ଭୂମିକମ୍ପ ପ୍ରବଣ ଦେଶ। ଏହି ଦେଶ ପ୍ରଶାନ୍ତ ମହାସାଗରୀୟ 'ରିଙ୍ଗ ଅଫ ଫାୟାର' ଉପରେ ରହିଛି। ଚଳିତ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଭୂମିକମ୍ପ ଝଟକା। ପୂର୍ବରୁ ଜୁନ୍ ୨୫ରେ ଉତ୍ତର ଜାପାନରେ ୭.୨ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ତେବେ ଭୂକଂପ ଯୋଗୁଁ ଟୋକିଓର ଏକ ମଲରେ ବିସ୍ଫୋରଣ ହେବା ପରେ ଏହା ଭୁଶୁଡ଼ି ପଡ଼ିଛି। ଏଥିରେ ଅନେକ ଲୋକ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଛି। ଏହାଛଡ଼ା ଅନ୍ୟ କୌଣସି ସ୍ଥାନରୁ ବଡ଼ ଧରଣର କ୍ଷୟକ୍ଷତି ରିପୋର୍ଟ ମିଳିନାହିଁ।




### ବଦଳିବ ପିୟୁସିସି ବୈଧତା ନିୟମ

## ବିଏସ୍-୬ ଯାନର ପିୟୁସିସି ୩ ବର୍ଷ ହେବ

■ ନୂଆଦିଲ୍ଲୀ, ୨୮ାେ (ଏଜେନ୍ସି): ଦେଶର ଲକ୍ଷ ଲକ୍ଷ କାର ଏବଂ ବାଇକ୍ ମାଲିକଙ୍କ ପାଇଁ ବଡ଼ ଆଶ୍ୱସ୍ତି ଖବର। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ନିୟମରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି। ସରକାରଙ୍କ ନୂତନ ପ୍ରସ୍ତାବ ଅନୁଯାୟୀ, ବିଏସ୍-୬ ବ୍ୟକ୍ତିଗତ ଯାନ ପାଇଁ ପିୟୁସିସି ପ୍ରମାଣପତ୍ରର ବୈଧତା ଏବେ ୩ ବର୍ଷ ରହିବ। ଏଥିପାଇଁ ମନ୍ତ୍ରଣାଳୟ କେନ୍ଦ୍ରୀୟ ମୋଟର ଯାନ (ସଂଶୋଧନ) ନିୟମ ୨୦୨୬ର ଏକ ଚିଠା ବିଜ୍ଞପ୍ତି ଜାରି କରିଛି। ଏହି ନୂତନ ପ୍ରସ୍ତାବ ଉପରେ ସରକାର ୩୦ ଦିନ ମଧ୍ୟରେ ଜନସାଧାରଣ ଏବଂ ଅଂଶୀଦାରଙ୍କଠାରୁ ପରାମର୍ଶ ଏବଂ ଆପତ୍ତି ଲୋଡିଛନ୍ତି। ଯାନବାହନର ବର୍ଗ ଅନୁସାରେ ପିୟୁସିର ନୂତନ ବୈଧତା ସ୍ଥିର କରାଯାଇଛି। ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ର ବୈଧତା ଯାନର ନିର୍ଗମନ ମାନଦଣ୍ଡ ଏବଂ ଏହାର ଉଦ୍ଦେଶ୍ୟ ବ୍ୟବହାର (ବାଣିଜ୍ୟିକ କିମ୍ବା ବ୍ୟକ୍ତିଗତ ଯାନ) ଉପରେ ଆଧାର କରି ନିର୍ଣ୍ଣୟ କରାଯିବ। ଯଦି ଜଣେ ଗାଡ଼ି ମାଲିକ ତାଙ୍କ ପିୟୁସିସିର ମିଆଦ ଶେଷ ହେବାର ୧୫ ଦିନ ମଧ୍ୟରେ ଏକ ନୂତନ ପ୍ରମାଣପତ୍ର ପାଆନ୍ତି, ତେବେ ନୂତନ ପ୍ରମାଣପତ୍ର ପୂର୍ବ ପ୍ରମାଣପତ୍ରର ମିଆଦ ଶେଷ ହେବାର ତାରିଖରୁ କାର୍ଯ୍ୟକାରୀ ହେବ ବୋଲି ବିବେଚନା କରାଯିବ।




# ଉତ୍ତର ଓଡ଼ିଶାରେ ଭୀଷଣ ବନ୍ୟା

## ବିପଦ ସଙ୍କେତ ଉପରେ ବୈତରଣୀ; ବଢୁଛି ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା



### ଅଗଷ୍ଟ ୫ରେ ଆଉ ଏକ ଲଘୁଚାପ

■ ଭୁବନେଶ୍ୱର, ୨୮ାେ (ସମିସ): ଗଭୀର ଅବପାତ ରାଜ୍ୟରେ ଭୀଷଣ ବର୍ଷା କରାଇବା ପରେ ଏବେ ଝାଡ଼ଖଣ୍ଡ ମୁହାଁ ହୋଇଛି। ଫଳରେ ଝାଡ଼ଖଣ୍ଡ ସମେତ ଓଡ଼ିଶା ସୀମାନ୍ତବର୍ତ୍ତୀ ଜିଲ୍ଲାରେ ବର୍ଷା ଜାରି ରହିଛି। ଏହା ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ (୨୦୦ ମିମିରୁ ଅଧିକ) ବର୍ଷା ରେକର୍ଡ ହୋଇଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଛି। ଅନ୍ୟପଟେ ଏହି ଲଘୁଚାପର ପ୍ରଭାବ ନ କମୁଣୁ ଅଗଷ୍ଟ ପ୍ରଥମ ସପ୍ତାହ ଅର୍ଥାତ ୫ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୩ ତାରିଖରୁ ▶ପୃଷ୍ଠା-୭

■ ଭୁବନେଶ୍ୱର/ବାଲେଶ୍ୱର, ୨୮ାେ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ହୋଇଥିବା ଭୀଷଣ ବର୍ଷା ପ୍ରଭାବରେ ଅଧା ଓଡ଼ିଶାରେ ସୃଷ୍ଟି ହୋଇଛି ବନ୍ୟା ଆଶଙ୍କା। ଏବେ ରହିଥିବା ହେତୁ ବୈତରଣୀ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀ ତଳମୁଣ୍ଡରେ ଅତ୍ୟନ୍ତ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଏହାସହିତ ମଙ୍ଗଳବାର ରାତିଠାରୁ ଏହି ନଦୀର ଉପରମୁଣ୍ଡ ଅର୍ଥାତ ଝାଡ଼ଖଣ୍ଡରେ ମଧ୍ୟ

▶▶ ଭଦ୍ରକ ସ୍ଥିତି ଅଣାୟତ୍ତ, ଯାଜପୁର ଉବୁଟୁବୁ

▶▶ ବାଲେଶ୍ୱର ସହର ଭିତରେ ଅଣ୍ଟାଏ ପାଣି

▶▶ ୮ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ଜିଲ୍ଲାର ସ୍ଥିତି ଉଦ୍‌ବେଗଜନକ ରହିଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ମହାନଦୀରେ ମଧ୍ୟ ଜଳସ୍ତର ବ୍ୟାପକ ଭାବେ ବଢ଼ିବାର ଆଶଙ୍କା କରାଯାଉଛି। ଉତ୍ତର ଓଡ଼ିଶା ଉପରେ ଅବପାତର ସର୍ବାଧିକ ପ୍ରଭାବ ଭୀଷଣ ବର୍ଷା ରେକର୍ଡ ହୋଇଛି। ଏହାର ଫଳସ୍ୱରୂପ ରାଜ୍ୟର ଏହି ତିନି ପ୍ରମୁଖ ନଦୀରେ ବଡ଼ ବନ୍ୟା ଆଶଙ୍କା ରହିଛି। ବୈତରଣୀ ଇତିମଧ୍ୟରେ ବିପଦ ସଙ୍କେତ ଟପି ସାରିଥିବାରୁ ଭଦ୍ରକ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଅନେକ ଗାଁ ଜଳମଗ୍ନ ହୋଇ ସାରିଛି। ସେହିପରି ବାଲେଶ୍ୱରରେ ଆଜି ୫ ଘଣ୍ଟାରେ ୧୭୦ ମିମି ବର୍ଷା ସହ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବାଲେଶ୍ୱରରେ ଏବେ ଅନେକ ଗାଁ ଜଳବନ୍ଦୀ ଅବସ୍ଥାରେ ଅଛି। ସହର ଭିତରେ ଆଣ୍ଠୁଏ ପାଣି ବୋହୁଛି। ଅନ୍ୟପଟେ ବୁଧବାର ପୂର୍ଣ୍ଣିମା ଥିବା ବେଳେ ଏବେ ଦୁଇ ଦିନ ସମୁଦ୍ର ପାଣି ଟାଣିବ ନାହିଁ। ତେଣୁ ବନ୍ୟାର ଭୀଷଣ ପ୍ରକୋପ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି।

ମଙ୍ଗଳବାର ସନ୍ଧ୍ୟା ୮ଟା ସୁଦ୍ଧା ବୈତରଣୀ ନଦୀ ଉଭୟ ଆଖୁଆପଦା ଓ ଆନନ୍ଦପୁରଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ଜଳକା ନଦୀ ମଧ୍ୟ ମଥାନୀଠାରେ ବିପଦ ସଙ୍କେତ ଉପରେ ବହୁଛି। ବୈତରଣୀ ନଦୀର ଆଖୁଆପଦାଠାରେ ବିପଦ ସଙ୍କେତ ସ୍ତର ୧୮.୩୩ ମିଟର ଥିବା ବେଳେ ଏବେ ୧୯.୩୫ ମିଟର ଉପରେ ଜଳସ୍ତର ରହିଛି ଓ ବୁଧବାର ▶ପୃଷ୍ଠା-୭

### ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

## ୩ ଜିଲ୍ଲା ପାଇଁ ୩ ସ୍ୱତନ୍ତ୍ର ଅଧିକାରୀ

■ ଭୁବନେଶ୍ୱର, ୨୮ାେ (ସମିସ): ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ତଥା ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସାଧାରଣ ଲୋକେ ପ୍ରଶାସନିକ ସେବା ଏବଂ ସହାୟତା ନେଇ ସୁରକ୍ଷିତ ରହିବା ଦରକାର ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜ୍ୟରେ ଲଗାଣ ବର୍ଷାଜନିତ ସୃଷ୍ଟ ବନ୍ୟା ପରିସ୍ଥିତିର ସମୀକ୍ଷାପାଇଁ ମଙ୍ଗଳବାର ମନ୍ତ୍ରୀ ଶ୍ରୀ ପୂଜାରୀ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ଏହାପରେ ଜିଲ୍ଲାପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗମାନଙ୍କୁ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ସମନ୍ୱିତ ହୋଇ କାର୍ଯ୍ୟ କରିବାକୁ କହିଛନ୍ତି। ଏହାସହିତ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜଳସ୍ତର ବୃଦ୍ଧି ଉପରେ ନଜର ରଖିବା ପାଇଁ ରାତିସାରା ଏସଆରସି କାର୍ଯ୍ୟାଳୟ ଖୋଲା ରଖିବାକୁ ମନ୍ତ୍ରୀ ▶ପୃଷ୍ଠା-୭

**ପ୍ରଭାବିତ ଅଞ୍ଚଳରେ ସ୍ଥାନାନ୍ତରଣ ନିର୍ଦ୍ଦେଶ**

## ପ୍ରଶ୍ନପତ୍ର ଲିକ୍ ନିରୋଧୀ ବିଲ୍ ନେଇ ବର୍ଷିଲେ ବିରୋଧୀ

■ ନୂଆଦିଲ୍ଲୀ, ୨୮ାେ (ଏଜେନ୍ସି): ଚଳିତ ମୌସୁମୀ ଅଧିବେଶନରେ ୬ ଦିନ ଧରି ପ୍ରବଳ ହଟ୍ଟଗୋଳ ଯୋଗୁଁ ଅଚଳ ରହିଥିବା ସଂସଦରେ ଆଜି ପ୍ରଶ୍ନପତ୍ର ଲିକ୍ ରୋକିବାକୁ ଉଦ୍ଦିଷ୍ଟ 'ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍ ଉପରେ ଆଲୋଚନା ଆରମ୍ଭ ହୋଇଛି। ସରକାର ଏହି ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିବା ବେଳେ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠାଇବା ସହିତ କହିଛନ୍ତି ପୂର୍ବ ପରି ଏହି ଆଇନ ମଧ୍ୟ ବିଫଳ ହେବ। ସରକାରର କେତେକ ଅଂଶୀଦାର ଦଳ ନିଟ୍ ପରୀକ୍ଷା ବର୍ଷକୁ ଦୁଇ ଥର କରିବାକୁ ଦାବି କରିଛନ୍ତି।

ଲୋକସଭାରେ ଆଜି ବିଲ୍ ଉପରେ ଆଲୋଚନା ଆରମ୍ଭ କରି କଂଗ୍ରେସ ନେତା ଗୌରବ ଗୋଗୋଇ କହିଲେ ଯେ ସଂଶୋଧିତ ବିଲ୍ ବ୍ୟବସ୍ଥାରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ଶିକ୍ଷା କ୍ଷେତ୍ରରେ ସଂସ୍କାର ପାଇଁ ସରକାରଙ୍କର ଆନ୍ତରିକତା ଥିଲା ବୋଲି ଜଣାପଡୁ ନାହିଁ। କେବଳ ଲୋକଙ୍କ ମନ ବୁଝାଇବା ଲାଗି ଏଭଳି ବିଲ୍ ଆଗତ କରାଯାଇଛି। ଦୁଇ ବର୍ଷ ତଳେ ସରକାର ଏଭଳି ବିଲ୍ ଆଗତ କରିଥିଲେ। ସେତେବେଳେ ସରକାର ଦାବି କରିଥିଲେ ଯେ ପ୍ରଶ୍ନପତ୍ର ଲିକ ରୋକିବାରେ ଏହା ଫଳପ୍ରଦ ପ୍ରମାଣିତ ହେବ। କିନ୍ତୁ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହେଲାନାହିଁ। ୨୦୨୪ରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ୪୫ ଜଣଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିଲା ଏବଂ ସେମାନଙ୍କ ମଧ୍ୟରୁ ▶ପୃଷ୍ଠା-୭

**ବିବାଦ ସତ୍ତ୍ୱେ ଏନ୍‌ଟିଏ ଅଧ୍ୟକ୍ଷଙ୍କୁ ହଟାଯାଇନି କାହିଁକି?**

**ନିଟ୍ ବର୍ଷକୁ ଦୁଇ ଥର କରିବାକୁ ବିଜେପି ସହଯୋଗୀଙ୍କ ଦାବି**

### କେନ୍ଦ୍ରର ନିରବତା, ସୁପ୍ରିମକୋର୍ଟଙ୍କ ଆଦେଶକୁ ନେଇ ଆପତ୍ତି

## ସିଜେପିର ପୁଣି ଆନ୍ଦୋଳନ ଧମକ

■ ନୂଆଦିଲ୍ଲୀ, ୨୮ାେ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏଫ୍‌ଆଇଆର ପ୍ରତ୍ୟାହାର କରିବା ସହିତ ଗିରଫ ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ସଂକ୍ରାନ୍ତରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପ୍ରତି ସମ୍ମାନ ଜଣାଉ ନାହାନ୍ତି। ଆନ୍ଦୋଳନକାରୀଙ୍କ ବିରୋଧରେ ଏବେ ବି ଦମନଲୀଳା ଚାଲିଛି। ଏସଂପର୍କରେ କେନ୍ଦ୍ର ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସରକାର ନିରବ ରହିଛନ୍ତି। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଏଫଆଇଆର ପ୍ରତ୍ୟାହାର ସହ ସମସ୍ତ ଆନ୍ଦୋଳନକାରୀଙ୍କୁ ତୁରନ୍ତ ମୁକ୍ତ କରିବା ଲାଗି ଦାବି କରିଛି କକ୍ରୋଚ୍ ଜନତା ପାର୍ଟି (ସିଜେପି)। ନଚେତ ଦେଶବ୍ୟାପୀ ପୁଣି ଆନ୍ଦୋଳନ କରିବାକୁ ଧମକ ଦେଇଛି।

ଆଜି ସନ୍ଧ୍ୟାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ମୁଖପାତ୍ର ସୌରଭ ଦାସ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ନେଇ ସୁପ୍ରିମ କୋର୍ଟ ଆଜି ଯେଉଁ ଆଦେଶ ଦେଇଛନ୍ତି, ତାହାକୁ ଅସ୍ତ୍ର କରି ପ୍ରଶାସନ ଆନ୍ଦୋଳନକାରୀଙ୍କୁ ହଇରାଣ କରିବାର ସମ୍ଭାବନା ରହିଛି। ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ଆଧାରରେ ଯାଞ୍ଚ କରିବାକୁ କୋର୍ଟ ଦେଇଥିବା ଆଦେଶ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। କାରଣ ଏହା କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତିର ସଂପୂର୍ଣ୍ଣ ବିପରୀତ। ସମସ୍ତ ଏଫଆଇଆର ▶ପୃଷ୍ଠା-୭



**ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ**

### ପଶ୍ଚିମ ଓଡ଼ିଶାକୁ ପୁଣି ପ୍ରତାରଣା

## ସମ୍ବଲପୁରରେ ନାହିଁ ଦ୍ୱିତୀୟ ଏମ୍ସ ପ୍ରସ୍ତାବ

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮ାେ (ସମିସ): ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ତତ୍‌କାଳୀନ ବିଜେଡି ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ବାରମ୍ବାର ଦାବି ଦୋହରାଇ ଥିବାବେଳେ ୨୦୨୦ରେ ତତ୍‌କାଳୀନ ମୁଖ୍ୟ ସଚିବ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଥିଲେ। ବର୍ତ୍ତମାନ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗତବର୍ଷ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ହେବ ବୋଲି ଘୋଷଣା କରିଥିଲେ। ସେହିପରି ନୂଆଖାଇ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ସ୍ଥାପନ ହେବ ବୋଲି କହିଥିଲେ। ଗତ ଜାନୁଆରୀ ୧୦ ତାରିଖରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ପାଇଁ ବଜେଟରେ ବ୍ୟବସ୍ଥା କରିବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

**ସିଧାସିଧା ମନା କଲା କେନ୍ଦ୍ର, ସାଂସଦ ମାନସଙ୍କ ଉଦ୍‌ବେଗ**

**ନୂଆଖାଇ ଉତ୍ସବରେ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ**

**କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଭେଟି ଦାବି କରିଥିଲେ ଉପମୁଖ୍ୟମନ୍ତ୍ରୀ**

**କେନ୍ଦ୍ର ନିକଟରେ ମଧ୍ୟ ଦାବି କରିଥିଲା ବିଜେଡି ସରକାର**

ଏହାସତ୍ତ୍ୱେ କେନ୍ଦ୍ର ସରକାର ସମ୍ବଲପୁର ବା ଓଡ଼ିଶାରେ ଦ୍ୱିତୀୟ ଏମ୍ସ ସ୍ଥାପନ ପାଇଁ କୌଣସି ପ୍ରସ୍ତାବ ନାହିଁ ବୋଲି ରୋକଠୋକ୍ ମନା କରିଛନ୍ତି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ପଶ୍ଚିମ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦ୍ୱିତୀୟ ଏମ୍ସ ସ୍ଥାପନ ଏକାନ୍ତ ବାଂଛନୀୟ। ମାତ୍ର କେନ୍ଦ୍ର ଏଥିରୁ ଓହରିଯିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସେ କହିଛନ୍ତି।

ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଜ୍ୟମନ୍ତ୍ରୀ ପ୍ରତାପରାଓ ଯାଧବ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧୀନରେ ସ୍ଥାପିତ ଏମ୍ସ ଭୁବନେଶ୍ୱର ସଫଳତାର ସହ କାର୍ଯ୍ୟ କରୁଛି। ଏହାର ▶ପୃଷ୍ଠା-୭

### ମାମଲା ବୋଝରେ ଚେପା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ

## ବିଚାରାଧୀନ ରହିଛି ଅଢ଼େଇ ଲକ୍ଷ ମାମଲା

■ ନୂଆଦିଲ୍ଲୀ, ୨୮ାେ (ଏଜେନ୍ସି): ମହିଳା ଓ ଶିଶୁଙ୍କ ବିରୋଧରେ ଯୌନ ଅପରାଧର ଶୀଘ୍ର ବିଚାର ପାଇଁ ବିଭିନ୍ନ ରାଜ୍ୟ ସରକାର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଗଠନ କରୁଛନ୍ତି। ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ପ୍ରଦାନ କରାଯାଉଛି। ବିଶେଷ ବର୍ଗ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ବ୍ୟୟର ୯୦ ଭାଗ ଅଂଶ ପ୍ରଦାନ କରୁଛନ୍ତି ଓ ଅନ୍ୟ ୧୦% ସମ୍ପୃକ୍ତ ରାଜ୍ୟଗୁଡ଼ିକ ବହନ କରୁଛନ୍ତି। ସେହିପରି ଅନ୍ୟ ରାଜ୍ୟଗୁଡ଼ିକରେ ଫାଷ୍ଟ ଟ୍ରାକ୍ କୋର୍ଟ ପାଇଁ ବ୍ୟୟ ଅର୍ଥରାଶିର ୬୦ ପ୍ରତିଶତ କେନ୍ଦ୍ର ସରକାର ପ୍ରଦାନ କରୁଛନ୍ତି ଓ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ବ୍ୟୟ କରୁଛନ୍ତି। କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ୧୨୬୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ୨୦୨୫ ଡିସେମ୍ବର ୩୧ ସୁଦ୍ଧା ଦେଶର ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକରେ ଦୁଇ ଲକ୍ଷ ୪୫ ହଜାର ୫୭୯ଟି ମାମଲା ବିଚାରାଧୀନ ରହିଛି।

ସଂସଦରେ କେନ୍ଦ୍ର ସରକାର ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଦେଶର ବିଭିନ୍ନ ରାଜ୍ୟର ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟଗୁଡ଼ିକରେ ୨୦୨୩ ମସିହାରେ ୮୧,୪୭୧ଟି ନୂଆ ମାମଲା ରୁଜୁ ହୋଇଥିବା ବେଳେ ୭୬,୩୧୯ଟି ମାମଲାର ଫଇସଲା ହୋଇଥିଲା ଓ ବର୍ଷ ଶେଷ ସୁଦ୍ଧା ୨,୦୨,୧୭୫ଟି ମାମଲା ବିଚାରାଧୀନ ରହିଥିଲା। ସେହିପରି ୨୦୨୪ ମସିହାରେ ୮୮,୯୦୨ଟି ନୂଆ ମାମଲା ରୁଜୁ ହୋଇଥିଲା ଓ ୮୫,୫୯୫ଟି ମାମଲାର ସମାଧାନ ହୋଇଥିଲା। ମାତ୍ର ସବୁଠାରୁ ଚିନ୍ତାଜନକ ସ୍ଥିତି ୨୦୨୫ ମସିହାରେ ଦେଖାଯାଇଛି। ଏହି ବର୍ଷ ୧,୪୩,୯୩୬ଟି ନୂଆ ମାମଲା ରୁଜୁ ହୋଇଥିବା ବେଳେ ମାତ୍ର ୬୬,୫୦୦ଟି ମାମଲାର ଫଇସଲା ହୋଇପାରିଛି। ଫଳରେ ବିଚାରାଧୀନ ମାମଲା ସଂଖ୍ୟା ବଢ଼ି ୨,୪୫,୫୭୯ରେ ପହଞ୍ଚିଛି। ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକରେ ପ୍ରତିବର୍ଷ ନୂଆ ମାମଲା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସମାଧାନ ବା ମାମଲାର ବିଚାର ହାର ହ୍ରାସ ପାଇଛି।

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଯୋଜନା କେନ୍ଦ୍ର ପ୍ରାୟୋଜିତ ଯୋଜନା ଭାବେ କାର୍ଯ୍ୟକାରୀ ହେଉଛି। ଏଥିରେ ସାଧାରଣ ରାଜ୍ୟ ପାଇଁ କେନ୍ଦ୍ର ଓ ରାଜ୍ୟର ଅର୍ଥ ଅଂଶୀଦାରୀ ୬୦:୪୦ ଏବଂ ପୂର୍ବୋତ୍ତର ଓ ବିଶେଷ ବର୍ଗର ରାଜ୍ୟ ପାଇଁ ୯୦:୧୦ ଅନୁପାତରେ ରହିଛି। ପ୍ରତ୍ୟେକ ଫାଷ୍ଟ ଟ୍ରାକ୍ କୋର୍ଟ ପାଇଁ ଜଣେ ବିଚାରପତି, ସାତଜଣ ସହାୟକ କର୍ମଚାରୀଙ୍କ ବେତନ ସହ ଦୈନନ୍ଦିନ ପ୍ରଶାସନିକ ଖର୍ଚ୍ଚ ପାଇଁ ଫ୍ଲେକ୍ସି ଗ୍ରାଣ୍ଟ ବ୍ୟବସ୍ଥା ରହିଛି। ଯୋଜନା ଆରମ୍ଭ ହେବା ପରଠାରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ମୋଟ ୧,୨୫୯.୫୧ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ଦିଆଯାଇଛି। ଏହି ଅର୍ଥ ରାଜ୍ୟମାନଙ୍କ ଖର୍ଚ୍ଚ ବିବରଣୀ ପ୍ରାପ୍ତ ହେବା ପରେ ପରିଶୋଧ କରାଯାଉଥିବା ଜଣାପଡ଼ିଛି।

ମାତ୍ର ମାମଲାର ନିଷ୍ପତ୍ତି ବା ବିଚାର ଶେଷ ହେବାର ହାର ହ୍ରାସ କେନ୍ଦ୍ର ସରକାରଙ୍କ ପାଇଁ ଶିରପୀଡ଼ା ପାଲଟିଛି। ଏଥିପାଇଁ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ପତ୍ର ଲେଖି ପୋକ୍‌ସୋ ଆଇନ ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଅନୁଯାୟୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମାମଲାର ▶ପୃଷ୍ଠା-୭

**କେନ୍ଦ୍ର ଦେଇଛି ୧୨୬୦ କୋଟି ଅନୁଦାନ**

# ପ୍ରଧାନମନ୍ତ୍ରୀଙ୍କ ଭାଇରାଲ୍ ଭିଡିଓ ହଟାଇବା ଘଟଣାରେ କ୍ଷମା ମାଗିଲା ମେଟା

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ସାମାଜିକ ଗଣମାଧ୍ୟମ ଫେସବୁକର ମାଲିକାନା ସଂସ୍ଥା ମେଟା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ଭାଇରାଲ୍ ସେଲଫି ଭିଡିଓକୁ କିଛି ସମୟ ପାଇଁ ହଟାଇ ଦେଇଛି। ଏହି ଖବର ଜଣାପଡ଼ିବା ପରେ ମଙ୍ଗଳବାର ମେଟା କ୍ଷମା ପ୍ରାର୍ଥନା କରିଛି। ତେବେ ଏହି ଘଟଣାକୁ କେନ୍ଦ୍ର ସରକାର ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରି ମେଟା ଏବଂ ଇନଷ୍ଟାଗ୍ରାମର ମୁଖ୍ୟଙ୍କୁ ସମନ ଜାରି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦୀ ଯୁବପିଢ଼ିଙ୍କୁ ସମ୍ବୋଧିତ କରୁଥିବା ଏହି ଭିଡିଓଟିକୁ ବୈଷୟିକ ତ୍ରୁଟି ଯୋଗୁଁ ଫେସବୁକରୁ ହଟାଇ ଦିଆଯାଇଥିଲା ବୋଲି ଜଣାପଡ଼ିଛି। ତେବେ ପରେ ଏହାକୁ ପୁନଃସ୍ଥାପିତ କରାଯାଇଛି। ମେଟା ପ୍ରବକ୍ତା ଏକ ବିବୃତ୍ତିରେ କହିଛନ୍ତି ଭୁଲବଶତଃ ଏହି କଣ୍ଟେଣ୍ଟକୁ ହଟାଇ ଦିଆଯାଇଥିଲା। ଏହି ସାମୟିକ ବିଚ୍ୟୁତିକୁ ନେଇ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ମେଟାର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସ୍ପଷ୍ଟୀକରଣ ରଖିବା ପାଇଁ ଡକାଇଛନ୍ତି। ବିଜେପିର ନେତାମାନେ ଏହି ଘଟଣାକୁ ତୀବ୍ର ସମାଲୋଚନା କରିଛନ୍ତି। ବିଜେପି ନେତା ତଜିନ୍ଦର ବଗ୍ଗା ଏକ୍ସରେ ପ୍ରଶ୍ନ କରିଛନ୍ତି ଯେ, 'ଭାରତର ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟକୁ କାଣ୍ଟଛାଣ୍ଟ କରିବା ପାଇଁ ଏହି ବିଦେଶୀ ପ୍ଲାଟଫର୍ମକୁ କିଏ ଅଧିକାର ଦେଲା?' ଗତ ଗୁରୁବାର ମଧ୍ୟରାତ୍ରିରେ ପ୍ରଧାନମନ୍ତ୍ରୀ ୩ ମିନିଟର ଭିଡିଓଟି ପୋଷ୍ଟ କରିଥିଲେ। ଏଥିରେ ସେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ ଆଶ୍ୱାସନା ଦେଇଥିଲେ ଯେ, ସରକାର ଏହି ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ଏବଂ ଦୋଷୀମାନଙ୍କୁ ଜେଲ ପଠାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ଭିଡିଓଟି ବେଶ୍ ଭାଇରାଲ ହୋଇଥିଲା। ଇନଷ୍ଟାଗ୍ରାମରେ ମାତ୍ର ୨୪ ଘଣ୍ଟା ମଧ୍ୟରେ ଏହା ୩୦୩ ନିୟୁତରୁ ଅଧିକ ଲୋକ ଦେଖି ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା। ଏହି ବିପୁଳ ଜନସମର୍ଥନ ପାଇଁ ପ୍ରଧାନମନ୍ତ୍ରୀ ପରବର୍ତ୍ତୀ ସମୟରେ ଏକ ଧନ୍ୟବାଦ ଭିଡିଓ ପୋଷ୍ଟ କରି ଦେଶର ଯୁବପିଢ଼ିଙ୍କୁ କୃତଜ୍ଞତା ଜଣାଇଥିଲେ।

**କେନ୍ଦ୍ର ସରକାରଙ୍କ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ସମନ**

# ଅମରନାଥ ଯାତ୍ରୀବାହୀ ବସ୍ ଦୁର୍ଘଟଣା; ୩୦ ଜଣ ଆହତ

ଗାନ୍ଦେରବାଲ୍, ୨୮।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ଗାନ୍ଦେରବାଲ୍ ଜିଲ୍ଲାରେ ମଙ୍ଗଳବାର ସକାଳେ ବାଲ୍‌ଟାଲ୍ ବେସ୍ କ୍ୟାମ୍ପରୁ ଶ୍ରୀନଗର ଅଭିମୁଖେ ଯାଉଥିବା ଅମରନାଥ ଯାତ୍ରୀବାହୀ ବସ୍ ସୋନମାର୍ଗ ରାସ୍ତାରେ ଓଲଟି ପଡ଼ିଛି। ଏହି ଘଟଣାରେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଟି ପ୍ରାୟ ୫୦ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିଲା। ଗାନ୍ଦେରବାଲ୍ ଜିଲ୍ଲାର ସୋନାମାର୍ଗ ରୋଡ୍‌ରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରୁ ପ୍ରାୟ ୨୦-୨୫ ମିଟର ତଳକୁ ଖସି ପଡ଼ିଥିଲା। ବସ୍‌ଟି ଗଡ଼ିଯାଇ ପାହାଡ଼ ତଳେ ଥିବା ଏକ ଘରର ଛାତ ଉପରେ ଅଟକି ରହିଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ ଆଇଟିବିପି, ସିଆର୍‌ପିଏଫ୍ ଏବଂ ଜମ୍ମୁ-କାଶ୍ମୀର ପୁଲିସ ପକ୍ଷରୁ ବ୍ୟାପକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରେ ସମସ୍ତ ଆହତଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନି ଘଟିନାହିଁ ଏବଂ ଅଧିକାଂଶ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି।

# ଦିଲ୍ଲୀରେ 'ରେଡ୍ ଆଲର୍ଟ'; ପ୍ରବଳ ବର୍ଷାରେ ବେହାଲ ରାଜଧାନୀ



ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କିଛି ଦିନର ପ୍ରବଳ ଗୁଳୁଗୁଳି ପରେ ଏବେ ଦିଲ୍ଲୀ-ଏନସିଆରରେ ମୌସୁମୀ ବାୟୁ ଅଧିକ ସକ୍ରିୟ ହୋଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦିଲ୍ଲୀ ପାଇଁ ରେଡ୍ ଆଲର୍ଟ ଜାରି କରିବା ସହ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅତି ପ୍ରବଳ ବର୍ଷା, ବଜ୍ରପାତ ଏବଂ ଘଡ଼ଘଡ଼ିର ସତର୍କ ସୂଚନା ଦେଇଛି। ମଙ୍ଗଳବାର ସକାଳୁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଆରମ୍ଭ ହୋଇଛି। ସକାଳ ୮.୩୦ ସୁଦ୍ଧା ସଫଦରଜଙ୍ଗରେ ୩୨.୪ ମିଲିମିଟର ଏବଂ ରିଜ୍ ପାଣିପାଗ କେନ୍ଦ୍ରରେ ୩୭.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ସ୍ଥଳଭାଗକୁ ଗତି କରିବା ଫଳରେ ମୌସୁମୀ ବାୟୁ ଅଧିକ ଶକ୍ତିଶାଳୀ ହୋଇଛି। ଫଳରେ 'ମୌସୁମୀ ଟ୍ରଫ୍' ଦିଲ୍ଲୀ ଆଡ଼କୁ ଗତି କରିଛି। ଏହା ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁକୁ ଉତ୍ତର-ପଶ୍ଚିମ ଭାରତ ଆଡ଼କୁ ଟାଣି ଆଣୁଛି। ଏହାଦ୍ୱାରା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ପ୍ରବଳ ମେଘ ସୃଷ୍ଟି ହେବା ସହ ଝଡ଼ବର୍ଷା ଜାରି ରହିଛି। ଆଇଏମ୍‌ଡିର ଆକଳନ ଅନୁସାରେ, ବୁଧବାର ପର୍ଯ୍ୟନ୍ତ ବର୍ଷା ଜାରି ରହିବ। ଦିଲ୍ଲୀ ସମେତ ପଡୋଶୀ ହରିୟାଣାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ ପବନର ବେଗ ମଧ୍ୟ ଅଧିକ ରହିପାରେ, ଯାହା ଫଳରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ଟ୍ରଫ୍ ଏବଂ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଯୋଗୁଁ ଆଗାମୀ କିଛି ଦିନ ପର୍ଯ୍ୟନ୍ତ ସମଗ୍ର ଉତ୍ତର ଭାରତରେ ବର୍ଷା ଜାରି ରଖିବ ବୋଲି ପାଣିପାଗ ବିଭାଗ କହିଛି।

**ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ ଆକ୍ରମଣ ମାମଲା**

# ଏକେ-୪୭, ପେଲେଟ୍ ଗନ୍ ମାଡ଼ କାହିଁକି?: ପ୍ରିୟଙ୍କା




ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଆନ୍ଦୋଳନ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପୁଲିସର ଅମାନୁଷିକ ଏବଂ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ସରକାରଙ୍କ ଉପରେ ପୁଣି ବର୍ଷିଛନ୍ତି ବିରୋଧୀ ଦଳ। ସଂସଦରେ ଏହି ପ୍ରସଙ୍ଗ ଉଠାଇ ସେମାନେ ସରକାରଙ୍କୁ ଘେରିଛନ୍ତି। ନିଜର ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପେଲେଟ୍ ଗନ୍ ଏବଂ ଏକେ-୪୭ ରାଇଫଲ ବ୍ୟବହାର କାହିଁକି କରାଗଲା ? ସେମାନେ କଣ ଆତଙ୍କବାଦୀ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

ଆଜି ଲୋକସଭାରେ ପ୍ରଶ୍ନପତ୍ର ଲିକ୍ ଆଲୋଚନା ବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କାହିଁକି କରାଗଲା ଏବଂ ଏଥିପାଇଁ କିଏ ନିର୍ଦ୍ଦେଶ ଦେଇଥିଲା? ଏହି ପ୍ରଶ୍ନର ଉତ୍ତର କିଏ ଦେବ ବୋଲି ସେ ପଚାରିଥିଲେ। ଶାନ୍ତିପୂର୍ଣ୍ଣ ରୂପେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଲୁହବୁହା ଗ୍ୟାସ, ୱାଟର କାନନ ଏବଂ ଲାଠିମାଡ଼ କରିବା କଣ ଜରୁରୀ ଥିଲା ? ଆନ୍ଦୋଳନରେ ସାମିଲ ଯୁବତୀମାନଙ୍କର କପଡ଼ା ଚିରିବା ଏବଂ ସେମାନଙ୍କୁ ଅମାନବୀୟ ଭାବେ ମାଡ଼ ମାରିବା କେତେଦୂର ଯୁକ୍ତିଯୁକ୍ତ ? ପିଲାମାନଙ୍କ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ନା ସ୍ୱରାଷ୍ଟ୍ର ମନ୍ତ୍ରୀ? ଏହି ପ୍ରଶ୍ନର ଉତ୍ତରକୁ ସାରା ଦେଶ ଅପେକ୍ଷା କରିଛି ବୋଲି ସେ କହିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଲେ ଯେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ଆଦୌ ଗ୍ରହଣୀୟ ନୁହେଁ। ସେ କହିଲେ ଯେ ଛାତ୍ରଛାତ୍ରୀଙ୍କ ଉପରେ କଣ୍ଟା ଲଗା ଲାଠି ମାଡ଼ କରାଯାଇଛି। କେବଳ ଏତିକି ନୁହେଁ, ସେମାନଙ୍କୁ ବିଦ୍ୟୁତ ଲାଠିରେ ମଧ୍ୟ ମାଡ଼ କରାଯାଇଛି। ଏଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ କିଏ ଅନୁମତି ଦେଲା। ଏଭଳି କାର୍ଯ୍ୟାନୁଷ୍ଠାନ ଏମର୍ଜେନ୍ସି ବେଳର ନିର୍ଯାତନାକୁ ମନେ ପକାଉଛି ବୋଲି ସେ କହିଥିଲେ।

# ପ୍ରହ୍ଲାଦ ଯୋଶୀଙ୍କୁ ନେଇ ସରକାର-ବିରୋଧୀ ମୁହାଁମୁହିଁ



ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀ ମଙ୍ଗଳବାର ନବନିଯୁକ୍ତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ନେଇ ଦେଇଥିବା ମନ୍ତବ୍ୟ ବିବାଦ ସୃଷ୍ଟି କରିଛି। ଏଭଳି ମନ୍ତବ୍ୟ ପାଇଁ ସେମାନେ କ୍ଷମା ମାଗନ୍ତୁ ବୋଲି ଶାସକ ଦଳ ଦାବି କରିଛି।

ରାହୁଲ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯାହାକୁ ଶିକ୍ଷା ମନ୍ତ୍ରୀ କରିଛନ୍ତି ସେ ବଳାତ୍କାରୀଙ୍କୁ ସୁରକ୍ଷା ଦେଉଛନ୍ତି। ଯିଏ ବଳାତ୍କାରୀଙ୍କୁ ସୁରକ୍ଷା ଦେବା କଥା କହେ, ତା'ଠାରୁ ଭଲ ଆଶା କରାଯାଇପାରିବ ନାହିଁ। ଏହି ଅଭିଯୋଗ ପଛରେ କାରଣ ହେଉଛି ୨୦୨୨ରେ ବିଲକିସ ବାନୋ ଗଣଦୁଷ୍କର୍ମ ମାମଲାର ଦୋଷୀମାନଙ୍କୁ ଗୁଜରାଟ ସରକାରଙ୍କ ଦ୍ୱାରା ମୁକ୍ତ କରାଯିବାକୁ ନେଇ ପ୍ରହ୍ଲାଦ ଯୋଶୀ ଦେଇଥିବା ପୂର୍ବ ପ୍ରତିକ୍ରିୟା। ଯୋଶୀ ସେତେବେଳେ ଏହି ନିଷ୍ପତ୍ତିକୁ ଆଇନସମ୍ମତ କହି ସମର୍ଥନ କରିଥିଲେ। ଯଦିଓ ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ଏହି ମୁକ୍ତି ଆଦେଶକୁ ରଦ୍ଦ କରି ଦୋଷୀମାନଙ୍କୁ ପୁଣି ଜେଲ୍ ପଠାଇଥିଲେ।

ରାହୁଲଙ୍କ ମନ୍ତବ୍ୟ ପୂର୍ବରୁ ତାଙ୍କ ଭଉଣୀ ତଥା କଂଗ୍ରେସ ସାଂସଦ ପ୍ରିୟଙ୍କା ଭାଦ୍ରା ମଧ୍ୟ ଲୋକସଭାରେ ଯୋଶୀଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଥିଲେ। ଅନ୍ୟପଟେ, କେନ୍ଦ୍ର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ଯେ ପ୍ରିୟଙ୍କା ଗାନ୍ଧୀ ସଂସଦରେ ମିଥ୍ୟା ତଥ୍ୟ ପ୍ରଚାର କରୁଛନ୍ତି ଏବଂ ଏଥିପାଇଁ ସେ କ୍ଷମା ମାଗିବା ଉଚିତ୍। ସରକାରୀ ଦଳର ସଭ୍ୟମାନେ ମଧ୍ୟ କହିଛନ୍ତି ଯେ ପ୍ରିୟଙ୍କାଙ୍କ ଠାରୁ ଏଭଳି ଭାଷା ଆଶା କରାଯାଏ ନାହିଁ। ଗୃହ ବିବରଣୀରୁ ଏହି ବକ୍ତବ୍ୟ ହଟାଇବା ଲାଗି ସେମାନେ ବାଚସ୍ପତିଙ୍କ ନିକଟରେ ଦାବି କରିଛନ୍ତି।

# ଛାତ୍ର ଆନ୍ଦୋଳନକାରୀଙ୍କୁ ପେଲେଟ୍ ଗନ୍ ମାଡ଼ ହୋଇଛି: ରିପୋର୍ଟ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ରାଜଧାନୀରେ ଗତ ଜୁଲାଇ ୨୦ରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଂସଦ ପଦଯାତ୍ରା ସମୟରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବାଦ ବିବାଦ ଚାଲିଥିବା ବେଳେ ନୂତନ ତଥ୍ୟ ସାମ୍ନାକୁ ଆସିଛି। ଦିଲ୍ଲୀ ପୁଲିସ ପକ୍ଷରୁ ପେଲେଟ୍ ଗନ୍ ବ୍ୟବହାର କରାଯାଇଥିବା ଅଭିଯୋଗକୁ ପ୍ରଥମେ ପ୍ରତ୍ୟାଖ୍ୟାନ କରାଯାଇଥିଲେ ହେଁ, ପୁଲିସ୍ ଦସ୍ତାବେଜ ଏହାକୁ ଭୁଲ ପ୍ରମାଣ କରିଛି। ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାର ଜୁଲାଇ ୨୨ର ଏକ ଜେନେରାଲ୍ ପୁଲିସ ଡାଏରୀରେ ହୋଇଥିବା ଏଣ୍ଟ୍ରି ଅନୁଯାୟୀ, ଜୁଲାଇ ୨୦ରେ ଯନ୍ତର ମନ୍ତରଠାରେ ନିୟୋଜିତ ରାପିଡ୍ ଆକ୍ସନ୍ ଫୋର୍ସ (ଆର୍‌ଏଏଫ୍) କର୍ମଚାରୀମାନେ ଦିଲ୍ଲୀ ପୁଲିସର ଜଣେ ଡିସିପି ପାହ୍ୟାର ଅଧିକାରୀଙ୍କ ନିର୍ଦ୍ଦେଶରେ ଦୁଇଥର ଆଣ୍ଟି-ରିଅଟ୍ ଗନ୍ ବ୍ୟବହାର କରିଥିଲେ। ଏହି ଡାଏରୀରେ ସ୍ପଷ୍ଟ କରାଯାଇଛି ଯେ, ଯନ୍ତର ମନ୍ତରର ଜୋନ୍-୧ରେ ନିୟୋଜିତ ଆର୍‌ଏଏଫ୍ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଡିସିପିଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ।

ରିପୋର୍ଟ ଅନୁଯାୟୀ, ସେହିଦିନ ଉତ୍ତେଜିତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଆର୍‌ଏଏଫ୍ ଦ୍ୱାରା ୫୫ଟି ଅଣ-ବୈଦ୍ୟୁତିକ ସେଲ୍‌ଫ, ୧୫ଟି ବୈଦ୍ୟୁତିକ ୫ଟି ଲୁହବୁହା ଗ୍ୟାସ୍ ଗ୍ରେନେଡ୍, ୨ ରାଉଣ୍ଡ ଆଣ୍ଟି-ରିଅଟ୍ ଗନ୍ ବ୍ୟବହାର କରାଯାଇଥିଲା। ଏହି ଆଣ୍ଟି-ରିଅଟ୍ ଗନରେ ପ୍ଲାଷ୍ଟିକ୍ ପେଲେଟ୍ ଥିବା ବାଲିଷ୍ଟିକ୍ କାର୍ଟ୍ରିଜ୍ ବ୍ୟବହାର କରାଯାଇଥିଲା, ଯାହା ଫଳରେ ୪ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଏହି ବନ୍ଧୁକରୁ ବାହାରୁଥିବା ଗୋଟିଏ କାର୍ଟ୍ରିଜ୍ ଅନେକ ଖଣ୍ଡରେ ବିଭକ୍ତ ହୋଇ ଏକାସାଙ୍ଗରେ ଅନେକ ଲୋକଙ୍କୁ ଆଘାତ କରିପାରେ। ଏହି ଘଟଣାକୁ ନେଇ ପୂର୍ବତନ ଆଇପିଏସ୍ ଅଧିକାରୀ ଯଶୋବର୍ଦ୍ଧନ ଆଜାଦ୍ ଏବଂ ଅନ୍ୟ ଦୁଇଜଣ ଆହତ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀମାନେ ବେସାମରିକ ସମାବେଶକୁ ଘଉଡ଼ାଇବା ପାଇଁ ପେଲେଟ୍ ଗନ୍ ବା ପମ୍ପ ଆକ୍ସନ୍ ରାଇଫଲ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବାକୁ ଦାବି କରିଛନ୍ତି। ଘଟଣା ପରେ ଆର୍‌ଏଏଫ୍‌ର ଆଇଜି ସୀମା ଧୁଣ୍ଡିଆ ଏକ ଭର୍ଚୁଆଲ୍ ବୈଠକରେ କହିଛନ୍ତି ଯେ, ଯନ୍ତର ମନ୍ତରରେ ଅତ୍ୟଧିକ ବଳ ପ୍ରୟୋଗ ଅନ୍ୟାୟପୂର୍ଣ୍ଣ ଥିଲା। ସେ ସ୍ପଷ୍ଟ କରିଛନ୍ତି ଯେ ବଳ ପ୍ରୟୋଗ ସର୍ବଦା ନିର୍ଦ୍ଧାରିତ ପ୍ରୋଟୋକଲ୍ ଏବଂ ପ୍ରଶିକ୍ଷଣ ଅନୁଯାୟୀ ହେବା ଉଚିତ୍।

# ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ବିନା ତଦନ୍ତ ନିରର୍ଥକ: ସୁପ୍ରିମକୋର୍ଟ



■ କକ୍ରୋଚ୍ ଆନ୍ଦୋଳନ ବେଳେ ହିଂସା
■ କମିଟି ଗଠନ ହୋଇପାରେ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଜୁଲାଇ ୨୦ରେ ଆୟୋଜିତ ଛାତ୍ର ଆନ୍ଦୋଳନ ସମୟରେ ହୋଇଥିବା ହିଂସାକାଣ୍ଡକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। 'ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ନକରି କରାଯାଉଥିବା ତଦନ୍ତର କୌଣସି ମୂଲ୍ୟ ନାହିଁ' ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ କରି କୋର୍ଟ କହିଛନ୍ତି ଯେ, ଆନ୍ଦୋଳନ ସମୟରେ ପୂର୍ବରୁ ନିର୍ଦ୍ଧାରିତ ନିୟମାବଳୀକୁ ପୁଲିସ ପାଳନ କରିନାହିଁ, ତେଣୁ ଏଥିପାଇଁ ଏକ ନୂତନ ପ୍ରୋଟୋକଲ୍ ବା ନିୟମାବଳୀର ଆବଶ୍ୟକତା ରହିଛି। ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଆସନ୍ତା ସୋମବାର ସୁପ୍ରିମକୋର୍ଟ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ ସୂଚନା ଦେଇଛନ୍ତି। ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି କିମ୍ବା ପୂର୍ବତନ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଏହି କମିଟି ଗଠନ କରାଯିବା ବୋଲି କୁହାଯାଇଛି। ପୁଲିସ ଦ୍ୱାରା ହୋଇଥିବା ଅତ୍ୟାଚାରର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟିର ଆବଶ୍ୟକତା ଥିବା କୋର୍ଟ ଦର୍ଶାଇଛନ୍ତି। ଏହା ସହିତ କେନ୍ଦ୍ର ସରକାରଙ୍କ ସମେତ ଅନ୍ୟ ୭ଟି ରାଜ୍ୟ ଯଥା ଆସାମ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ କେରଳକୁ କୋର୍ଟ ଜବାବ୍ ମାଗିଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୨୦ରେ ଯନ୍ତର ମନ୍ତରରୁ ସଂସଦ ଅଭିମୁଖେ ସିଜେପି ସମର୍ଥକ ଓ ଛାତ୍ରଛାତ୍ରୀ ସଂସଦ ଘେରଉ ପାଇଁ ବାହାରିଥିଲେ। ସେମାନଙ୍କୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ଏବଂ ଲାଠିଚାଳନା କରିଥିଲା। ଛାତ୍ରଙ୍କ ପକ୍ଷରୁ ଓକିଲ ଶ୍ୟାମ ଦିୱାନ କୋର୍ଟରେ ଯୁକ୍ତି କରିଥିଲେ ଯେ, ପୁଲିସ ପକ୍ଷରୁ ପେଲେଟ୍ ଗନ୍ ବ୍ୟବହାର କରାଯିବା ସହ ସାଧା ପୋଷାକରେ ଥିବା କର୍ମଚାରୀମାନେ ହିଂସା ଘଟାଇଥିଲେ। ଏହାର ଉତ୍ତରରେ କେବଳ ଆନ୍ଦୋଳନ ହେଉଛି ବୋଲି ପୁଲିସ ଲାଠିଚାଳନା କରିପାରିବ ନାହିଁ ବୋଲି କୋର୍ଟ କଡ଼ା ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି ବିରୋଧ ପ୍ରଦର୍ଶନକୁ ଗଣତନ୍ତ୍ରର ଏକ ଅଂଶ ବୋଲି କହିଛନ୍ତି। ଏହାସହ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଆନ୍ଦୋଳନରେ ବାହାରୁ ଆସିଥିବା କିଛି ଅସାମାଜିକ ତତ୍ତ୍ୱ ପ୍ରବେଶ କରି ହିଂସା ଘଟାଇଥାଇ ପାରନ୍ତି ବୋଲି କୋର୍ଟ ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ, ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା କହିଛନ୍ତି ଯେ, ଏହି ହିଂସାରେ ପ୍ରାୟ ୨୫୦ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ଏବଂ ଏଥିରେ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ସାମିଲ ଥିଲେ। ତେବେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କେହି ସୀମା ଲଂଘନ କରିଥାନ୍ତି, ତେବେ ଆଇନ ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନଥିବା ଗିରଫ ଛାତ୍ରଛାତ୍ରୀଙ୍କୁ ମୁକ୍ତ କରିବା ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# କକ୍ରୋଚ୍ ଆନ୍ଦୋଳନରେ ୨, ୮୭୩ ଅପରାଧୀ ସାମିଲ: ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ସିଜେପି ପକ୍ଷରୁ 'ସଂସଦ ଚଲୋ' ପଦଯାତ୍ରାରେ ବହୁ ସଂଖ୍ୟାରେ ଅପରାଧୀ ସାମିଲ ଥିବା ନେଇ ଦିଲ୍ଲୀ ପୁଲିସ ଏକ ଚାଞ୍ଚଲ୍ୟକର ତଥ୍ୟ ପ୍ରଦାନ କରିଛି। ସିସିଟିଭି ଫୁଟେଜ୍ ଏବଂ ଫେସିଆଲ୍ ରିକଗ୍ନିସନ୍ ସିଷ୍ଟମ ପରି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପୁଲିସ ପ୍ରାୟ ୨, ୮୭୩ ଜଣ ଅପରାଧୀଙ୍କୁ ଚିହ୍ନଟ କରିଛି। ଏହି ଅପରାଧୀମାନେ ବିକ୍ଷୋଭ ପ୍ରଦର୍ଶନରେ ସକ୍ରିୟ ଥିଲେ ବୋଲି ପୁଲିସ ସୂଚନା ଦେଇଛି। ଦିଲ୍ଲୀ ପୁଲିସର ରେକର୍ଡ ଅନୁଯାୟୀ, ଚିହ୍ନଟ ହୋଇଥିବା ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ୯୮୯ ଜଣଙ୍କ ବିରୋଧରେ ଅତି ଗୁରୁତର ଅପରାଧିକ ମାମଲା ରହିଛି। ବିଶେଷ କରି ୧୦୧ ଜଣ ହତ୍ୟା ଅଭିଯୁକ୍ତ ଏହି ଆନ୍ଦୋଳନରେ ସାମିଲ ଥିଲେ। ପୁଲିସ ଦ୍ୱାରା ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ବିକ୍ଷୋଭକାରୀଙ୍କ ମଧ୍ୟରେ ୧୦୧ ଜଣ ହତ୍ୟା ଅଭିଯୁକ୍ତ, ୬୨ ଜଣ ହତ୍ୟା ଉଦ୍ୟମ ଅଭିଯୁକ୍ତ, ୨୮୪ ଜଣ ଡକାୟତି ଓ ରାହାଜାନି, ୬୧ ଜଣ ଦୁଷ୍କର୍ମ ଅଭିଯୁକ୍ତ ଏବଂ ୬ ଜଣଙ୍କ ବିରୋଧରେ ପକ୍ସୋ ମାମଲା ରହିଛି। ସେହିପରି ମହିଳାଙ୍କ ବିରୋଧରେ ଅପରାଧ (୨୫), ଅସ୍ତ୍ରଶସ୍ତ୍ର ଆଇନ ବା ଆର୍ମସ ଆକ୍ଟ (୨୨୯), ଛିନତାଇ (୧୩୫), ଅପହରଣ (୧୯) ଏବଂ ନିଶାଦ୍ରବ୍ୟ କାରବାର (୬୭) ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନେ ମଧ୍ୟ ଏହି ଭିଡ଼ରେ ଉପସ୍ଥିତ ଥିଲେ।


ଜୁଲାଇ ୨୦ରେ ଯନ୍ତର ମନ୍ତର ଅଞ୍ଚଳରେ ହୋଇଥିବା ଏହି ସଂଘର୍ଷରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲାଠିଚାର୍ଜ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଏହି ହିଂସାରେ ୧୧୮ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି, ଯେଉଁଥିରେ ସ୍ପେଶାଲ କମିଶନର, ଯୁଗ୍ମ କମିଶନର ଏବଂ ଡିସିପି ପାହ୍ୟାର ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଅନ୍ୟପକ୍ଷରେ ପ୍ରାୟ ୬୦ ଜଣ ଆନ୍ଦୋଳନକାରୀ ଆହତ ହୋଇଥିବା ସୂଚନା ମିଳିଛି। ଏହାସହ ସାମାଜିକ ଗଣମାଧ୍ୟମରେ ଆନ୍ଦୋଳନ ସମୟରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଅପମାନଜନକ ଓ ଆପତ୍ତିଜନକ ପୋଷ୍ଟ ଶେୟାର କରାଯିବାକୁ ଦିଲ୍ଲୀ ପୁଲିସ ଗୁରୁତର ସହ ନେଇଛି। ଏପରି ଭିଡିଓ ଓ ବିଷୟବସ୍ତୁଗୁଡ଼ିକୁ ହଟାଇବା ପାଇଁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ନୋଟିସ୍ ଜାରି କରାଯାଇଛି। ପୁଲିସ ମୁତାବକ, ଏହି ଅପରାଧୀମାନଙ୍କ ମଧ୍ୟରୁ ଅନେକ ବାରମ୍ବାର ଅପରାଧ ଘଟାଉଥିବା ବ୍ୟକ୍ତି ଅଟନ୍ତି।

# ସ୍ତ୍ରୀକୁ ହତ୍ୟା କରି ଶାଶୂ ଶ୍ୱଶୁରଙ୍କୁ ଭିଡିଓ କଲ୍‌ରେ ଦେଖାଇଲା ସ୍ୱାମୀ

ବାଗଲକୋଟ, ୨୮।୭(ଏଜେନ୍ସି): କର୍ଣ୍ଣାଟକର ବାଗଲକୋଟ ଜିଲ୍ଲାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ନିଜ ଶାଶୁ ଶ୍ୱଶୁରଙ୍କୁ ଭିଡିଓ କଲ୍ କରି ସେହି ଦୃଶ୍ୟ ଦେଖିବାକୁ ବାଧ କରିଥିବା ଘଟଣା ସାମ୍ନାକୁ ଆସିଛି। ସୋମବାର ରାତିରେ ଘଟିଥିବା ଏହି ଜଘନ୍ୟ ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରବୀଣ ଜିଗାଲୁରୁ ନିଜ ପତ୍ନୀ ଭାଗ୍ୟଶ୍ରୀ (୨୩)ଙ୍କୁ ଏକ କାଠ ବାଡ଼ିରେ ନିର୍ମମ ଭାବେ ପିଟିଥିଲେ। ଏହାପରେ ସେ ଏକ ଓଢ଼ଣୀକୁ ଭାଗ୍ୟଶ୍ରୀଙ୍କ ବେକରେ ବାନ୍ଧି ଶୋଇବା ଘରେ ଟାଙ୍ଗି ଦେଇଥିଲା। ମୃତ୍ୟୁ ସହିତ ସଂଗ୍ରାମ କରି ଛଟପଟ ହେଉଥିବା ସମୟରେ ଅଭିଯୁକ୍ତ ଭାଗ୍ୟଶ୍ରୀଙ୍କ ପିତାମାତାଙ୍କୁ ଭିଡିଓ କଲ୍ କରି ସେମାନଙ୍କ ଝିଅର ଅନ୍ତିମ ମୁହୂର୍ତ୍ତକୁ ଦେଖିବାକୁ ବାଧ କରିଥିଲା। ଏହାପରେ ସେ ଏହି ସମଗ୍ର ଘଟଣାର ଏକ ଭିଡିଓ ରେକର୍ଡ କରି ନିଜର ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କୁ ମଧ୍ୟ ପଠାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରବୀଣ ନିଜ ପତ୍ନୀଙ୍କର ଅନ୍ୟ କାହା ସହ ସମ୍ପର୍କ ଥିବା ସନ୍ଦେହ କରୁଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପ୍ରାୟତଃ ବିବାଦ ଲାଗି ରହୁଥିଲା। ସେଥିପାଇଁ ଭାଗ୍ୟଶ୍ରୀ ନିଜ ପିତାମାତାଙ୍କ ଘରେ ରହୁଥିଲେ। ତେବେ ତାଙ୍କୁ ବୁଝାସୁଝା କରି ପ୍ରବୀଣ ଗତକାଲି ଭାଗ୍ୟଶ୍ରୀଙ୍କୁ ଘରକୁ ଫେରାଇ ଆଣିଥିଲା। କିନ୍ତୁ ସନ୍ଧ୍ୟାରେ ହିଁ ସେ ତାଙ୍କୁ ହତ୍ୟା କରିଥିଲା।

# ଜଳୁଛି ପିଓକେ: ସୁରକ୍ଷାକର୍ମୀଙ୍କ ଗୁଳିରେ ୧୯ ମୃତ

ମୁଜାଫରାବାଦ, ୨୮।୭(ଏଜେନ୍ସି): ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଚାଲିଥିବା ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ବ୍ୟାପକ ହିଂସାକାଣ୍ଡ ଘଟିଛି। ନିର୍ବାଚନ ବର୍ଜନ ଦାବିରେ ଆନ୍ଦୋଳନ କରୁଥିବା ପ୍ରଦର୍ଶନକାରୀଙ୍କ ଉପରେ ପାକିସ୍ତାନୀ ସୁରକ୍ଷା ବାହିନୀ ଗୁଳିଚାଳନା କରିବା ଫଳରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ରାୱାଲାକୋଟ୍ ଅଞ୍ଚଳରେ ଜଏଣ୍ଟ ଆୱାମୀ ଆକ୍ସନ କମିଟି (ଜେଏଏସି) ପକ୍ଷରୁ ସରକାରଙ୍କୁ ବିରୋଧ କରି ଶୋଭାଯାତ୍ରା ବାହାରିଥିଲା। ଏହି ସମୟରେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ଘଟିଥିଲା। ଜେଏଏସି ଅଭିଯୋଗ କରିଛି ଯେ ସୁରକ୍ଷା ବାହିନୀ ପ୍ରଦର୍ଶନକାରୀଙ୍କ ଉପରେ ଆଖିମୁଜା ଗୁଳିଚାଳନା କରିଥିଲେ। ସେଥିରେ ୧୯ ଜଣଙ୍କର ପ୍ରାଣହାନି ଘଟିଛି। ଅପରପକ୍ଷରେ, ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଭିଯୋଗ କରିଛି ଯେ ଶାସକ ପାକିସ୍ତାନ ମୁସଲିମ ଲିଗ୍-ନୱାଜର ସମର୍ଥକଙ୍କ ଗୁଳିରେ ତାଙ୍କର ଜଣେ କର୍ମୀଙ୍କ ମୃତ୍ୟୁ ଘଟିଛି। ନିର୍ବାଚନ ବର୍ଜନ ଡାକରାର ପ୍ରଭାବରେ ଢାଡିଆଲ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବୁଥରେ ଜଣେ ହେଲେ ଭୋଟର ମତଦାନ କରିବାକୁ ଆସି ନାହାନ୍ତି। ଅନେକ ଅଞ୍ଚଳରେ ମତଦାନ କେନ୍ଦ୍ରଗୁଡ଼ିକ ଖାଲି ପଡ଼ିଥିବା ଦେଖାଯାଇଛି। ଏହି ବିକ୍ଷୋଭର ମୂଳରେ ରହିଛି କାଶ୍ମୀରୀ ଶରଣାର୍ଥୀଙ୍କ ପାଇଁ ସଂରକ୍ଷିତ



୧୨ଟି ଆସନ। ପିଓକେ ବାହାରର ଲୋକଙ୍କୁ ପିଓକେରେ ସରକାର ଗଠନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ନୁହେଁ ବୋଲି ଜେଏଏସିର ଦାବି କରିଛି। ପରିସ୍ଥିତି ଗୁରୁତର ଥିବାରୁ ପୁଞ୍ଛ ଡିଭିଜନରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଛି। ପୂର୍ବରୁ ୨୦୨୧ ନିର୍ବାଚନ ପରଠାରୁ ପିଓକେ ରାଜନୀତିରେ ଅସ୍ଥିରତା ଲାଗି ରହିଛି। ଏହି ଅଞ୍ଚଳରେ ଅନେକ ଥର ପ୍ରଧାନମନ୍ତ୍ରୀ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ଇମ୍ରାନ ଖାନଙ୍କ ଦଳ ଆନ୍ଦୋଳନକାରୀଙ୍କ ସମର୍ଥନରେ ଏହି ନିର୍ବାଚନକୁ ବର୍ଜନ କରିଛି। ସମ୍ପୂର୍ଣ୍ଣ ଅଞ୍ଚଳରେ ୧୮, ୦୦୦ ରୁ ଅଧିକ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏହି ଘଟଣା ଉପରେ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାକିସ୍ତାନର ନିନ୍ଦା କରିଛି।

# ଅଯୋଗ୍ୟଙ୍କ ପାଇଁ ରାଜକୋଷରୁ ୪୯ କୋଟି ବ୍ୟୟ

## ଦୁର୍ନୀତିକୁ ଢ଼ାଙ୍କିବାକୁ ଆରମ୍ଭ ହେଲା ଯୋଜନା

ଭୁବନେଶ୍ୱର, ୨୮ ।୭ (ସମିସ): ଏମ୍‌ଇଡି ଯୋଗ୍ୟତା ନଥାଇ ୧୬୦ରୁ ଅଧିକ ଅଧ୍ୟାପକ ବିଇଡି କଲେଜରେ ନିଯୁକ୍ତି ପାଇଛନ୍ତି। ଲେବୁଲ୍-୧୦ ଦରମା ମଧ୍ୟ ପାଉଛନ୍ତି। ମାସିକ ହାରାହାରି ୮୫ହଜାର ଲେଖାଏଁ ପ୍ରାୟ ୪୯ କୋଟି ଟଙ୍କା ଦରମା ନେଇଛନ୍ତି। ବିପୁଳ ରାଜସ୍ୱ ଅପବ୍ୟୟ ହେଉଥିବା ସତ୍ତ୍ୱେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବା ପାଇଁ ସରକାର ଆହୁରି ଅଧିକ ଆର୍ଥିକ ବୋଝ ବୋହିବାକୁ ପ୍ରସ୍ତୁତ ହୋଇଛନ୍ତି। ସରକାରୀ ତହବିଲ୍‌ରୁ ଦରମା ଦେଇ ସେମାନଙ୍କୁ ଏମ୍‌ଇଡି ପଢ଼ାଇବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫଳରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯୋଗ୍ୟତା ନ ଥାଇ ଅଧ୍ୟାପକ ନିଯୁକ୍ତି ପାଇଥିବା ଅଭିଯୋଗ ହେବା ପରେ ୧୫ ଟି କଲେଜକୁ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରିବା ପାଇଁ ଏନ୍‌ସିଟିଇ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଦାଖଲର ଅବଧି ସରିବାକୁ ଆଉ ମାତ୍ର ୨ ଦିନ ବାକି ଥିବାବେଳେ ଅର୍ଦ୍ଧାଧିକ କଲେଜ

■ ଏମ୍‌ଇଡି ପଢ଼ାଇବା ପାଇଁ ପ୍ରସ୍ତୁତ ହେଉଛି ମାର୍ଗଦର୍ଶିକା
■ ଏନ୍‌ସିଟିଇ ନୋଟିସ୍ ଛାଟ; ୨ ଦିନରେ ପୂରିବ କଣ୍ଟ
■ ଏଯାଏଁ ରିପୋର୍ଟ ଦେଇ ନାହାନ୍ତି ଅର୍ଦ୍ଧାଧିକ କଲେଜ

ରିପୋର୍ଟ ଦେଇନାହାନ୍ତି। ଏହାରି ମଧ୍ୟରେ ଅଯୋଗ୍ୟଙ୍କୁ ଯୋଗ୍ୟ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ତତ୍ପର ହୋଇଛି। ପ୍ରାୟ ୧୬୦ ଜଣ ଅଧ୍ୟାପକ ଇଚ୍ଛାପତ୍ର ଦାଖଲ କରିଥିବାବେଳେ ସେମାନଙ୍କୁ ଏମ୍‌ଇଡି ପଢ଼ାଇବା ପାଇଁ ବିଭାଗ ମାର୍ଗଦର୍ଶିକା ପ୍ରସ୍ତୁତ କରୁଛି। ପୂର୍ବରୁ ପ୍ରାୟ ୪୯ କୋଟି ଟଙ୍କା ଦରମା ନେଇ ସାରିଥିବା ଏହି ଅଧ୍ୟାପକଙ୍କୁ ଏମ୍‌ଇଡି ପଢ଼ିବା ସମୟରେ ଦରମା ଦେବେ ନା ନାହିଁ, ତାହା ସବୁଠାରୁ ବିତର୍କିତ ବିଷୟ ହୋଇଛି। ପାଠପାଠ ସମୟରେ ଦରମା ଦେଲେ ଅଡୁଆ ବଢ଼ିବ ବୋଲି କିଛି ଅଧିକାରୀ ମତବ୍ୟକ୍ତ କରୁଥିବାବେଳେ ଦରମା ନ ଦେଲେ ମଧ୍ୟ ଆଇନ୍ ଜାଲରେ ଛନ୍ଦି ହେବାର ଆଶଙ୍କା ରହିଛି। ଏଣୁ ଅଯୋଗ୍ୟଙ୍କୁ ଯୋଗ୍ୟ କରିବାକୁ ଯାଇ ସରକାର ଓ ଉଚ୍ଚଶିକ୍ଷା ବିଭାଗ ଏବେ ହରଡ଼ଘଣାରେ ପଡ଼ିଛନ୍ତି। ମାର୍ଗଦର୍ଶିକା ପ୍ରସ୍ତୁତି ପୂର୍ବରୁ ବ୍ୟାପକ ଆଲୋଚନା ଜାରି ରଖିଥିବାବେଳେ ସମସ୍ତ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ବଢ଼ିଛି। ଅପରପକ୍ଷରେ ଏମ୍‌ଇଡି କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଧ୍ୟାପକଙ୍କ ଇଚ୍ଛାପତ୍ର ମଗାଯାଇଥିବାରୁ ଏହାକୁ ମଧ୍ୟ ପ୍ରମାଣ ଭାବେ ଏନ୍‌ସିଟିଇ ଗ୍ରହଣ କରିପାରେ। ଏପରି ହେଲେ ଦୀର୍ଘ ୩ ବର୍ଷ ହେଲା ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇ ସ୍ୱୀକୃତି ହାତେଇଥିବାରୁ ଏନ୍‌ସିଟିଇ ଅଧିକ କଠୋର ହୋଇପାରେ। ଗତବର୍ଷ ଏନ୍‌ସିଟିଇ ପକ୍ଷରୁ ସମାନ ଅଭିଯୋଗରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଥିବାବେଳେ ସରକାର କୌଣସି ଉତ୍ତର ରଖି ନ ଥିଲେ। ସମ୍ପ୍ରତି କଲେଜଗୁଡ଼ିକ ଯଦି ରିପୋର୍ଟ ନ ଦିଅନ୍ତି, ତାହେଲେ ଆଉଥରେ ନୋଟିସ୍ ନଦେଇ ଏନ୍‌ସିଟିଇ ସିଧାସଳଖ କାରଣଦର୍ଶାଅ ନୋଟିସ୍ ଜାରି କରିବ। ଏହାର ଦୁଇ ସପ୍ତାହ ମଧ୍ୟରେ ସ୍ୱୀକୃତି ପ୍ରତ୍ୟାହାର ହୋଇପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଜ୍ୟୋତିର୍ମୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

## ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା



ଭୁବନେଶ୍ୱର,୨୮।୭ (ସମିସ): ଇଣ୍ଡିଆନ୍ ଆଇଡଲ୍-ସିଜିନ୍-୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି ମୁଖ୍ୟମନ୍ତ୍ରୀ ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ। ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା। ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବକୁ ଉଚ୍ଚ ପ୍ରଶଂସା କରି କହିଥିଲେ ଯେ, ଜ୍ୟୋତିର୍ମୟୀ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍'। ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ ସୃଷ୍ଟି କରିବ। ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି କହିବା ସହ ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ।

## ଆଜି ପ୍ରକାଶ ପାଇବ ଯୁକ୍ତ ୩ ତୃତୀୟ ରାଉଣ୍ଡ କଟ୍‌ଅଫ୍

ଭୁବନେଶ୍ୱର, ୨୮ ।୭ (ସମିସ): ଯୁକ୍ତ ୩ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ବୁଧବାର ଦିନ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଅପରାହ୍ନ ୨ ଟାରେ ସାମସ୍ ୱେବସାଇଟ୍‌ରେ ମେଧା ତାଲିକା ଉପଲବ୍ଧ ହେବ। ଏହି ରାଉଣ୍ଡରେ ଚୟନ ହେଲେ ନାମଲେଖା ବାଧ୍ୟତାମୂଳକ। ଯେଉଁ ଛାତ୍ରଛାତ୍ରୀ ନାମ ଲେଖାଇବେ ନାହିଁ, ସେମାନେ ନାମଲେଖା ପ୍ରକ୍ରିୟାରୁ ସମ୍ପୂର୍ଣ୍ଣ ବାଦ ପଡ଼ିବେ। ଏହି ରାଉଣ୍ଡ ନାମଲେଖା ସରିବା ପରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରେ ମୋଟ୍ ୨ ଲକ୍ଷ ୮୭ ହଜାର ୬୪୭ ଟି ସିଟ୍ ଉପଲବ୍ଧ ଥିବାବେଳେ ୨ ଲକ୍ଷ ୩୭ ହଜାର ୨ ଶହ ଜଣ ଆବେଦନ କରିଛନ୍ତି।

## ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ତେଜିଲା

# ରାଜରାସ୍ତାରେ ସଂଗ୍ରାମ କରିବ କଂଗ୍ରେସ: ଦେଶାଇ

ଭୁବନେଶ୍ୱର,୨୮।୭ (ସମିସ): ଓଡ଼ିଶାରେ ପାଠ୍ୟ ପୁସ୍ତକରେ ମୋଟ ୧୬୭୮ ତ୍ରୁଟି ହେବା ସାଧାରଣ ଘଟଣା ନୁହେଁ, ପୁଣି ପିଲାଙ୍କ ପଢାବହିରେ ଓଡିଶା ବିଧାନସଭା ଫଟୋ ସ୍ଥାନରେ କର୍ଣ୍ଣାଟକ ବିଧାନସଭାର, କୋଣାର୍କ ମନ୍ଦିର ସ୍ଥାନରେ ହାମ୍ପିର ଫୋଟୋ ଆଦି ଛାପିବା ଗୁରୁତର ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ପିସିସି ପ୍ରଭାରୀ ଲାଲଜୀ ଦେଶାଇ। ବୁଧବାର ଶ୍ରୀ ଦେଶାଇ କହିଛନ୍ତି, ଓଡ଼ିଶାରେ ପ୍ରାୟ ୧୦ ହଜାର ସରକାରୀ ସ୍କୁଲରେ ତାଲା ପଡିଛି। ୮୦ ହଜାର ଶିକ୍ଷକ ପଦବୀ ଖାଲି ପଡିଛି। ପିଲାଙ୍କ ସାମାନ୍ୟ ବହି ଠିକ ଭାବରେ ଛପେଇ ନ ପାରିବା କ'ଣ ଓଡ଼ିଆ ଅସ୍ମିତା ବୋଲି ଶ୍ରୀ ଦେଶାଇ ପ୍ରଶ୍ନ କରିଛନ୍ତି। ବିଜେପି ଓଡ଼ିଆ ଅସ୍ମିତା ନାମରେ ସରକାରକୁ ଆସି ବର୍ତ୍ତମାନ ଓଡ଼ିଆଙ୍କ ସମ୍ମାନକୁ ସମସ୍ତ କ୍ଷେତ୍ରରେ ବଦନାମ କରୁଛନ୍ତି।

ଏହି ପ୍ରସଙ୍ଗରେ କଂଗ୍ରେସର ଆଗାମୀ ପଦକ୍ଷେପକୁ ନେଇ ସେ କହିଛନ୍ତି ଯେ, ଛୋଟ ପିଲା ରାଜରାସ୍ତାକୁ ଆସିବା ଦରକାର ନାହିଁ, ତାହା ବଦଳରେ କଂଗ୍ରେସ ଦଳର କର୍ମକର୍ତ୍ତା ଶିକ୍ଷାର ସଂସ୍କାର ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ଦେଶାଇ



କହିଛନ୍ତି। ନିଜ ଉକ୍ତିର ପୁନରାବୃତ୍ତି କରି ୭ ଦିନ ମଧ୍ୟରେ ମନ୍ତ୍ରୀ ଇସ୍ତଫା ନ ଦେଲେ ଓଡିଶା ବନ୍ଦ ଡାକରା ହେବ ବୋଲି ଓପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ସେ ପୁଣି କହିଛନ୍ତି ଯେ, ଯଦି କର୍ତ୍ତବ୍ୟରେ ଅବହେଳା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେଲେ ତେବେ ପାଠ୍ୟ ପୁସ୍ତକରେ ଅକ୍ଷମଣୀୟ ଭୁଲ ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ କାହିଁକି ଦେବେ ନାହିଁ ବୋଲି ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି। ଆଜି ସନ୍ଧ୍ୟା ୫ ଟାରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିନେଇ କଂଗ୍ରେସ ଭବନରୁ ଏକ ବିଶାଳ ପଦଯାତ୍ରା ଲୋକସେବା ଭବନକୁ ଶ୍ରୀ ଦେଶାଇ ଓ ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଏବଂ କଂଗ୍ରେସର ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତା ପ୍ରତିବାଦ ଯାତ୍ରାରେ ସାମିଲ ହୋଇଥିବା ବେଳେ ଏଥିରେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଏହି ପ୍ରେସ ବିବୃତ୍ତିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଓପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣ

# ୩ ଗିରଫ, ଖୋଲୁଛି ରାଜସ୍ଥାନ ଗ୍ୟାଙ୍ଗ୍ ଗୁମର

ଭୁବନେଶ୍ୱର,୨୮ ।୭ (ସମିସ): ଆନ୍ତଃରାଜ୍ୟ ଗଞ୍ଜେଇ ଚୋରା ଚାଲାଣରେ ରାକେଟ୍‌ରେ ଖୋଲୁଛି ରାଜସ୍ଥାନ ଗ୍ୟାଙ୍ଗର ଗୁମର। ରାଜସ୍ଥାନ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ପାରସ ନାଥକୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚର ଏସ୍‌ଟିଏଫ୍ ଗିରଫ କରିଥିଲା ବେଳେ ମଙ୍ଗଳବାର ଏହି ଗ୍ୟାଙ୍ଗର ଆଉ ୩ ସଦସ୍ୟଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ଗିରଫ ସମସ୍ତ ଅଭିଯୁକ୍ତ ଗଞ୍ଜାମ ଜିଲ୍ଲାର ହୋଇଥିଲା ବେଳେ ଏମାନେ ପାରସ ସହ ମିଶି ଓଡ଼ିଶାର ଗଜପତିରୁ ରାଜସ୍ଥାନକୁ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ଏହି ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡିର ଥାନା ବଡ଼ଦାଣ୍ଡ ସାହିର ଶିବରାମ ବିଶ୍ୱାଳ, ଛଣମେରୀ ଗ୍ରାମର ଶିବରାମ ପାତ୍ର, ବ୍ରହ୍ମପୁର ବଡ଼ବଜାର ଅଞ୍ଚଳର କାହ୍ନା ମିଟୁ ଓରଫ ମନୋରଞ୍ଜନ ସାବତ। ଏମାନଙ୍କ ଠାରୁ ପୁଲିସ ୩.୫ ଲକ୍ଷ ଟଙ୍କା ଜବତ କରିଛି। ଏହାସହ ଦୁଇ ମୋବାଇଲ ଫୋନ୍ ଏବଂ ଗଞ୍ଜେଇ ଚାଲାଣ ସମ୍ପର୍କୀତ କିଛି ଅପରାଧଜନକ ଦସ୍ତାବିଜ ଜବତ ହୋଇଛି। ଏସ୍‌ଟିଏଫ୍ ସୂଚନା ମୁତାବକ, ସମସ୍ତ ଅଭିଯୁକ୍ତ ଗଜପତି ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରନ୍ତି। ଏହାପରେ ଗଞ୍ଜେଇ କେବଳ ରାଜସ୍ଥାନ ନୁହେଁ ବରଂ ଦେଶ ସାରା ପରିବହନ କରନ୍ତି। ଏମାନଙ୍କୁ ଗିରଫ କରାଯିବା ପରେ କୋର୍ଟରେ ହାଜର କରାଯିବ। ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡ ନେଇ ପଚରାଉଚରା କରିବାକୁ କ୍ରାଇମ୍‌ବ୍ରାଞ୍ଚ କୋର୍ଟଙ୍କୁ ଅନୁରୋଧ କରିବ। କୋର୍ଟଙ୍କ ଅନୁମତି ପରେ ତାଙ୍କୁ ନିଶା କାରବାର ସମ୍ପର୍କରେ ପଚରାଉଚରା କରାଯିବ।

## ୨୪୬ ମିମି ବର୍ଷା

# ବୁଡ଼ିଲା ବାଲେଶ୍ୱର ସହର

ବାଲେଶ୍ୱର,୨୮।୭ (ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୪୬.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଲଗାଣ ବର୍ଷା ଫଳରେ ସହରର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିବା ବେଳେ ଅନେକ ଘରେ ପାଣି ପଶିଯାଇ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ସହରର



ଗୋପାଳ ଗାଁ, ସିନେମା ଛକ, ନୂଆସାହି, ବାଲିଆ ରାସ୍ତା, ଦରଜୀ ପୋଖରୀ, ଆଜିମାବାଦ, ପଡୁଁଆପଦା, ଭାସ୍କରଗଞ୍ଜ, ଚୁନଭାଟି, ମଠସାହି, ଗୁଡ଼ିପଦା, କଂଗ୍ରେସ ଗଳି, ଚିଡ଼ିଆପୋଲ, କୁରୁଡା ଏବଂ ରେମୁଣା ଗୋଲେଇ ପ୍ରମୁଖ ଅଞ୍ଚଳରେ ରାସ୍ତାଘାଟ ଜଳମଗ୍ନ ହୋଇପଡ଼ିଛି। ଏସବୁ ସ୍ଥାନରେ ଡ୍ରେନ ପାଣି ରାସ୍ତାରେ ପ୍ରବାହିତ ହେଉଥିବା ବେଳେ ନିମ୍ନାଞ୍ଚଳର ଘରଗୁଡ଼ିକ ଭିତରକୁ ବର୍ଷାଜଳ ପଶିଯାଇଛି। ଫଳରେ ଲୋକମାନଙ୍କ ଆସବାବପତ୍ର, ଖାଦ୍ୟ ସାମଗ୍ରୀ ଏବଂ ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷପତ୍ର କ୍ଷତିଗ୍ରସ୍ତ ହୋଇଛି। ଦୋକାନୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ଅନେକ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ଚାଲୁଥିବାରୁ ଯାନବାହନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଦୁଇଚକିଆ ଯାନ ଚାଳକମାନେ ସବୁଠାରୁ ଅଧିକ ହଇରାଣ ହେଉଥିବା ବେଳେ ଅନେକ ଗାଡ଼ି ମଝି ରାସ୍ତାରେ ଫସିରହିଥିବା ଦେଖାଯାଇଛି। ବର୍ଷା ସହ ଜଳବନ୍ଦୀ ପରିସ୍ଥିତି ଯୋଗୁଁ ବ୍ୟବସାୟ, ଶିକ୍ଷା ଓ ସାଧାରଣ କାର୍ଯ୍ୟକଳାପ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ଅଞ୍ଚଳରେ ବହୁ ପରିବାର ଘର ଭିତରେ ଅଟକି ରହିଥିବା ବେଳେ ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଇଛି। ବୃଦ୍ଧ, ଶିଶୁ ଓ ରୋଗୀମାନଙ୍କ ଅବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଉଛି। ଏପଟେ ଲଗାଣ ବର୍ଷା ଓ ଜଳବନ୍ଦୀ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ, ବାଲେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ମଙ୍ଗଳବାର ପାଇଁ ବନ୍ଦ ରଖାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ସ୍ଥାନୀୟ ବର୍ଷାଜନିତ ପରିସ୍ଥିତି ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବୁଢ଼ା, କାଣୀ ନଦୀରେ ବଡ଼ ବନ୍ୟା ଆଶଙ୍କା

ଯାଜପୁର,୨୮।୭ (ସମିସ): ଗତ କିଛି ଦିନ ଧରି ବୈତରଣୀ ନଦୀର ଉପର ମୁଣ୍ଡରେ ଲଗାଣ ବର୍ଷା ଫଳରେ ବୈତରଣୀ ଏବଂ ଏହାର ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଆଖୁଆପଦା ଠାରେ ବୈତରଣୀ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେବା ଫଳରେ ଏହାର ଶାଖା ବୁଢ଼ା, କାଣୀ ନଦୀରେ ବଡ଼ ଧରଣର ବନ୍ୟା ହେବାର ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ଓ ଲଗାଣ ବର୍ଷା ଜନିତ କ୍ଷୟକ୍ଷତିର ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ବଡ଼ ଧରଣର ବନ୍ୟାର ଆଶଙ୍କା କରି ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେବା ସହିତ ସୁରକ୍ଷିତ ସ୍ଥାନ ଯଥା- ସ୍କୁଲ, କଲେଜ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇଛି। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଦଶରଥପୁରରେ ଅବସ୍ଥାନ କରି ପରିସ୍ଥିତିର ସମୀକ୍ଷା କରୁଛନ୍ତି। ବ୍ଲକ କାର୍ଯ୍ୟାଳୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇ ବନ୍ୟା ମୁକାବିଲା ପାଇଁ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବନ୍ୟାଜଳରେ ଭାସିଗଲେ ଯୁବତୀ

କେନ୍ଦୁଝର,୨୮ ।୭ (ସମିସ): ଆନନ୍ଦପୁର, ପାଟଣା ଏବଂ ଚମ୍ପୁଆଠାରେ ବୈତରଣୀ ନଦୀ ଜଳସ୍ତର ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ତଳ ମୁଣ୍ଡରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ବନ୍ୟାଜଳ ଅଧିକ ମାତ୍ରାରେ ପ୍ରବାହିତ ହେବାରୁ ନଦିତଳିଆ ଗାଁଗୁଡିକୁ ବନ୍ୟା ଜଳ ଘେରିଯାଇଛି। ଜାତୀୟ ରାଜପଥ ୪୯ ର ଜଗମୋହନପୁର-ଜନସନପୁର ରାସ୍ତାର ରୁଗୁଡି ଗାଁ ନିକଟରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବା କାରଣରୁ ସେହି ରାସ୍ତା ଦେଇ ଗାଡିମୋଟର ଚଳାଚଳକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସାମୟିକ ଭାବେ ନିଷିଦ୍ଧ କରିଛନ୍ତି। ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ଭାରୀଯାନ ଅଟକି ରହିଛି।

■ ୪୯ ନମ୍ବର ରାଜପଥ ବନ୍ଦ
■ ଆନନ୍ଦପୁର ବ୍ୟାରେଜ୍ ଖୋଲିଲା ୨୭ ଗେଟ୍
■ ରେମାଳ ଡ୍ୟାମ୍ ୨ ଗେଟ୍ ଖୋଲା

ଅନ୍ୟପକ୍ଷରେ, କେନ୍ଦୁଝର ଜିଲ୍ଲାର ରେମାଳ ଡ୍ୟାମ ଜଳଭଣ୍ଡାରରେ ଆଜି ଦୁଇଟି ଗେଟ ଖୋଲିଦେଇଥିବାରୁ ରେମାଳ ସମେତ କୁସେଇ ନଦୀରେ ବନ୍ୟାଜଳ ଅଧିକ ମାତ୍ରାରେ ପ୍ରବାହିତ ହୋଇଛି। ଆଜି ଜଳଭଣ୍ଡାରରେ ୧୧୭. ୫୭ ମିଟର ଜଳପତ୍ତନ ବୃଦ୍ଧି ହୋଇଛି। ନଦୀରେ ଅଧିକ ମାତ୍ରାରେ ବନ୍ୟାଜଳ ଆସିଥିବା ଜାଣି ନପାରି ଗାଧୋଇବାକୁ ଯାଇଥିବା କେଶଦୁରାପାଳ ଗ୍ରାମର କୁଳମଣି ପାତ୍ରଙ୍କ ଝିଅ ଉର୍ମିଳା ପାତ୍ର (୨୪) ପାତ୍ରସାହି ଘାଟରେ ଭାସି ଯାଇଛନ୍ତି। ଅନେକ ସମୟ ଧରି ଖୋଜାଖୋଜି ପରେ ବି ଯୁବତୀଙ୍କ ପତ୍ତା ମିଳିନାହିଁ। ଏନେଇ ପରିବାର ପକ୍ଷରୁ ଘସିପୁରା ଥାନାରେ ଅଭିଯୋଗ ହୋଇଛି।

ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆଠାରେ ୮୨.୦୬ ମିଲିମିଟର, ପାଟଣାରେ ୧୧୪.୦୦, ଆନନ୍ଦପୁର ୯୯.୦୬, କେନ୍ଦୁଝର ୯୪.୦୦, ସାହାରପଡାରେ ୫୮.୦୨ ଏବଂ ଘଟଗାଁରେ ସର୍ବାଧିକ ୧୧୪.୦୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ସୂଚନା ରହିଛି। ମଙ୍ଗଳବାର ସକାଳ ୮ ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜିଲ୍ଲାରେ ମୋଟ ୧୦୬୨.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପାଟଣା ତହସିଲ



ଅଞ୍ଚଳରେ ୧୯ଟି ଘର ସହ ସାହାରପଡା ତହସିଲ ଅଞ୍ଚଳରେ ୮ଟି ଘର ଭାଙ୍ଗିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଲୋକଙ୍କୁ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ହାତୀକୁଚା ଗାଁର ପୁରୁଣାସାହି ଛିଟିଙ୍ଗା ନାଳ ପୋଲ ଉପରେ ଲଘୁଚାପଜନିତ ଲଗାଣାବର୍ଷାରେ ବଢି ପାଣି ପ୍ରବାହିତ ହୋଇଛି। ଏପାରିରୁ ସେପାରି ଯାତାୟାତ ଠପ୍ ହୋଇଛି। ପଦ୍ମପୁର ସମେତ ଅନ୍ୟାନ୍ୟ ଅଞ୍ଚଳକୁ ଯା'ଆସ କରିପାରି ନଥିଲେ। ପାଣି କମିବା ପରେ ଯାତାୟତ ସ୍ୱାଭାବିକ ହୋଇଛି। ହାଟଡିହି ବ୍ଲକର ଅନେକ ଗ୍ରାମବାସୀ ଜଳବନ୍ଦୀ ହୋଇଥିବା ଜଣାଯାଇଛି।

## ବୈତରଣୀ ଓ ସାଳନ୍ଦୀରେ ବନ୍ୟା

# ଭଦ୍ରକ ଜିଲ୍ଲାରେ ସ୍ଥିତି ସଙ୍ଗୀନ

ଭଦ୍ରକ,୨୮।୭ (ସମିସ): ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ଭଦ୍ରକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଭଦ୍ରକ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ଧାମନଗର ଅଞ୍ଚଳରେ ସର୍ବାଧିକ ୧୫୫ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ଜିଲ୍ଲାରେ ହାରାହାରି ୧୦୪.୬୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଭଦ୍ରକରେ ୧୪୮ ମି.ମି., ତିହିଡ଼ିରେ ୧୧୩ ମି.ମି., ଭଣ୍ଡାରିପୋଖରୀରେ ୧୦୮ ମି.ମି., ବନ୍ତରେ ୧୦୫ ମି.ମି., ଚାନ୍ଦବାଲିରେ ୬୨.୪ ମି.ମି. ଓ ବାସୁଦେବପୁର ଅଞ୍ଚଳରେ ୪୧ ମି.ମି. ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ସତର୍କ ନଜର ରଖାଯାଇଛି। ନିମ୍ନାଞ୍ଚଳରେ ବସବାସ

■ ଧାମନଗରରେ ସର୍ବାଧିକ ୧୫୫ ମିମି ବର୍ଷା, ତଳିଆ ଅଞ୍ଚଳ ଜଳମଗ୍ନ
■ ଆଜି ବି ବନ୍ଦ ରହିବ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର

କରୁଥିବା ଲୋକଙ୍କୁ ସତର୍କ ରହିବା ସହ ଅନାବଶ୍ୟକ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସମସ୍ତ ବିଭାଗକୁ ସମ୍ଭାବ୍ୟ ବର୍ଷାଜନିତ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାରଠାରୁ ଲଗାଣ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଆଦେଶ କ୍ରମେ ଭଦ୍ରକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖାଯାଇଥିଲା। ଜିଲ୍ଲାରେ ଲଗାତାର ବର୍ଷା ଜାରି ରହିଥିବାରୁ ଶିଶୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟ ସମେତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠପଢ଼ା



ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପକ୍ଷରେ ଲଗାଣ ବର୍ଷା ଯୋଗୁଁ ବିପଦ ସଙ୍କେତ ଉପରେ ସାଳନ୍ଦୀ ଓ ବୈତରଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ସାଳନ୍ଦୀ ନଦୀର ଜଳସ୍ତର ଭଦ୍ରକର ରାଜଘାଟଠାରେ ବିପଦ ସଙ୍କେତ ୧୭.୨୦ ମିଟର ଉପରେ ପ୍ରବାହିତ ହେଉଥିବାବେଳେ ବୈତରଣୀ ନଦୀର ଜଳସ୍ତର ଆଖୁଆପଦା ଆନିକଟଠାରେ ୧୮.୩୩ ଉପରେ ପ୍ରବାହିତ ହୋଇଛି। ଜିଲ୍ଲାରେ ୭ଟି ବ୍ଲକ୍‌ର ୩୦ ହଜାର ହେକ୍ଟର ଜାମି ଜଳମଗ୍ନ ହୋଇଛି। ବିଶେଷକରି ଭଣ୍ଡାରିପୋଖରୀ, ଧାମନଗର, ତିହିଡ଼ି, ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ ଅଧିକ ଭାବେ ପ୍ରଭାବିତ ହୋଇଥିବା ଜଣାଯାଇଛି। ଅନେକଗୁଡ଼ିଏ ରାସ୍ତା ପାଣିରେ ବୁଡ଼ିଛି। ଚାଷଜମି ଉଜୁଡ଼ି ଯାଇଛି। ସେହିପରି ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଭଦ୍ରକ ବ୍ଲକ୍‌ର ଅର୍ଣ୍ଣପାଳ- ମୁକୁନ୍ଦପୁର ପୋଲ ସମ୍ପୂର୍ଣ୍ଣ ବୁଡ଼ି ଯାଇଥିବାବେଳେ ବାଉଦପୁର ପୋଲ ନିକଟରେ ସାଳନ୍ଦୀ ନଦୀର ସ୍ରୋତ ବହୁଛି। ଲଗାଣ ବର୍ଷା ପରେ ବୈତରଣୀ ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଭଦ୍ରକ ଜିଲ୍ଲାର ନଦୀକୂଳବର୍ତ୍ତୀ ଅଞ୍ଚଳରେ ସମ୍ଭାବ୍ୟ ବନ୍ୟାକୁ ନେଇ ଚିନ୍ତା ବଢ଼ିଛି। ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ରାତି ଆଠଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୧୯.୩୫ ମିଟରରେ ପହଞ୍ଚିଛି ଓ ଆଗକୁ ଏହା ୨୦ ମିଟର ପର୍ଯ୍ୟନ୍ତ ବଢ଼ିବାର ଆଶଙ୍କା ରହିଛି। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଧାମନଗର ଜଳସେଚନ ବିଭାଗ ଡାକବଙ୍ଗଳାରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବନ୍ୟା ପ୍ରସ୍ତୁତି ଓ ମୁକାବିଲା ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ସେହିଭଳି ବନ୍ୟା ପରିସ୍ଥିତି ଓ ଲଗାଣ ବର୍ଷା ଯୋଗୁଁ ବୁଧବାର ମଧ୍ୟ ଜିଲ୍ଲାର ସମସ୍ତ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖାଯାଇଛି।

## କୂଳ ଲଂଘିଲା ଗଙ୍ଗାହାର ଓ ବୁଢ଼ାବଳଙ୍ଗ

# ୮ ବ୍ଲକ୍‌ର ୨୬ ପଞ୍ଚାୟତ ପ୍ରଭାବିତ

ବାରିପଦା,୨୮।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଅବପାତ ପ୍ରଭାବରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀ ବନ୍ୟା ଜଳ କୂଳ ଲଂଘି ତଳି ଅଞ୍ଚଳରେ ପ୍ରବେଶ କରିଛି। ଶିମିଳିପାଳ ଓ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ନଦୀନାଳର ଜଳସ୍ତର ବୃଦ୍ଧି ପାଇ ଜଳପତନ ବୃଦ୍ଧି ଯୋଗୁଁ କୂଳ ଲଂଘିବାରେ ଲାଗିଛି। ତଳି ଓ ଖାଲୁଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଥିବାରୁ ଧାନଚାଷ ସହିତ ପରିବା ଚାଷ ପ୍ରଭାବିତ ହୋଇଛି। ତେବେ ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ସ୍ଥାନାନ୍ତର ସହିତ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ, ଏସପି ସମେତ ପ୍ରଶାସନର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସମୀକ୍ଷା କରୁଛନ୍ତି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜଗୁଡିକୁ ସୋମବାର ଓ ମଙ୍ଗଳବାର ୨ଦିନ ବନ୍ଦ ଥିବାବେଳେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି।



ଲଗାଣ ବର୍ଷା ଯୋଗୁଁ ଜିଲ୍ଲାର ୨୬ଟି ବ୍ଲକ ପ୍ରଭାବିତ ହୋଇଛି। ବାରିପଦା, ଖୁଣ୍ଟା, କପ୍ତିପଦା, ଉଦଳା, ବେତନଟୀ, ବଡ଼ସାହି, ରାସଗୋବିନ୍ଦପୁର ଓ ମୋରଡା ମିଶି ୮ଟି ବ୍ଲକର ୨୬ଟି ପଞ୍ଚାୟତର ୩୨ଟି ଗ୍ରାମର ଲୋକ ପ୍ରଭାବିତ ହୋଇଛନ୍ତି। ୧୪ଟି ବନ୍ୟା ଆଶ୍ରୟ ସ୍ଥଳୀରେ ୧୮ ଶହ ଲୋକଙ୍କୁ ସ୍ଥାନନାନ୍ତର କରାଯାଇଥିବାବେଳେ ୧୨ଟି ସ୍ଥାନରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବୁଢ଼ାବଳଙ୍ଗ, ଦେଓ, ଜଳକା (ଜମ୍ଭୀରା) ଓ ଗଙ୍ଗାହାର ନଦୀରେ ଜଳସ୍ତର ଦ୍ରୁତ ବୃଦ୍ଧି ସାଙ୍ଗକୁ ଝାଡଖଣ୍ଡର ଗାଲୁହିହୀ ଡ୍ୟାମର ଗେଟ୍ ଖୋଲାଯାଇଥିବାରୁ ସୁବର୍ଣ୍ଣରେଖା ନଦୀ ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ବର୍ଷା/ବନ୍ୟା ଜଳ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ସ୍ଥିତିର ସମୀକ୍ଷା ସହ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଓଡ୍ରାଫ ଓ ଦମକଳ ବାହିନୀ ନିୟୋଜିତ ରହିଥିବାବେଳେ ତଳିଆ ଅଞ୍ଚଳ ଲୋକଙ୍କୁ ସତର୍କ କରାଯାଉଛି। ରାଜ୍ୟ ସରକାରଙ୍କ ବର୍ଷା ମାପକ କେନ୍ଦ୍ରରୁ ମିଳିଥିବା ସରକାରୀ ତଥ୍ୟ ଅନୁଯାୟୀ, ଜିଲ୍ଲାର ବେତନଟୀ ବ୍ଲକରେ ସର୍ବାଧିକ ୨୦୨.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ବଡ଼ସାହିରେ ୧୮୬.୦ ମିମି, ଠାକୁରମୁଣ୍ଡାରେ ୧୮୫ ମିମି, ଖୁଣ୍ଟାରେ ୧୮୧ ମିମି ଓ ଗୋପବନ୍ଧୁନଗର ବ୍ଲକ୍‌ରେ ୧୫୮ ମିମି ବର୍ଷା ହୋଇଛି।

## ଲଗାଣ ବର୍ଷାରେ ବେହାଲ ଜନଜୀବନ

# ରାସ୍ତା ଉପରେ ବନ୍ୟାଜଳ; ଯାତାୟାତ ଠପ୍

### ୧୨ ଜଳବନ୍ଦୀ ପରିବାରକୁ ଉଦ୍ଧାର କଲା ପ୍ରଶାସନ

ପାଲଲହଡ଼ା,୨୮।୭ (ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷା ହେବା



ଫଳରେ ପାଲଲହଡ଼ା ଉପଖଣ୍ଡ ର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବା ଜଣାପଡିଛି। ଝାରବେଡା ପଞ୍ଚାୟତ ର ଝରାଲୋ ଗ୍ରାମ ସମାକୋଇ ନଦୀ ବାଉଁଶ ଯୋଡି ପୋଲ ଉପରେ ୫ ଫୁଟ ଉଚ୍ଚତାରେ ଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ଠପ ହୋଇଯାଇଥିବା ବେଳେ ଉପର ମୁଣ୍ଡ ରେ ଗତକାଲି ଠାରୁ ଲଗାଣ ବର୍ଷା ଫଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଯାହାଫଳରେ ୨ ଟି ଗାଁ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ନୁଡେଇ ନାଳରେ ବଢ଼ି ପାଣି ଆସିବା ଫଳ ରେ ବାରହାକୁଦାର ଗ୍ରାମର ୧୨ ଟି ପରିବାର ପାଣି ଘେର ମଧ୍ୟରେ ଅଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନରେ ରଖାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ପରାଛାଟ ପଞ୍ଚାୟତର କଣ୍ଟିଆପଶି ନାଳରେ ଥିବା ପୋଲ ଉପରେ ୨ ଫୁଟ ଉଚ୍ଚର ପାଣି ପ୍ରବାହିତ ହେବା ଫଳରେ ଯୋଗାଯୋଗ ବ୍ୟାଘାତ ଘଟିଛି। ସଦରମହକୁମା ଶାସନ ସାହି ନିକଟରେ ମାଙ୍କଡା ନାଳ ଉପରେ ପାଣି ବହୁଥିବା ହେତୁ ସହର ଠାରୁ ମୁଚୁରିଗାଡ଼ିଆ ଏବଂ ଦରେଇକିଲା ଦୁଇ ଗ୍ରାମ ବିଚ୍ଛିନ୍ନ ହୋଇ ପଡିଛି।ପ୍ରଶାସନ ପକ୍ଷରୁ ଜଳବନ୍ଦୀ ପରିବାରକୁ ସୁରକ୍ଷିତ ସ୍ଥାନକୁ ନେବାପାଇଁ ପ୍ରୟାସ ଜାରି ରହିଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଲଗାଣ ବର୍ଷାରେ ଘର ଭାଙ୍ଗିଲା




ବଇଣ୍ଡା,୨୮।୭ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡରେ ଦୁଇ ଦିନ ହେବ ଲଗାଣ ବର୍ଷା ଲାଗି ରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଗୃହ ପାଳିତ ପଶୁ ବାହାରକୁ ବାହାରି ପାରୁ ନାହାନ୍ତି। ବର୍ଷା ଯୋଗୁଁ ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତର ମଇମୁରା ଗ୍ରାମରେ ତୋଫାନ ପ୍ରଧାନଙ୍କର ଟାଇଲି ଘରଟି ଭାଙ୍ଗି ଯାଇଛି। ଫଳରେ ତୋଫାନଙ୍କର ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମଙ୍ଗଳବାର ଭୋର ସମୟରେ ତୋଫାନଙ୍କ ପରିବାର ଲୋକେ ଘରେ ଶୋଇଥିବା ବେଳେ ତାଙ୍କ ଘରଟି ଭାଙ୍ଗି ଯାଇଥିଲା। ଶବ୍ଦ ଶୁଣି ତୋଫାନଙ୍କ ପରିବାର ଲୋକେ ଘରୁ ବାହାରକୁ ପଳାଇ ଆସିଥିଲେ। ଫଳରେ ଅଳ୍ପକେ ବର୍ତ୍ତି ଯାଇଥିଲେ। ତୁରନ୍ତ ତାଙ୍କୁ ସରକାରୀ ଘର ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ଗ୍ୟାସ ଟାଙ୍କିରେ ଲାଗିଲା ନିଆଁ; ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ନଷ୍ଟ



କାମାକ୍ଷାନଗର,୨୮।୭ (ସମିସ): କାମାକ୍ଷାନଗର ସହରର ମୁଣ୍ଡିଦେଉଳି ସାହିରେ ରୋଷେଇ କରୁଥିବାବେଳେ ଗ୍ୟାସ ଟାଙ୍କିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଅପରପକ୍ଷରେ ଏହି ଅଘଟଣରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁସାରେ କାମାକ୍ଷାନଗର ସହରର ମୁଣ୍ଡିଦେଉଳି ସାହିର ସିଦ୍ଧେଶ୍ୱର ନାୟକଙ୍କ ଘରେ ଦୀପାଞ୍ଜଳି ସିଂହ ଭଡ଼ାରେ ରହୁଛନ୍ତି। ଆଜି ସକାଳୁ ଦୀପାଞ୍ଜଳି ଗ୍ୟାସ ଲଗାଇ ପିଲାଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା। ଫଳରେ ସେହି ନିକଟରେ ଥିବା ଫ୍ରିଜ, ଇଣ୍ଡକ୍ସନ, ସୋଫା ଓ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀଗୁଡିକ ନିଆଁ ଦାଉରେ ପୋଡ଼ି ପାଉଁଶ ହୋଇଯାଇଛି। ପରିବାର ଲୋକ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେଥିରେ ସଫଳ ନହେବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ ଟାଙ୍କିରୁ ନିଆଁକୁ ଆୟତ୍ତ କରି ଘରୁ ବାହାରକୁ ଆଣିଥିଲେ। ଫଳରେ ଏକ ବଡ଼ ବିପଦ ରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ଲୋକେ।

## ଗଛ ଭାଙ୍ଗି ରାସ୍ତା ଅବରୋଧ, ଅଳ୍ପକେ ବର୍ତ୍ତିଲେ ବାଇକ୍ ଆରୋହୀ



ବଇଣ୍ଡା,୨୮।୭ (ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ ଥାନା ପେଡ଼ିପଥର ବରହମ ନିକଟରେ ଏକ ବଡ଼ ଗଛ ପଡ଼ି ମଙ୍ଗଳବାର ରାସ୍ତା ଅବରୋଧ ହୋଇଛି। ବଇଣ୍ଡା ପାଇକସାହି ପୂର୍ତ୍ତ ବିଭାଗ ରାସ୍ତାରେ ଅନେକ ବିପଦପୂର୍ଣ୍ଣ ଗଛ ରହିଛି। ମଙ୍ଗଳବାର ବର୍ଷା ସାଙ୍ଗକୁ ପବନ ଯୋଗୁଁ ଏକ ବିରାଟ ଗଛର ଡାଳ ଭାଙ୍ଗି ଯାଇଛି। ଏହି ରାସ୍ତା ଦେଇଯାଉଥିବା ଦୁଇ ବାଇକ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଡାଳ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବା ଯୋଗୁଁ ବଇଣ୍ଡା ପାଇକସାହି ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ଗାଡ଼ି ଚଳାଚଳରେ ଅସୁବିଧା ସୃଷ୍ଟି ହୋଇଥିବାବେଳେ ବହୁ ଯାତ୍ରୀ ବର୍ଷାରେ ରାସ୍ତାରେ ଅଟକି ରହିଥିବା ଦେଖିବାକୁ ମିଳିଛି।


## ଭୁଶୁଡ଼ିପଡ଼ିଲା ଦିବ୍ୟାଙ୍ଗଙ୍କ ଘର



କିଶୋରନଗର,୨୮।୭ (ସମିସ): କିଶୋରନଗର ବ୍ଲକ୍ ଧଉରାପାଲ୍ଲୀ ପଞ୍ଚାୟତର ବଏଜା ଧୂବାସାହିରେ ବସବାସ କରୁଥିବା ଭିନ୍ନକ୍ଷମ ବାଦୀ ସେଠୀଙ୍କ ମାଟି ଘରଟି ଆଜି ପ୍ରବଳ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଭିନ୍ନକ୍ଷମ ବାଦୀ ଏବେ ନିଜର ଗୋଟିଏ ପୁଅ ଓ୨ ଝିଅଙ୍କୁ ନେଇ ଗ୍ରାମ କୋଠଘରେ ଆଶ୍ରୟ ନେଇଛନ୍ତି। କିଶୋରନଗର ରାଜସ୍ୱ ବିଭାଗ ପକ୍ଷରୁ ଏକ ପଲିଥିନ ଯୋଗାଇ ଦିଆଯାଇଛି।ହେଲେ ବାଦୀଙ୍କ ପରିବାରଙ୍କୁ ରିଲିଫ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଲଗାଣ ବର୍ଷାରେ ତାଳଚେର ଉବୁଟୁବୁ

ତାଳଚେର,୨୮।୭ (ସମିସ): ଆଜକୁ ଦୁଇଦିନ ହେବ ଲଗାଣବର୍ଷାରେ ତାଳଚେର ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ଜଳାର୍ଣ୍ଣବ ହୋଇଛି। ବର୍ଷାରେ ଲୋକେ ଘରୁ ପଦାକୁ ବାହାରି ପାରୁନଥିବା ବେଳେ ବର୍ଷା ସାମାନ୍ୟ ଛାଡ଼ିବାର ନାଁ ଧରୁନାହିଁ। ବିଲମାଳ, କୂଅପୋଖରୀ, ଯୋର, ହ୍ରଦ, ନାଳ ସହିତ ବ୍ରାହ୍ମଣୀନଦୀ ମଧ୍ୟ ଦୁଇକୂଳ ଖାଉଛି। ଲଗାଣବର୍ଷା ଯୋଗୁଁ ଲୋକେ ଘରୁ ବାହାରୁ ନଥିବା ବେଳେ ଅତି ଜରୁରୀକାଳୀନ କାର୍ଯ୍ୟ ମଧ୍ୟ ବର୍ଷା ଯୋଗୁଁ ଅଟକି ରହିଛି। ତାଳଚେରର ରାସ୍ତାଘାଟ ଗୁଡ଼ିକ ବର୍ଷାଜଳରେ ପୂର୍ଣ୍ଣ ହୋଇଥିବା ବେଳେ କେଉଁଠି ଖାଲ ଓ



କେଉଁଠି ସମାନ ତାହା ପରଖି ହେଉନି, ଏପରିକି ଦୁଇଚକିଆଯାନ ଯାତାୟତ କଲାବେଳେ ମୁହାଁମାଡ଼ି ହୋଇ ପଡ଼ିବା ଦୃଶ୍ୟ ମଧ୍ୟ ଦେଖାଯାଇଛି। ଅପରପକ୍ଷେ ବଳରାମ ଖଣି ନିକଟସ୍ଥ ଗ୍ରାମ ରାସ୍ତାରେ ପାଣିର ସୁଅ କାଟୁଥିବା ଗୋଟିଏ ବାଇକ ପାଣିରେ ଭସାଇ ନେଉଥିବା ଦୃଶ୍ୟ ବି ମୋବାଇଲରେ କଏଦ କରାଯାଇଥିଲା। ଲଗାଣବର୍ଷାରେ ଆଣ୍ଠୁଏ ଆଣ୍ଠୁଏ ପାଣି ଚାଲୁଛି। ଜାତୀୟ ରାଜପଥରେ ଯାତାୟାତ କରିବା ଯମଯନ୍ତ୍ରଣା ପାଲଟି ଯାଇଛି। ଏପଟେ ବ୍ରାହ୍ମଣୀନଦୀ ଦୁଇକୂଳ ଖାଉଥିବା ବେଳେ ସେପଟେ ଲଗାଣବର୍ଷା ଦୁଇଦିନ ହେବ ରାସ୍ତାଘାଟ, ଦୋକାନବଜାର ଶୂନଶାନ୍। ବିଭିନ୍ନ ସାହି ଗଳିକନ୍ଦି ଗୁଡ଼ିକରେ ବର୍ଷାଯୋଗୁଁ ଏଠିସେଠି ପାଣିଜମି ଡ୍ରେନ ଜଳ ରାସ୍ତା ଉପରକୁ ଚାଲିଆସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି।

## ଘର ଉପରେ ଭାଙ୍ଗି ପଡ଼ିଲା ବରଗଛ

କଣିହାଁ,୨୮।୭ (ସମିସ): ଅନୁଗୋଳ ଜିଲ୍ଲା ରେଙ୍ଗାଳି ଥାନା ଅନ୍ତର୍ଗତ ପୋଡ଼ାଗଡ଼ ଗ୍ରାମର ତାରିଣୀ ମନ୍ଦିର ନିକଟରେ ସୋମବାର ଭୋର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଲଗାଣ ବର୍ଷା ଯୋଗୁଁ ଏକ ବିରାଟ ପୁରୁଣା ବରଗଛ ଭାଙ୍ଗି ଘର ଉପରେ ପଡ଼ିଯିବାରୁ ଘରେ ଶୋଇଥିବା ନାବାଳକ ଭାଇ ତାପସ ନାଏକ ଆହତ ହୋଇଥିବାବେଳେ ତାଙ୍କ ଭଉଣୀ ଶାଳିନୀ ନାଏକ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଆହତ ତାପସଙ୍କୁ ପରିବାର ଲୋକେ ଉଦ୍ଧାର କରି ରେଙ୍ଗାଳି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣାରେ ଘରଟି ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଭିତରେ ଥିବା ଆସବାବପତ୍ର ମଧ୍ୟ ନଷ୍ଟ ହୋଇଯାଇଛି। ଏହି ବରଗଛ ଭାଙ୍ଗି ପଡ଼ିବା ଯୋଗୁଁ ଗ୍ରାମର ମିଶନ ଶକ୍ତି ଗୃହ ସମେତ ତିନୋଟି ପରିବାରର ତିନି ବଖରା ଘର କ୍ଷତିଗ୍ରସ୍ତ ହୋଇଛି। ଘରଗୁଡ଼ିକର ଛାତ ଓ କାନ୍ଥ ଭାଙ୍ଗିଯିବା ସହ ଭିତରେ ଥିବା ବିଭିନ୍ନ ଘରୋଇ ସାମଗ୍ରୀ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ସ୍ଥାନୀୟ ଲୋକେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଲଗାଣ ବର୍ଷା ଯୋଗୁଁ ପୁରୁଣା ଓ ବିରାଟ ଗଛଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଏଭଳି ଗଛଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ରାମିଆଳ ନଦୀରେ ବୁଡ଼ିଲା କପିଳେଶ୍ୱର ମନ୍ଦିର




କାମାକ୍ଷାନଗର,୨୮।୭ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ଫୁଲିଛି ରାମିଆଳ ନଦୀ। ନଦୀର ବଢୁଥିବା ଜଳସ୍ତରରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି ଦ୍ୱାଦଶ ଶତାବ୍ଦୀର ଐତିହ୍ୟ ବହନ କରୁଥିବା କପିଳେଶ୍ୱର ଶିବ ମନ୍ଦିର। କାମାକ୍ଷାନଗର ବ୍ଲକ୍ ହାଟୁଆରୀ ନିକଟ ରାମିଆଳ ନଦୀ ମଝିରେ ରହିଛି ଐତିହାସିକ କପିଳେଶ୍ୱର ଶିବ ମନ୍ଦିର। ଦ୍ୱାଦଶ ଶତାବ୍ଦୀର ଏହି ପ୍ରାଚୀନ ଶୈବପୀଠ ସାରା ବର୍ଷ ଶ୍ରଦ୍ଧାଳୁଙ୍କ ଆସ୍ଥାର କେନ୍ଦ୍ର ପାଲଟିଥାଏ। ତେବେ ଗତ ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ରାମିଆଳ ନଦୀରେ ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ଫଳରେ ସମ୍ପୂର୍ଣ୍ଣ ମନ୍ଦିରଟି ବନ୍ୟାଜଳରେ ବୁଡ଼ି ରହିଛି। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ପାଣି ତଳେ ଚାଲିଯାଇଥିବାରୁ ଭକ୍ତମାନଙ୍କ ଯାତାୟାତ ଠପ୍ ହୋଇଛି।

## କଂଗ୍ରେସ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି



ଛେଣ୍ଡିପଦା,୨୮।୭ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା ପାଠ୍ୟ ପୁସ୍ତକଗୁଡ଼ିକରେ ବିଭିନ୍ନ ତ୍ରୁଟିପୂର୍ଣ୍ଣ ଭାବେ ଅବାଞ୍ଛିତ ବିଷୟ ଛପା ଯାଇଥିବା ଯୋଗୁଁ ସାରା ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ କଂଗ୍ରେସ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ବିଶେଷ କରି ଦଳ ପକ୍ଷରୁ ସ୍ଥାନୀୟ ବ୍ଲକ ଛକ ଠାରେ ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଏବଂ ଗଣ ଶିକ୍ଷା ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦାୟିତ୍ୱହୀନତା ତଥା ଦୂର ଦୃଷ୍ଟି ଅଭାବ ଯୋଗୁଁ ଏଭଳି ଅନାବଶ୍ୟକ ପାଠ୍ୟ ବିଷୟ ସ୍ଥାନିତ କରିଥିବା ନେଇ ବୁଦ୍ଧିଜୀବୀ ଶିକ୍ଷାବିତ ଏପରିକି ଛାତ୍ରଛାତ୍ରୀ ଏବଂ ଅଭିଭାବକ ମହଲରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି। ତେଣୁ ଉପରୋକ୍ତ ତ୍ରୁଟି ଅବିଳମ୍ବେ ସଂଶୋଧନ କରିବା ପାଇଁ ଦାବି ହୋଇଥିଲା। ଏଥିସହ ରାଜ୍ୟ ସରକାରଙ୍କ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଥିଲେ। ଏଭଳି ଅଭାବନୀୟ ପରିସ୍ଥିତି ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସିଧାସଳଖ ଭାବେ ଦାୟୀ କରିଛନ୍ତି। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନନେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ଜୋରଦାର କରାଯିବ ବୋଲି ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ସସ୍ମିତା ବେହେରା, ବ୍ଲକ୍ ସଭାପତି ଅଜୟ କୁମାର ବେହେରା, ପ୍ରିୟବ୍ରତ ନାୟକ, ଅଳକା ମହାପାତ୍ର, ମକୁନ୍ଦ ପ୍ରଧାନ, ବୈକୁଣ୍ଠ ମାଝୀ, କୁଶଧ୍ୱଜ ସାହୁ, ସୌଭାଗ୍ୟ ନାୟକ, ସନ୍ତୋଷ କୁମାର ଦେହୁରୀ, ପ୍ରତାପ ପ୍ରଧାନ, ପ୍ରତାପ ଗଡ଼ନାୟକ , ସର୍ବେଶ୍ୱର ମିଶ୍ର, ରଞ୍ଜନ ସାହୁ, ବୀଣାପାଣି ସାହୁ, ମୋନାଲିସା ପ୍ରଧାନ, ଭୁବନ ସାହୁ ପ୍ରମୁଖ କଡ଼ା ଚେତାବନୀ ଦେଇଛନ୍ତି।

## ଇଲେକ୍ଟ୍ରିକ୍ ସ୍କୁଟିରେ ଅଗ୍ନିକାଣ୍ଡ, ଘରେ ଫସିଥିବା ବାପା-ପୁଅଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ



କଣିହାଁ,୨୮।୭ (ସମିସ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ୍ କଂସମୁଣ୍ଡା ଜୟପୁର ସାହିରେ ସୋମବାର ଏକ ଇଲେକ୍ଟ୍ରିକ୍ ସ୍କୁଟିର ବ୍ୟାଟେରିରେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ସମୟରେ ଘର ଭିତରେ ମୁନା ଦେହୁରୀ (୩୨) ଏବଂ ତାଙ୍କ ୭ ବର୍ଷର ପୁଅ ରାକେଶ ଦେହୁରୀ ଫସି ରହିଥିଲେ। ଖବର ପାଇ କଣିହାଁ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ହାବିଲଦାର ସମୀର ପ୍ରଧାନଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ବିକ୍ରମ ସାହୁ, ଦିଲେଶ୍ୱର ବେହେରା, ବିଭୂତି ସାହୁ ଓ ଅନୀଲ ତରେଇ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ସେମାନଙ୍କ ତତ୍ପରତା ଫଳରେ ଘରେ ଫସିଥିବା ବାପା-ପୁଅଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ନିଆଁକୁ ମଧ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଅଣାଯାଇଥିଲା। କଣିହାଁ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲା। ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନୀ ଘଟିନଥିବା ବେଳେ ଇଲେକ୍ଟ୍ରିକ୍ ସ୍କୁଟିଟି ସମ୍ପୂର୍ଣ୍ଣ ଜଳିଯାଇଥିବା ସୂଚନା ମିଳିଛି।

## ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ପିଇଓ ସଙ୍ଘର ଗଣଧାରଣା



କାମାକ୍ଷାନଗର,୨୮।୭ (ସମିସ): ଗତକାଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତାକୁ ନେଇ କାମାକ୍ଷାନଗର ବ୍ଲକ୍ ପରିସରରେ ପିଇଓଙ୍କୁ ନିସ୍ଥୁକ ମାଡ଼ ଘଟଣାରେ ପ୍ରତିବାଦ କରିଛି ସଂଘ। ସମସ୍ତ ଆକ୍ରମଣକାରୀଙ୍କୁ ଗିରଫ ଓ ପିଇଓମାନଙ୍କୁ ସରକାରଙ୍କ ପକ୍ଷରୁ ସୁରକ୍ଷା ଯୋଗାଇବା ଦାବି ନେଇ ଗଣଧାରଣାରେ ବସିଛନ୍ତି କାମାକ୍ଷାନଗର ବ୍ଲକ୍ ପିଇଓ ସଙ୍ଘ। ଆଜି କାମାକ୍ଷାନଗର ବ୍ଲକ୍ କାର୍ଯ୍ୟାଳୟ ସାମ୍ନାରେ ବ୍ଲକ୍‌ର ସମସ୍ତ ପଞ୍ଚାୟତର ପିଇଓ ଓ ଏଡିଓମାନେ ଧାରଣାରେ ବସିଛନ୍ତି। ଦାବି ପୂରଣ ନହେଲେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲମଛାଡ଼ ଆନ୍ଦୋଳନ କରିବା ସହିତ ସରକାରୀ କାର୍ଯ୍ୟ ରୁ ବିରତି ନେବାପାଇଁ ଚେତାବନୀ ଦେଇଛନ୍ତି। ତେବେ ଘଟଣାକୁ ନେଇ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ଶୀଘ୍ର ଏହାର ନିର୍ଯ୍ୟାସ ବାହାରିବା ପାଇଁ ବିଡିଓ ପ୍ରଭୁ କଲ୍ୟାଣ ଦାସ କହିଛନ୍ତି।

## ବ୍ରାଉନ୍‌ସୁଗର ଜବତ; ଅଭିଯୁକ୍ତ ଗିରଫ

ଅନୁଗୋଳ,୨୮।୭ (ସମିସ): ଅବୈଧ ଧଳା ଜହର ବ୍ରାଉନସୁଗର୍ କାରବାରରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି ଅନୁଗୋଳ ଅବକାରୀ ବିଭାଗ। ଅଭିଯୁକ୍ତ ଠାରୁ ୨୧ଗ୍ରାମ ବ୍ରାଉନସୁଗାର ଜବତ କରିଛି। ନାଲକୋ ଥାନା ଇଲାକା ରେ ପୂର୍ବରୁ ବହୁବାର ଅବୈଧ ଧଳା ଜହର ବ୍ରାଉନ ସୁଗାର କାରବାର ହେଉଥିବା ନଜିର ରହିଛି।ଏହି ନିଶାରେ ଯୁବଗୋଷ୍ଠି ଆସକ୍ତ ହୋଇ ବିପଥଗାମୀ ହେଉଥିବା ବେଳେ ପରିବାର ଲୋକେ ଅତିଷ୍ଠ ହୋଇ ପଡିଛନ୍ତି।ବିଶେଷ ସୂତ୍ରରୁ ସୂଚନା ପାଇ ଅନୁଗୋଳ ଅବକାରୀ ବିଭାଗ ଏକ ଟିମ ମଙ୍ଗଳବାର ନାଲକୋ ଥାନା ଅନ୍ତର୍ଗତ ଗିରାଙ୍ଗ ଛକ ରହୁଥିବା କିରଣ ସାହୁ (୫୧) ଘର ଉପରେ ଅତର୍କିତ ଚଢ଼ଉ କରିଥିଲେ। ତଲାସୀରେ କିରଣଙ୍କ ଠାରୁ ୨୧ଗ୍ରାମ ଓଜନର ଅବୈଧ ବ୍ରାଉନସୁଗର ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ଲକ୍ଷ ୧୦ ହଜାର ହେବ। ତାହାକୁ ଜବତ କରାଯାଇଥିଲା।ଏହି ଚଢ଼ାଉ ବେଳେ ଅବକାରୀ ଏସଆଇ ଯୋଗେଶ୍ୱର ଜେନା, ଏଏସ୍‌ଆଇ ସମୀର ମହାଳିକ ପ୍ରଭାତ ପାରିଡ଼ା, ରଜନୀ ପ୍ରଭା ଏବଂ ନିତିନ ତ୍ରିପାଠୀ ସାମିଲ ଥିଲେ।

## ସାଇନିଂ ଷ୍ଟାର ଯୁଥ୍ କ୍ଲବ୍ ପକ୍ଷରୁ ଚାରା ରୋପଣ



ଖମାର,୨୮।୭ (ସମିସ): ପରିବେଶ ସୁରକ୍ଷା ଏବଂ ସବୁଜ ପରିବେଶ ସୃଷ୍ଟିର ଲକ୍ଷ୍ୟ ନେଇ ବନର ଗ୍ରାମସ୍ଥିତ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଆଜି ସାଇନିଂ ଷ୍ଟାର ଯୁଥ୍ କ୍ଲବ୍ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲବ୍‌ର ସଦସ୍ୟମାନେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିବା ସହ ସେଗୁଡ଼ିକର ଯତ୍ନ ନେବା ପାଇଁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ଯୋଗେଶ୍ୱର ସାହୁ ଅଧକ୍ଷତା କରି ପ୍ରତ୍ୟେକ ଲୋକ ବର୍ଷକୁ ଅତି କମ୍‌ରେ ଗୋଟିଏ ବୃକ୍ଷ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ଉପସଭାପତି ବିଶ୍ୱନାଥ ସାହୁ, ସମ୍ପାଦକ କୌଶିକ ସାହୁ, ଆକାଉଟାଣ୍ଟ ପ୍ରମୋଦ କୁମାର ସାହୁ, ଶୁଭେନ ପ୍ରଧାନ, ଜିତେନ୍ଦ୍ର ସାହୁ, ପବିତ୍ର ସାହୁ, ଦେବେଶ କୁମାର ସାହୁ, ବଳିଆ ବାବୁ, ଡିଲେଶ୍ୱର ସାହୁ, ଦିଲ୍ଲୀପ ସାହୁ ଏବଂ ଶିବାଶିଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଭାବେ ବୃକ୍ଷରୋପଣ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଗ୍ରାମବାସୀ ମଧ୍ୟ ଏହି ପଦକ୍ଷେପକୁ ସ୍ୱାଗତ କରି କ୍ଲବ୍‌ର ଏଭଳି ସାମାଜିକ ଓ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ମଧ୍ୟ ଏଭଳି ଜନହିତକର କାର୍ଯ୍ୟକ୍ରମ ଜାରି ରଖିବାକୁ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ଓଗୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ଛେଣ୍ଡିପଦା,୨୮।୭ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଓଗୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର -୨୦୨୬ ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ସଂରକ୍ଷଣ, ପରିବେଶ ସୁରକ୍ଷା, ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସାଙ୍ଗକୁ ସବୁଜ ପରିବେଶ ଓ ସୌନ୍ଦର୍ଯ୍ୟ କରଣ ସୃଷ୍ଟି କରିଥିବା କ୍ଷେତ୍ରରେ ଉଲ୍ଲେଖ ନୀୟ ଉଦାହରଣ ଏବଂ ବଳିଷ୍ଠ ଅବଦାନ ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅନୁଗୋଳ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅନୁଗୋଳ ଜିଲ୍ଲାପାଳ ଅବଦୁଲ ଅଖତାର, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ଅନୁଗୋଳ ବନ ଖଣ୍ଡ ଅଧିକାରୀ ନୀତିଶ କୁମାର, ଜରପଡ଼ା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରଧାନ ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ପୁରସ୍କାର ସ୍ୱରୂପ ଏକ ମାନପତ୍ର ଉପଢୌକନ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହ ନଗଦ ପ୍ରୋତ୍ସାହନ ରାଶି ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା ବ୍ଲକ୍‌ରେ ପରିବେଶ ସୁରକ୍ଷା ସାଙ୍ଗକୁ ନୂତନ ବନୀକରଣ କ୍ଷେତ୍ରରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଜଙ୍ଗଲ ବିଭାଗ ପକ୍ଷରୁ ମନୋନୀତ ତଥା ଚୟନ କରାଯାଇଥିବା ଯୋଗୁଁ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରୀଛାତ୍ର ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ତେବେ ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିନାଥ ନାଏକଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ପ୍ରକୃତି ପରିବେଶ ସୁରକ୍ଷା, ବୃକ୍ଷରୋପଣ କାର୍ଯ୍ୟକ୍ରମ, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ, ସବୁଜ ପରିବେଶ ସୃଷ୍ଟି କରିବା ଦିଗରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ



ପ୍ରଧାନଙ୍କ ଭୂମିକା ଓ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଯୋଗୁଁ ତାଙ୍କୁ ବିଦ୍ୟାଳୟ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଛାତ୍ରୀ ଛାତ୍ର ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟା ସଦସ୍ୟ ଏବଂ ଜଙ୍ଗଲ ବିଭାଗୀୟ ଅଧିକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେହିପରି ଗତ ବର୍ଷ ବିଶ୍ୱ ବନ ଦିବସ -୨୦୨୫ ପାଳନ ଅବସରରେ ମଧ୍ୟ ପରିବେଶ ସୁରକ୍ଷା ବନୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଏହି ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା।

## ଜଳିଗଲା ଟ୍ରାନ୍ସଫର୍ମର; ଅନ୍ଧାରରେ ରେଙ୍ଗାଳି ଅଞ୍ଚଳ

କଣିହାଁ,୨୮।୭ (ସମିସ)

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଜଳଭଣ୍ଡାର ରେଙ୍ଗାଳି ପ୍ରକଳ୍ପ ଅଞ୍ଚଳରେ ସୋମବାର ସକାଳଠାରୁ ଟ୍ରାନ୍ସଫର୍ମର ପୋଡ଼ିଯିବା ଯୋଗୁଁ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇଛି। ଅନବରତ ବର୍ଷା ମଧ୍ୟରେ ବିଦ୍ୟୁତ ବିଚ୍ଛିନ୍ନ ରହିବାରୁ ସ୍ଥାନୀୟ ଲୋକେ ବହୁ ଅସୁବିଧାର

### ଜଳଯୋଗାଣ ବ୍ୟାହତ

ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ, ଓସିସି କଲୋନୀସ୍ଥିତ ଫିଲ୍ଟର ହାଉସ ସମ୍ମୁଖରେ ଥିବା ଟ୍ରାନ୍ସଫର୍ମରଟି ସର୍ଟ୍ ସର୍କିଟ୍ ହୋଇ ପୋଡ଼ିଯାଇଥିଲା। ଫଳରେ ଡ୍ୟାମ୍ ଡିଭିଜନର ଫିଲ୍ଟର ହାଉସରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହେବାରୁ ପ୍ରକଳ୍ପ ଅଞ୍ଚଳରେ ଜଳଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। ଏହା ସହିତ ଓସିସି କଲୋନୀ, ଟାଙ୍କି ହାଟିଂ, ଗ୍ୟାଲେରୀ ହାଟିଂ, କପିଳେଶ୍ୱର ମନ୍ଦିର ତଳ କଲୋନୀ



ଏବଂ ଲକ୍ଷ୍ମୀବଜାରର କିଛି ଅଞ୍ଚଳ ଦୀର୍ଘ ସମୟ ଧରି ଅନ୍ଧକାରରେ ରହିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବଜାର ଅଞ୍ଚଳରେ ବେଆଇନ ଭାବେ ହୁକ୍ ସଂଯୋଗ କରାଯାଉଥିବାରୁ ଲକ୍ଷ୍ମୀବଜାର ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଚାପ ପଡ଼ି ଏହା ପୋଡ଼ିଯାଇଥିଲା। ଅନ୍ୟପକ୍ଷରେ, ଓଏଚପିସି ସୂତ୍ରରୁ ଜଣାପଡ଼ିଛି ଯେ ନୂଆ ଟ୍ରାନ୍ସଫର୍ମର ରାଉରକେଲାରୁ ଆସିବାକୁ ପ୍ରାୟ ପାଞ୍ଚ ଦିନ ସମୟ ଲାଗିପାରେ। ତେବେ ପ୍ରକଳ୍ପର ଓଏଚପିସି ଅଫିସର୍ସ କଲୋନୀ, ଫିଲ୍ମ ହଲ ଅଞ୍ଚଳ, ସାନ ମାର୍କେଟ, ନୂଆ ବସ୍‌ଷ୍ଟାଣ୍ଡ ଓ ଚେକ୍‌ଗେଟ୍ ଆଦି ଅଞ୍ଚଳରେ ବିଦ୍ୟୁତ ସେବା ସ୍ୱାଭାବିକ ରହିଥିବା ବେଳେ ପ୍ରଭାବିତ ଅଞ୍ଚଳର ବାସିନ୍ଦାମାନେ ଫିଡର ପରିବର୍ତ୍ତନ କରି ଅସ୍ଥାୟୀ ଭାବେ ବିଦ୍ୟୁତ ସରବରାହ କରାଯାଇପାରିଥାନ୍ତା ବୋଲି ଦାବି କରିଛନ୍ତି। ଲଗାଣ ବର୍ଷା ଯୋଗୁଁ ଅନ୍ଧକାରରେ ବିଷଧର ସାପ ସମେତ ଅନ୍ୟାନ୍ୟ ଜନ୍ତୁଙ୍କ ଭୟ ଲାଗି ରହିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଓ ମାନସିକ ଚିନ୍ତା ବଢ଼ିଛି। ଏହି ଘଟଣାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପ୍ରସଙ୍ଗରେ ଓଏଚପିସିର ସମ୍ପୃକ୍ତ ଅଧିକାରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରିବାର ଚେଷ୍ଟା କରାଯାଇଥିଲେ ମଧ୍ୟ, ଖବର ଲେଖାଯିବା ସୁଦ୍ଧା ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା।

# ଲଗାଣ ବର୍ଷାରେ ସ୍ଥିତି ବେହାଲ



## ପାରେଶ୍ୱରପୁର ଗାଁ ରାସ୍ତାରେ ପାଣି

ମହାକାଳପଡ଼ା, ୨୮।୭ (ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତର ପାରେଶ୍ୱରପୁର (ବାଲି) ଗ୍ରାମରେ ସାମାନ୍ୟ ବର୍ଷା ହେଲେ ମଧ୍ୟ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗ୍ରାମର ମୁଖ୍ୟ ଢଳେଇ ରାସ୍ତା ଉପରେ ବର୍ଷା ପାଣି ଜମି ରହୁଥିବାରୁ ଏହା ପୋଖରୀ ଭ୍ରମ ସୃଷ୍ଟି କରୁଛି। ପ୍ରାୟ ଦୁଇବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଗ୍ରାମର ପ୍ରାକୃତିକ ପାଣି ନିଷ୍କାସନ ବାଟକୁ କେତେକ ପ୍ରଭାବଶାଳୀ ବ୍ୟକ୍ତି ଦଖଲ କରି ଘର ନିର୍ମାଣ କରିଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି। ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଘରେ ମଧ୍ୟ ପାଣି ପଶିଯାଉଛି। ଏହି ରାସ୍ତାଟି ବାରଡାଙ୍ଗ ପଞ୍ଚାୟତର ଏକ ପ୍ରମୁଖ ସଂଯୋଗ ସଡ଼କ। ପ୍ରତିଦିନ ସ୍କୁଲ ଓ ଅଙ୍ଗନବାଡି ଶିଶୁ, କଲେଜ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧା, ଚାଷୀ ଓ ଶତାଧିକ ଗ୍ରାମବାସୀ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି। ବର୍ଷା ସମୟରେ ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଉଥିବାରୁ ଶିଶୁମାନେ ଜୀବନକୁ ବିପଦରେ ପକାଇ ସ୍କୁଲ ଯାଉଥିବାବେଳେ ବୃଦ୍ଧ ଓ ମହିଳା ପାଣି ଭିତରେ ଚାଲିବାକୁ ବାଧ୍ୟ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବାରମ୍ବାର ପଞ୍ଚାୟତ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। ଜମି ରହୁଥିବା ପାଣି ମଶାମାଛିର ପ୍ରଜନନ ସ୍ଥଳ ପାଲଟିବା ସହ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ବଢ଼ିଛି। ଦୁଇବର୍ଷ ଧରି ଏଭଳି ଗୁରୁତର ସମସ୍ୟା ଲାଗି ରହିଥିଲେ ମଧ୍ୟ ଗ୍ରାମ ଉନ୍ନୟନ ବିଭାଗ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ଥାୟୀ ସମାଧାନ ହୋଇନଥିବାରୁ ଏହାକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଓ ଦାୟିତ୍ୱବୋଧ ଉପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଏହାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ବର୍ଷା ବଢ଼ିଲେ ପରିସ୍ଥିତି ଆହୁରି ଗୁରୁତର ହେବ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

## କୃଷି, ଶିଶୁ ବିକାଶ ବିଭାଗ ଓ ମେଡିକାଲରେ ପାଣି



ରାଜନଗର, ୨୮।୭(ସମିସ): ଲଘୁଚାପଜନିତ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ବର୍ଷା ଯୋଗୁଁ ଲୋକେ ଘରୁ ବାହାରି ପାରି ନ ଥିବାବେଳେ ଖାଲୁଆ ସ୍ଥାନରେ ବର୍ଷା ଜଳ ଜମି ରହିଛି। ସାତଭାୟା ବାସୀଙ୍କ ଥଇଥାନ ସ୍ଥଳୀ ବଗପାଟିଆରେ ୩/୪ ଫୁଟ ଉଚ୍ଚର ପାଣି ଜମି ରହିଛି। ଥଇଥାନ ସ୍ଥଳୀର କନେକ୍ଟିଭ ରାସ୍ତାରେ ପାଣି ଜମି ରହିବା ଯୋଗୁଁ ଲୋକେ ଘରୁ ବାହାରି ପାରିନାହାନ୍ତି। ଏହାବ୍ୟତୀତ ବ୍ଲକ ମୁଖ୍ୟାଳୟରେ ବିଭିନ୍ନ କାର୍ଯ୍ୟାଳୟରେ ପାଣି ପଶିଛି। କୃଷି କାର୍ଯ୍ୟାଳୟ ମଧ୍ୟରେ ବର୍ଷାପାଣି ଲହଡି ଭାଙ୍ଗୁଛି। ଅଫିସ କାମ ଏକପ୍ରକାର ଠପ୍ ହୋଇପଡ଼ିଛି। ସେହିପରି ସିଡିପିଓଙ୍କ କାର୍ଯ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷା ପାଣି ଲହଡ଼ି ମାରୁଛି। ପ୍ରଶାସନିକ କାର୍ଯ୍ୟାଳୟରେ ଥିବା କିଛି କାଗଜପତ୍ର ଓ ଆସବାବପତ୍ର ପାଣିରେ ବୁଡିଛି। ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଡ୍ରେନ ପାଣି ଓ ଅଳିଆ ଆବର୍ଜନା ରାସ୍ତା ଉପରେ ଚାଲିଛି। ଫଳରେ କୋମଳମତି ଶିଶୁ ଆବର୍ଜନା ପାଣିରେ ପଶି ବିଦ୍ୟାଳୟକୁ ଯାଉଛନ୍ତି।

## ପାଣି ଘେରରେ ରାଜକନିକା ବ୍ଲକ୍ ଅଫିସ



ରାଜକନିକା, ୨୮।୭(ସମିସ): ଲଗାଣ ବର୍ଷା ଯୋଗୁଁ ବ୍ଲକ ଅଫିସ ପାଣିରେ ବୁଡ଼ିଛି। ଏଥିସହ ରାଜବାଟି ଏଟିଏମ ଗଳି, ସେବାସାହି, ବଡ଼ତଇଳା, ଓଳାଭର ଆଦି ଅଞ୍ଚଳ ପାଣି ଘେରରେ ରହିଛି। ପାଣି ନିଷ୍କାସନ ପାଇଁ ଥିବା ଚିରାଚରିତ ପାଣିନାଳକୁ ବନ୍ଦ କରି ଖୋଦ ବ୍ଲକରେ ସ୍ଥାୟୀ ନିର୍ମାଣ ହେବା ଦ୍ୱାରା ବ୍ଲକ ଅଫିସରେ ପାଣି ପଶିଛି। ଏପରିକି ବିଡିଓଙ୍କ ଚାମ୍ବର, ଭଣ୍ଡା ସେକ୍ସନ, ବଡ଼ବାବୁଙ୍କ ଅଫିସ ନିର୍ମାଣ ବିଭାଗ ଆଗରେ ପାଣି ଲହଡ଼ି ମାରୁଛି। ଜଳ ନିଷ୍କାସନ ପଥ ଅବରୋଧ ହୋଇ ସ୍ଥାୟୀ ନିର୍ମାଣ ହେବା, ଦିନକୁ ଦିନ ରାସ୍ତା ଉଚ୍ଚ ହେବା, ଖାଲି ରହିଥିବା ଜାଗାରେ କୋଠାଘର ତିଆରି ହେବା ଭଳି ବିକାଶିତ ଜୀବନ ପାଇଁ ଏବେ ବଢୁଛି ଜଳବନ୍ଦୀ ସମସ୍ୟା। ପାଣି ନିଷ୍କାସନ ସମସ୍ୟାରେ ଏବେ ରାଜକନିକା ସଦର। ବର୍ଷାଋତୁ ଆରମ୍ଭରୁ ଏମିତି ଅବସ୍ଥା ସୃଷ୍ଟି ହୋଇଥିବାବେଳେ ଆଗକୁ ସ୍ଥିତି ଆହୁରି ସଙ୍ଗୀନ ହେବ। ସେହିଭଳି ଓଳାଭର, ବଡ଼ତଇଳା ଭଳି ଗାଁରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ବ୍ଲକ ପ୍ରଶାସନ ଏ ଦିଗରେ ବିହିତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

## ସମ୍ଭାବ୍ୟ ବନ୍ୟା ସ୍ଥିତି ପାଇଁ ପ୍ରଶାସନର ସତର୍କତା

ରାଜକନିକା, ୨୮।୭(ସମିସ): ଆଜି ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ଲଗାଣ ବର୍ଷାଜନିତ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜକନିକା ବ୍ଲକର ଖରସ୍ରୋତା ଓ ବୈତରଣୀ ନଦୀ ଅବବାହିକା ଅଞ୍ଚଳର ଜନଗଣଙ୍କୁ ଡାକବାଜି ଯନ୍ତ୍ର ଜରିଆରେ ପ୍ରଚାର କରି ତୁରନ୍ତ ବାତ୍ୟା ଆଶ୍ରୟସ୍ଥଳୀ ଓ ଉଚ୍ଚ ଜାଗାକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଛି। ପ୍ରଶାସନର ଏଭଳି ପ୍ରଚାର ପରେ ସାଧାରଣରେ ବନ୍ୟା ସ୍ଥିତିକୁ ନେଇ ଆତଙ୍କ ଖେଳିଯାଇଛି।

## ଚାଷଜମିରେ ଲହଡ଼ି ମାରୁଛି ପାଣି



ରାଜନଗର, ୨୮।୭(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥବା ଲଘୁଚାପ ଯୋଗୁଁ ବର୍ଷା ଲାଗି ରହିଛି। ଫଳରେ ରାଜନଗର ବ୍ଲକର ହଜାର ହଜାର ଚାଷଜମିରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ରୁଆ ବେଉଷଣ ପାଇଁ ଚାଷୀ ଅଣ୍ଟା ଭିଡୁଥିବାବେଳେ ଲଘୁଚାପଜନିତ ପ୍ରବଳ ବର୍ଷା ସବୁ ଆଶାକୁ ଧୂଳିସାତ କରିଦେଇଛି। ଅଳ୍ପ କେତେକ ଚାଷୀ ଖରାଟିଆ ବତୁରି ତଳି ପକାଇ ଥିବାବେଳେ ୮୦ ଭାଗ ଚାଷୀ ସଅଳ ଆଛରା ବିହନ ପକାଇଥିଲେ। ବର୍ଷା ପାଣିରେ ତଳି ପାଖାପାଖି ଏକମାସ ଧରି ପାଣିରେ ବୁଡ଼ି ରହି ପଚି ଭାସୁଛି। ଯାହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଲେଣି। ଆସନ୍ନ ଗଜା ଧୋଇ ଆଶଙ୍କା ଭିତରେ ଏବେ ଚାଷୀ ହାତବାନ୍ଧି ବସିଛନ୍ତି।

## ଅଢ଼ାଜୋରି ଗ୍ରାମ ସ୍କୁଲ ଓ ଅଙ୍ଗନବାଡ଼ି ଭିତରେ ପାଣି



ପଟ୍ଟାମୁଣ୍ଡାଇ, ୨୮।୭(ସମିସ): ଲଗାଣ ବର୍ଷା ଯୋଗୁଁ ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଅଢାଜୋରି ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି। ଜଣେ ବ୍ୟକ୍ତିଙ୍କ ଦ୍ୱାରା ଗ୍ରାମର ଜଳ ନିଷ୍କାସନ ପଥ ଅବରୋଧ ଯୋଗୁଁ ରାସ୍ତା ଉପରେ ଆଣ୍ଠୁଏରୁ ଊର୍ଦ୍ଧ୍ୱ ପାଣି ଜମି ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହେବା ସହିତ ଗ୍ରାମର ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ପଣ୍ଡା ସାହି, ନାୟକ ସାହି, ମହାନ୍ତି ସାହି ପାଣିରେ ଉବୁଟୁବୁ ହୋଇରହିଛି। ପିଲାଙ୍କ ପାଠପଢ଼ା ବ୍ୟାହତ ହେବା ସହିତ ଗ୍ରାମର ଅନେକ ଘରେ ପାଣି ପଶିଛି। ବୟସ୍କ ଓ ଛୋଟ ପିଲାଙ୍କୁ ନେଇ ସାପ ଓ ଝାଡ଼ାବାନ୍ତି ରୋଗ ଭୟରେ ଗ୍ରାମବାସୀ ଅତ୍ୟନ୍ତ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଏ ନେଇ ଗ୍ରାମବାସୀ ଆଜି ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ନିଷ୍କାସନ ପଥ ଅବରୋଧ ହଟାଇବା ପାଇଁ କାର୍ତ୍ତିକ ନାୟକ, ଅଜୟ ଦାଶ, ପ୍ରଦୀପ ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, କିଶୋର ମହାନ୍ତି, ଗୋଲେଖ ମହାନ୍ତି, ସଂଗ୍ରାମ ମହାନ୍ତି, ବୁଟୁନା ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

## ବୁଡ଼ିଛି ଓଳାଭର ମୁଖ୍ୟ ରାସ୍ତା, ଜନଜୀବନ ଅସ୍ତବ୍ୟସ୍ତ



ରାଜକନିକା, ୨୮।୭(ସମିସ): ସାମାନ୍ୟ ବର୍ଷା ହେଲେ ହିଁ ଜଳମଗ୍ନ ହୋଇଯାଉଛି ଓଳାଭର ମୁଖ୍ୟ ରାସ୍ତା। ଏହି ରାସ୍ତା ଦେଇ ଓଳାଭର ସହ ଆଖପାଖ ପ୍ରାୟ ୧୦ଟି ପଞ୍ଚାୟତର ହଜାର ହଜାର ଲୋକ ବଜାର, ବ୍ଲକ, ତହସିଲ୍ ଓ ମେଡିକାଲକୁ ଯାତାୟାତ କରିଥା'ନ୍ତି। ଏହି ରାସ୍ତାରେ ଆଣ୍ଠୁଏ ପାଣି ଜମିଯିବା ଯୋଗୁଁ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଛାତ୍ରଛାତ୍ରୀ, ଗର୍ଭବତୀ ମହିଳା ଓ ଅସୁସ୍ଥ ଲୋକଙ୍କ ପାଇଁ ଏହି ରାସ୍ତା ପାର କରିବା ବଡ଼ ସମସ୍ୟା ପାଲଟିଛି। ଏହି ସମସ୍ୟା ନୂଆ ନୁହେଁ। ବର୍ଷ ବର୍ଷ ଧରି ଏପରି ସ୍ଥିତି ଲାଗି ରହିଥିଲେ ମଧ୍ୟ ପ୍ରଶାସନ ଓ ଜନପ୍ରତିନିଧି ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଯଦି ତୁରନ୍ତ ରାସ୍ତାର ଉଚ୍ଚତା ବୃଦ୍ଧି ଓ ଡ୍ରେନେଜ୍ ବ୍ୟବସ୍ଥା କରାନଯାଏ, ଆଗାମୀ ଦିନରେ ଆମେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି।

● ମହିଳାଙ୍କ ଆତ୍ମହତ୍ୟା ମାମଲା

## ଭଉଣୀ ଆଣିଲେ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଡେରାବିଶ, ୨୮।୭(ସମିସ): ଡେରାବିଶ ଥାନା ଗୋଲରାହାଟ ପଞ୍ଚାୟତ ଦୁମୁକା ଗ୍ରାମର ଶାନ୍ତନୁ ଦାଶଙ୍କ ସ୍ତ୍ରୀ ହରପ୍ରିୟା ଗତ ୨୦ ତାରିଖରେ ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଥିଲା। ମାତ୍ର ଏହା ଆତ୍ମହତ୍ୟା ନୁହେଁ, ହରପ୍ରିୟାଙ୍କୁ ନିର୍ଯାତନା ଦିଆଯାଇ ବିଷ ପିଆଇ ହତ୍ୟା କରାଯାଇଥିବା ତାଙ୍କ ଭଉଣୀ ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଲକ୍ଷ୍ମୀପ୍ରିୟା ପଣ୍ଡା ୨୨ ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ୧୮୮/୨୬ରେ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ହରପ୍ରିୟାଙ୍କ ସ୍ୱାମୀ ଶାନ୍ତନୁକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

## ଜମିଜମା ବିବାଦକୁ କେନ୍ଦ୍ର କରି ବାପକୁ ହାଣିଲା ପୁଅ

ଡେରାବିଶ, ୨୮।୭(ସମିସ): ରଘୁଦେଇପୁର ପଞ୍ଚାୟତର ବେଲାରପୁରରେ ମଙ୍ଗଳବାର ଅପରାହ୍ନରେ ଜମିଜମା ବିବାଦକୁ କେନ୍ଦ୍ର କରି କାଶୀନାଥ ଦାସଙ୍କୁ ତାଙ୍କ ପୁଅ ସଞ୍ଜୟ କଟୁରୀରେ ହାଣିଥିଲା। ଗୋଡ଼କୁ ହାଣିଥିବାରୁ କାଶୀନାଥ ଗୁରୁତର ହୋଇ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। କାଶୀନାଥଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ୧୯୧/୨୬ରେ ଏକ ମାମଲା ରୁଜୁ କରାଯିବା ସହ ସଞ୍ଜୟକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଦାମୋଦରପାଟଣା ଗ୍ରାମରୁ ଚୋରି

ପଟ୍ଟାମୁଣ୍ଡାଇ, ୨୮।୭(ସମିସ): ଅଳପୁଆ ପଞ୍ଚାୟତ ଦାମୋଦରପାଟଣା ଗ୍ରାମର କନକଲତା ଦାସଙ୍କ ଘରୁ ଚୋରି ହୋଇଛି। ଏ ନେଇ କନକଲତା ଚୌଦକୁଲାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। କନକଲତା ୨୫ ତାରିଖ ଦିନ ଝିଅ ଘରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ସେଦିନ ରାତିରେ ଦୁର୍ବୃତ୍ତ ଘର ଗ୍ରିଲ୍ ଓ କବାଟ ଭାଙ୍ଗି ଘରେ ପଶି ଦସ୍ତା ବାକ୍ସରେ ଥିବା ୮୫ ହଜାର ଟଙ୍କା, ୩୦ ଗ୍ରାମ ଓଜନର ୩ଟି ସୁନା ହାର, ୩୫ ଗ୍ରାମର ସୁନା ରାଣୀ ହାର, ୫୦ ଗ୍ରାମ ଓଜନର ସୁନାହାର, ୪ଟି ସୁନା ମୁଦି, ୪ଟି ସୁନା ଶଙ୍ଖା, ୩ ହଳ ସୁନା କାନଫୁଲ, ୩ଟି ସୁନା ମଙ୍ଗଳସୂତ୍ର, ରୁପା ମୁଦି ସହିତ ଟିଭି ଓ ପାଣି ପମ୍ପ ଚୋରି କରି ନେଇଥିବା କନକଲତା ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାଜନଗରରେ ଉତ୍ତରପ୍ରଦେଶ ପୁଲିସ

ରାଜନଗର, ୨୮।୭(ସମିସ): ଆଇଟି ଠକେଇ ମାମଲାରେ ରାଜନଗରରେ ଉତ୍ତରପ୍ରଦେଶ ପୁଲିସ ତନାଘନା କରୁଛି। ଉତ୍ତରପ୍ରଦେଶର ଦୁଇଜଣିଆ ପୁଲିସ ଟିମ୍ ଆଇଟି ଠକେଇ ମାମଲାର ତଦନ୍ତ କରୁଛି। ବେଲପାଳ ଗାଁର ୭୫ ବର୍ଷୀୟ ଚାଷୀ ଶିବପ୍ରସାଦ ଜେନାଙ୍କ ନାମ ଥିଲା। ଗତକାଲି ଉତ୍ତରପ୍ରଦେଶ ପୁଲିସ ବେଲପାଳରେ ପହଞ୍ଚି ଶିବପ୍ରସାଦଙ୍କୁ ଖୋଜିଥିଲା। ଶିବପ୍ରସାଦ ଗାଁରେ ନ ଥିବାରୁ ଫେରିଆସିଥିଲା। ଆଜି ଶିବପ୍ରସାଦ ଗାଁରେ ପହଞ୍ଚିବା ପରେ ଉତ୍ତରପ୍ରଦେଶ ପୁଲିସ ତାଙ୍କୁ ପଚରାଉଚରା କରିଥିଲା। ଶିବପ୍ରସାଦ ଆଣ୍ଡ୍ରୋଏଡ୍ ମୋବାଇଲ ଚଳାଇବା ଶିଖି ନ ଥିବା ଜାଣିବାକୁ ପାଇଥିଲେ। ଭିଡିଓ କଲରେ ଉତ୍ତରପ୍ରଦେଶ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଶିବପ୍ରସାଦଙ୍କୁ ଦେଖାଇଥିଲେ। ଏହାପରେ ଶିବପ୍ରସାଦଙ୍କଠାରୁ କାଗଜପତ୍ରରେ ଦସ୍ତଖତ କରାଇ ଫେରିଯାଇଥିବା ଜଣାପଡ଼ିଛି।

## ଡାମରପୁର ଗ୍ରାମରେ ବେଆଇନ ମଦ କାରବାର ଅଭିଯୋଗ


କେନ୍ଦ୍ରାପଡ଼ା, ୨୮।୭(ସମିସ): ଏକଦା ଶାନ୍ତିପ୍ରିୟ ଗ୍ରାମ ଭାବେ ପରିଚିତ ଡାମରପୁର ଗ୍ରାମରେ ଏବେ ବେଆଇନ ମଦ କାରବାରକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଗତ କିଛିବର୍ଷ ଧରି ଗ୍ରାମରେ ଚାଲିଥିବା ମଦ କାରବାର ଯୋଗୁଁ ଗ୍ରାମବାସୀ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମଦର ସହଜ ଉପଲବ୍ଧତା ଯୋଗୁଁ ଅନେକ କିଶୋର ଓ ସ୍କୁଲ ପଢୁଆ ଯୁବକ ନିଶା କବଳରେ ପଡୁଛନ୍ତି। ଫଳରେ ଯୁବପିଢ଼ିଙ୍କ ଭବିଷ୍ୟତ ନେଇ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ପ୍ରତିଦିନ ସନ୍ଧ୍ୟା ସମୟରେ ପଡ଼ୋଶୀ ପଞ୍ଚାୟତରୁ କିଛି ଯୁବକ ଗ୍ରାମକୁ ଆସି ଖୋଲାଖୋଲି ମଦ୍ୟପାନ କରୁଥିବାରୁ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ପଞ୍ଚାୟତ ବାରଣ୍ଡା, ଗ୍ରାମର ବିଭିନ୍ନ ଛକ, ବନ୍ୟା ଘେରିବନ୍ଧ ନିକଟସ୍ଥ ଅଞ୍ଚଳ ଓ ସାଧାରଣ ରାସ୍ତା କଡ଼ରେ ସନ୍ଧ୍ୟା ହେଲେ କିଛି ଅସାମାଜିକ ବ୍ୟକ୍ତି ମଦ୍ୟପାନ କରୁଥିବା ଅଭିଯୋଗ ହୋଇଛି। ଫଳରେ ମହିଳା, ଶିଶୁ ଓ ସାଧାରଣ ଲୋକ ଭୟଭୀତ ହୋଇପଡ଼ିଛନ୍ତି। ସନ୍ଧ୍ୟା ପରେ ରାସ୍ତାରେ ଯାତାୟାତ କରିବା ମଧ୍ୟ ଗ୍ରାମବାସୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଅବୈଧ ମଦ କାରବାର ସମ୍ପର୍କରେ ଅନେକେ ଜାଣିଥିଲେ ମଧ୍ୟ ଭୟରେ ପ୍ରତିବାଦ କରିବାକୁ ସାହସ କରୁ ନ ଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଡାମରପୁର ଗ୍ରାମରେ ଚାଲିଥିବା ମଦ କାରବାର ଉପରେ ତୁରନ୍ତ ରୋକ ଲଗାଇବା ସହ ନିୟମିତ ପୁଲିସ ପାଟ୍ରୋଲିଂ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରିବାକୁ ଦାବି ହୋଇଛି। ଏଥିସହ ଗ୍ରାମର ପ୍ରମୁଖ ସ୍ଥାନରେ ସିସିଟିଭି କ୍ୟାମେରା ସ୍ଥାପନ କରିବା, ସନ୍ଧ୍ୟା ସମୟରେ ନିୟମିତ ପାଟ୍ରୋଲିଂ ବଢ଼ାଇବା ଓ ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ପାଇଁ ସଚେତନତାମୂଳକ ପଦକ୍ଷେପ ନେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେଇପାରେ ବୋଲି ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

## ଚାମେଲି ଓଝା-ୱାର୍ଡ ସଭ୍ୟଙ୍କ ଅଡିଓ ଭାଇରାଲ; ହତ୍ୟା ଧମକ ଭୟରେ ଅନାସ୍ଥା ଦାବି

କେନ୍ଦ୍ରାପଡ଼ା/ମହାକାଳପଡ଼ା, ୨୮।୭ (ସମିସ): ମହାକାଳପଡ଼ା ବ୍ଲକ ତିଖିରୀ ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କୁ କେନ୍ଦ୍ର କରି ଚାଲିଥିବା ବିବାଦରେ ଏବେ ଆଉ ଏକ ନୂଆ ମୋଡ଼ ଆସିଛି। ସରପଞ୍ଚ ଚାମେଲି ଓଝା ଓ ଜଣେ ୱାର୍ଡ ସଭ୍ୟଙ୍କ ମଧ୍ୟରେ ହୋଇଥିବା ଏକ ଅଡିଓ କଥୋପକଥନ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ତିଖିରି ପଞ୍ଚାୟତରେ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବକୁ ନେଇ ଏହି ଅଡିଓରେ ବିଭିନ୍ନ ଆଲୋଚନା ହୋଇଥିବା କୁହାଯାଉଛି। ଅଡିଓରେ ଜଣେ ୱାର୍ଡ ସଭ୍ୟ ଅପରାଧୀଙ୍କ ହତ୍ୟା ଧମକ ଭୟରେ ରହିଥିବା କଥା କହିଥିବା ଦାବି କରାଯାଉଛି। ଏହା ପ୍ରକାଶ ପାଇବା ପରେ ସମଗ୍ର ଘଟଣା ନୂଆ ଚର୍ଚ୍ଚାର ବିଷୟ ପାଲଟିଛି। ଅଡିଓ ଭାଇରାଲ ପରେ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ବିଶେଷକରି ମହାକାଳପଡ଼ା ବିଧାନସଭା କ୍ଷେତ୍ରର ଶାସକ ଦଳର ବିଧାୟକଙ୍କ ଭୂମିକାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଥିବା ଦେଖାଯାଉଛି। ତେବେ ଅଡିଓର ସତ୍ୟତାକୁ ସ୍ୱାଧୀନ ଭାବେ ଯାଞ୍ଚ କରାଯାଇନାହିଁ ଓ ସମ୍ପୃକ୍ତ ପକ୍ଷଙ୍କ ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ। ଘଟଣାକୁ ନେଇ ରାଜନୈତିକ ଓ ପ୍ରଶାସନିକ ମହଲରେ ନାନା ଚର୍ଚ୍ଚା ଚାଲିଥିବାବେଳେ ଅଡିଓର ସତ୍ୟତା ଓ ଏଥିରେ ଉଲ୍ଲେଖିତ ଅଭିଯୋଗର ନିରପେକ୍ଷ ତଦନ୍ତ ଦାବି ଜୋର ଧରିଛି।

**ମଧୁଶାସନ ଗ୍ରାମର ଗୁଡ଼ିଆ ସାହି ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ**

## ନାହିଁ ଭଲ ରାସ୍ତା, ହୀନସ୍ତା ଭୋଗୁଛନ୍ତି ଲୋକେ



ଗରଦପୁର, ୨୮।୭(ସମିସ): ସ୍ୱାଧୀନତାକୁ ପାଖାପାଖି ୮୦ ବର୍ଷ ପୂରିବାକୁ ବସିଛି। ଏପଟେ ସରକାର ବଦଳି ରାଜ୍ୟରେ ଆସିଛି ଲୋକଙ୍କ ସରକାର। ତେବେ ମୌଳିକ ଅଧିକାର ରାସ୍ତାଟିଏ ନାହିଁ। ଏକଥା ଆଖିରେ ଦେଖିଲେ ବିଶ୍ୱାସ ହେଉନାହିଁ। ମାତ୍ର ଗୋଟିଏ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଲୋକଙ୍କ ସରକାରରେ ହୀନସ୍ତା ଭୋଗୁଛନ୍ତି ଲୋକେ। ଏ କେଉଁ ଉପାନ୍ତ ଅଞ୍ଚଳର ବିକଳ ଚିତ୍ର ନୁହେଁ। ଖୋଦ୍ ଉପକୂଳ ଅଞ୍ଚଳ କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ନିର୍ବାଚନମଣ୍ଡଳୀ ଗରଦପୁର ତହସିଲ ଅଧୀନରେ ଥିବା ମଧୁଶାସନ ପଞ୍ଚାୟତର ମଧୁଶାସନ ଗ୍ରାମର ଗୁଡିଆ ସାହି କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ଯାହାକି ଆଖିକୁ ବିଶ୍ୱାସ କରି ହେଉ ନ ଥିବା ନଗ୍ନ ଚିତ୍ର। ଗୁଡ଼ିଆ ସାହି ବାସିନ୍ଦାଙ୍କ ସମସ୍ୟାର ସମାଧାନ କରାଯିବାକୁ ଦାବି ହେଉଛି।

ମଧୁ ସରକାରୀ ଚିକିତ୍ସାଳୟ ପଛପଟେ ରହିଛି ଗୁଡ଼ିଆ ସାହି। ଏଠାରେ ବସବାସ କରନ୍ତି ୧୫ ପରିବାର। ତେବେ ରାସ୍ତା ନ ଥିବାରୁ ଗୋଟିଏ କିଲୋମିଟର ପାଇଁ ଛୋଟ ପିଲା ତିନି କିଲୋମିଟର ବୁଲି ବୁଲି ପାଠ ପଢ଼ିବାକୁ ଯାଉଛି। ଘରେ କିଏ ରୋଗରେ ପଡ଼ିଲେ ଆମ୍ବୁଲାନ୍ସ ଯେମିତି ସାତସପନ। ମୁଖ୍ୟ ରାସ୍ତାକୁ ଆସିବାକୁ ହେଲେ ଦୁର୍ଘଟଣାର ଭୟ ମାଡି ବସୁଛି। ପାଣି କାଦୁଅ ସାଲୁବାଲୁରେ ଜିଇଁବାକୁ ପଡୁଛି ଜୀବନ। ଏଭଳି ଏକ ସମ୍ବେଦନଶୀଳ ଅଭିଯୋଗକୁ ମୁଖ୍ୟମନ୍ତ୍ରୀଙ୍କୁ ଉକ୍ତ ସାହିର ଅଧିବାସୀ ଲିଖିତ ଭାବେ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏ ବିଷୟରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଗତ ମାସ ୨୧ ତାରିଖରେ ମେଲ୍ ଯୋଗେ ଉକ୍ତ ରାସ୍ତାକୁ ତୁରନ୍ତ କରିବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ। ତେବେ ସାହି ଲୋକଙ୍କ ଅସନ୍ତୋଷ ଓ ଅଭିଯୋଗ ଅନୁଯାୟୀ ଏହି ନିର୍ଦ୍ଦେଶକୁ ଜିଲ୍ଲାପାଳ ନ ମାନିଲା ପରି ମନେ ହେଉଛି। ଉକ୍ତ ରାସ୍ତାର ଡିମାର୍କେସନ ପାଇଁ ତହସିଲଦାରଙ୍କ ପାଖକୁ ସାହି ଲୋକ ଯାଇଥିଲେ। ୫୦ ହଜାର ଟଙ୍କା ଡିପୋଜିଟ୍ କଲେ ମାପଚୁପ ହେବ ବୋଲି ତହସିଲଦାର ରୋକ୍‌ଠୋକ୍ ଶୁଣାଇ ଦେବା ପରେ ସତରେ ଯେମିତି ମୁଣ୍ଡରେ ଚଡ଼କ ପଡ଼ିଲା ଭାବି ସାହି ଲୋକ ଅନୁଭବ କରି ଫେରିଆସିଛନ୍ତି। ଏପଟେ ପୂର୍ବରୁ ବିଲ ମଝିରେ ଥିବା ରାସ୍ତାଟି କିଛି ଲୋକ ମାଡ଼ି ବସିଛନ୍ତି। ଏତିକି ନୁହେଁ, ମାତ୍ର ଯେଉଁ ଗୋଟିଏ କିଲୋମିଟର ରାସ୍ତା ନିର୍ମାଣ ହେବ, ସେହି ରାସ୍ତାରେ ଥିବା କିଛି ମୂଲ୍ୟବାନ ଗଛକୁ ନିଲାମ କରି ବିକି ଦେଇଛନ୍ତି ତହସିଲ ପ୍ରଶାସନ ବୋଲି ଅଭିଯୋଗ ହୋଇଛି। ଏହାଛଡା ରାସ୍ତା ଯେଉଁଠି ମୁଖ୍ୟ ରାସ୍ତାକୁ ଲାଗିବ, ସେଠାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବସାଇ ଦେଇ ବି ହଇରାଣ କରୁଛନ୍ତି। ଏପରି ବହୁ ଅଭିଯୋଗରେ ଲୋକେ ସଢୁଛନ୍ତି। ଏହି ଅଭିଯୋଗକୁ ନେଇ ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳଙ୍କଠାରୁ ବିଡିଓଙ୍କ ନିକଟକୁ ଦୌଡି ଦୌଡି ଅଣନିଃଶ୍ୱାସୀ ହୋଇପଡ଼ିଥିଲେ ବି ଶୁଣିବାକୁ କେହିନାହାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଗ୍ରାମଟି ବିଧାୟକଙ୍କ ମାମୁଁ ଘର ଗ୍ରାମ ଅଟେ। ବିଧାୟକଙ୍କୁ ସାହି ଲୋକ ଅନୁରୋଧ କରିଥିଲେ। ହେଲେ ଫଳ କିଛି ହେଲାନାହିଁ। ଅତ୍ୟନ୍ତପକ୍ଷେ ଥରେ ଏହି ସାହିକୁ ବିଧାୟକ ଓ ଜିଲ୍ଲାପାଳ ଆସି ବୁଲି ଦେଖି ଯାଆନ୍ତୁ ବୋଲି ସାହି ଲୋକେ ଅନୁରୋଧ କରିଛନ୍ତି।

## ନାବାଳକର ମିଛ ଅପହରଣ କାହାଣୀକୁ ନେଇ ପୁଲିସ ନାକେଦମ

ପଟ୍ଟାମୁଣ୍ଡାଇ, ୨୮।୭(ସମିସ): ଜଣେ ନାବାଳକର ମିଥ୍ୟା ଅପହରଣ କାହାଣୀକୁ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସକୁ ନାକେଦମ ହେବାକୁ ପଡ଼ିଛି। ଉକ୍ତ ନାବାଳକକୁ କେନ୍ଦ୍ରାପଡ଼ା ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ପୁଲିସ ହସ୍ତାନ୍ତର କରିବା ପରେ ଉକ୍ତ ନାବାଳକର ମିଛ ଅପହରଣ କାହାଣୀର ପର୍ଦ୍ଦାଫାସ ହୋଇଛି। ଆଜି ଭୋର ୫ଟାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧୀନ ଗଗୁଆ ପେଟ୍ରୋଲ ପମ୍ପ ନିକଟରୁ ଜଣେ ୧୦ ବର୍ଷର ନାବାଳକକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଉଦ୍ଧାର କରିଥିଲା। ଉଦ୍ଧାର ନାବାଳକକୁ ପୋଲିସ ପଚରାଉଚରା କରିବା ପରେ ସେ ତା'ର ନାମ ଶୁଭଙ୍କର ଦାସ ଓ ତାକୁ ୧୦ ବର୍ଷ ବୟସ ବୋଲି କହିଥିଲା। ଉକ୍ତ ନାବାଳକର ବାପା ମନୋରଞ୍ଜନ ଦାସ ମୃତ୍ୟୁବରଣ କରିଥିବାବେଳେ ସେ ଭୁବନେଶ୍ୱର କଳ୍ପନା ଅଞ୍ଚଳରେ ରହୁଥିବା ଓ ମାଆ ମିନୁ ଦାସ ବିଭିନ୍ନ ଲୋକଙ୍କ ଘରେ କାମଧନ୍ଦା କରି ଜୀବିକା ନିର୍ବାହ କରୁଥିବା ପୁଲିସ ଆଗରେ ବୟାନ ଦେଇଥିଲା। ଗତକାଲି ଅପରାହ୍ନରେ ଦୁଇଜଣ ଯୁବକ ଚକୋଲେଟ ଖାଇବାକୁ ଦେଇ ଏକ କାର୍‌ରେ ଅପହରଣ କରି ଆଣିବା ସହିତ ତାକୁ ବେହୋସ କରି ଦେଇଥିଲେ। ଉକ୍ତ ଯୁବକ ଦ୍ୱୟ ରାତି ୧ଟା ସମୟରେ କାର୍‌ରୁ ଓହ୍ଲାଇ ଦେବା ସହିତ ଏଠାରେ ନାମ ନେଉଥା କହି ଚାଲିଯାଇଥିଲେ ବୋଲି ନାବାଳକ ଜଣକ ବୟାନ ଦେବା ସହିତ ଉକ୍ତ କାର୍ ନମ୍ବର ଶେଷ ସଂଖ୍ୟା ୧୦୧୦ ବୋଲି କହିଥିଲା। ଏହା ଏକ ସ୍ପର୍ଶକାତର ଘଟଣା ହୋଇଥିବାରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଭୁବନେଶ୍ୱର କମିଶନରେଟ ପୁଲିସ ସହିତ ଯୋଗାଯୋଗ କରିବା ସହ ନାବାଳକର ସୁରକ୍ଷା ଦୃଷ୍ଟିରୁ ତାକୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଥିଲେ। ଭୁବନେଶ୍ୱର କମିଶନରେଟ ପୁଲିସ ପକ୍ଷରୁ ନାବାଳକ ସମ୍ପର୍କରେ କୌଣସି ସଠିକ ତଥ୍ୟ ହସ୍ତଗତ ହୋଇପାରି ନ ଥିଲା। ଆଜି ସନ୍ଧ୍ୟାରେ ଉକ୍ତ ନାବାଳକର ଜେଜେମା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପହଞ୍ଚି ଏହା ତାଙ୍କ ନାତିର ଏକ କପୋଳକଳ୍ପିତ କାହାଣୀ ବୋଲି ପୁଲିସକୁ ଅବଗତ କରାଇଥିଲେ। ପୁଅର ମୃତ୍ୟୁ ହୋଇଯାଇଥିବାବେଳେ ବୋହୂ ଘର ଛାଡ଼ି ଚାଲିଯାଇଛି। ନାତି ଶୁଭଙ୍କର ଦୁଷ୍ଟାମି ପ୍ରକୃତିର ପିଲା। ଶୁଭଙ୍କର ପ୍ରଶାସନକୁ ବିଭ୍ରାନ୍ତ କରିଥିବାରୁ ତାଗିଦ କରିବା ସଙ୍ଗେ ସଙ୍ଗେ ପ୍ରଶାସନ ନିକଟରେ କ୍ଷମା ପ୍ରାର୍ଥନା କରିଥିଲେ। ଏହି ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

## ପାର୍ବତୀ ବେହୁରାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ, ୨୮।୭(ସମିସ): ବାଲିପାଟଣା ଗ୍ରାମର ସ୍ୱର୍ଗତ ମଧୁସୂଦନ ବେହୁରାଙ୍କ ପତ୍ନୀ ପାର୍ବତୀ ବେହୁରା (୮୮)ଙ୍କ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଥିଲା। ଆଜି ପ୍ରତ୍ୟୁଷରେ ତାଙ୍କ ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ଶୋଭାଯାତ୍ରାରେ ନିଆଯାଇ ନିଜସ୍ୱ ଶ୍ମଶାନରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ପୁଅ ମନ୍ମଥ ବେହୁରା ମୁଖାଗ୍ନି ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଅଜିତ ନାୟକ, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ପରିଡ଼ା, ପୂର୍ବତନ ବିଧାୟକ କିଶୋର ତରାଇ, ସଫଳ ଚାଷୀ ଅଜୟ ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ସୌମେନ୍ଦ୍ର ନାୟକ, ଶ୍ରୀକାନ୍ତ ମଲ୍ଲିକ, ଜଳଧର ନାୟକ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହୁରା, ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା, ଅବସରପ୍ରାପ୍ତ ପ୍ରଶାସକ ଅନୀଲ ସାମଲ, ସମାଜସେବୀ ଜଗଦୀଶ ନାୟକ, ଜିଲ୍ଲା ପରିଷଦ ପ୍ରାକ୍ତନ ଅଧକ୍ଷା ଗୀତାଞ୍ଜଳି ସେଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଜକନିକା, ୨୮।୭(ସମିସ): କାଟଣାବଣିଆ ପଞ୍ଚାୟତ ଡାଏଣିଗିରି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସରୋଜ ସାମଲ (୬୨)ଙ୍କ ଗତକାଲି ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ଗତକାଲି ରାତି ୧୧ଟା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କଟକର ଗତିରାଉତପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଭାବେ ଗତବର୍ଷ ଅବସର ନେଇଥିଲେ। ଦୁଇବର୍ଷ ପୂର୍ବରୁ ଗାଁର ମୁରବୀ ଥାଇ ଗ୍ରାମଦେବତୀ ମା' ଖରାଖାଇଙ୍କ ପୀଠ, କ୍ରିକେଟ ପଡ଼ିଆ ଭଳି ଅନେକ ଉନ୍ନତିମୂଳକ କାମ କରିଥିଲେ। ବିଜେପି ନେତା କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ଶିକ୍ଷାଧିକାରୀ ରାଜକିଶୋର ସ୍ୱାଇଁଙ୍କ ସମେତ ବହୁ ଶିକ୍ଷକ ଶେଷ ଦର୍ଶନ କରିବା ପରେ ତାଙ୍କ ମୃତଦେହକୁ ଗାଁ ପରିକ୍ରମା କରିବା ପରେ ଶେଷକୃତ୍ୟ ସମାପନ କରାଯାଇଛି।

THE SAKALA

# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ। ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ।
-ମାର୍କ ଟ୍ୱେନ୍

## ସିଜେପି-ଇଜେପି-ଆରଏଚଏ

କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଉଲ୍ଲେଖନୀୟ ସଫଳତାରେ ଅନୁପ୍ରାଣିତ ହୋଇ 'ଇଜେପି'(ଇଥାନଲ୍ ମିଶ୍ରିତ ପଟ୍ରୋଲ୍ ବା ଇ୨୦ ଇନ୍ଧନକୁ ବିରୋଧ କରୁଥିବା 'ଇ୨୦ ଜନତା ପାର୍ଟି') ଏବଂ 'ଆରଏଚ୍ଏ'(ରିଜର୍ଭେସନ୍ ହଟାଅ ଆନ୍ଦୋଳନ) ନାମରେ ଆଉ ଦୁଇଟି ଭର୍ଚୁଆଲ୍ (ଇଣ୍ଟରନେଟ୍ ବା ସାମାଜିକ ଗଣମାଧ୍ୟମ) ରାଜନୈତିକ ଦଳ ଜନ୍ମ ନେଇ ଜନସମର୍ଥନ ହାସଲ ଉଦ୍ୟମ ଜାରି ରଖିଛନ୍ତି। ଏଥିମଧ୍ୟରୁ 'ଆରଏଚ୍ଏ' ଇନଷ୍ଟାଗ୍ରାମ୍‌ରେ ଗୋଟିଏ ଦିନରେ ୨୦ ଲକ୍ଷରୁ ଅଧିକ ସମର୍ଥନ ବା ଅନୁଗାମୀ ସୃଷ୍ଟି କରିଥିବା ଦାବି କରିଛି। ଏହି ଧାରା ଓ ମାନସିକତା ବଳବତ୍ତର ରହିଲେ ଭବିଷ୍ୟତରେ ଭାରତର ବହୁଦଳୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଭଳି ପରିବେଶ ସୃଷ୍ଟି ହେବ।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଏବଂ ଆଜିର ଇଣ୍ଟରନେଟ୍ ଯୁଗରେ ଭିନ୍ନ ମତ, ଭିନ୍ନ ପନ୍ଥ ସୃଷ୍ଟି ଓ ଅନୁସରଣ କରିବାର ଅଧିକାର ସମସ୍ତଙ୍କର ରହିଛି। ଏହି ଆଧାରରେ ସିଜେପି, ଇଜେପି, ଆରଏଚ୍ଏ ଭଳି ବହୁ ଭର୍ଚୁଆଲ୍ ସଂଗଠନ ଓ ଆନ୍ଦୋଳନ କରିବାରେ ଅସ୍ୱାଭାବିକତା ନାହିଁ। କିନ୍ତୁ ଅସଲ ସମସ୍ୟା ହେଉଛି ସେଗୁଡ଼ିକ ଯଦି ଉଦ୍ଦେଶ୍ୟମୂଳକ ବା ନିର୍ଦ୍ଦିଷ୍ଟ ସ୍ୱାର୍ଥବିଜଡ଼ିତ, ଅଭିସନ୍ଧିମୂଳକ, ମତାନ୍ଧ, ସାମ୍ପ୍ରଦାୟିକ ଆଧାରିତ ହୁଏ ତେବେ ଦେଶର ଆଇନ ଶୃଙ୍ଖଳା, ଏକତା, ଅଖଣ୍ଡତା ଓ ସାର୍ବଭୌମ ପ୍ରତି ବିପଦ। ପ୍ରତ୍ୟକ୍ଷ ଭାବେ ଏହା ଇଣ୍ଟରନେଟ୍ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଦୁରୁପଯୋଗ ବୋଲି ଧରାଯିବ। 'ସିଜେପି'ର ଅଭୂତପୂର୍ବ ସଫଳତା ଓ ଉଦାହରଣୀୟ ଲୋକପ୍ରିୟତାକୁ କ୍ଷୁଣ୍ଣ କରିବା ଲାଗି 'ଆରଏଚ୍ଏ' ଭଳି ଏକ ସମାନ୍ତରାଳ ଆନ୍ଦୋଳନ ଶାସନ କଳର ପ୍ରଚ୍ଛନ୍ନ ସମର୍ଥନ ଓ ଯୋଜନାରେ ଜନ୍ମ ନେଇଥିବା ଚର୍ଚ୍ଚା ହେଉଛି। ଯଦି ଏହି ଚର୍ଚ୍ଚା ପଛରେ ଲେଶମାତ୍ର ସତ୍ୟତା ଥାଏ ତେବେ ତାହା ଭାରତକୁ ଏକ ବିଶାଳ ଅଗ୍ନିପିଣ୍ଡୁଳାରେ ପରିଣତ କରିଦେବ, ଯାହାକୁ ନିୟନ୍ତ୍ରଣ କରିବା ଯେକୌଣସି ସରକାର କିମ୍ବା ଦଳ ପକ୍ଷରେ ଅସମ୍ଭବ।

ଆଦର୍ଶ ଓ ଉଦ୍ଦେଶ୍ୟ ଆଧାରରେ ଉପରୋକ୍ତ ତିନି ଆନ୍ଦୋଳନ ବା ସଂଗଠନକୁ ତୁଳନା କରାଯାଉ। ସାମାଜିକ ଅନ୍ୟାୟ, ନୀତିଗତ ବୈଷମ୍ୟ ଓ ବ୍ୟବସ୍ଥାର ଅତ୍ୟାଚାର କୌଣସି ଜାତି, ଦଳ କିମ୍ବା ବର୍ଗ ଦେଖେ ନାହିଁ। ବେରୋଜଗାର, ପୀଡ଼ିତ, ନିଷ୍ପେସିତ, ଅବହେଳିତ ବର୍ଗଙ୍କ ପ୍ରତି ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ସାମାନ୍ୟ ଅସାବଧାନତାବଶତଃ ମୁଖନିଃସୃତ ଶବ୍ଦ(କକ୍ରୋଚ)ରୁ 'ସିଜେପି' ଜନ୍ମ ନେବା ପରେ ସ୍ୱାଭାବିକ ଭାବେ ଦଳମତ ନିର୍ବିଶେଷରେ ଏଥିପ୍ରତି ବିପୁଳ ସମର୍ଥନ ବଢ଼ିଚାଲିଲା। ଅନୁଗାମୀମାନେ ନିଜ ନିଜକୁ 'କକ୍ରୋଚ୍'(ଅସରପା) ରୂପେ ଅଭିହିତ କରିବାକୁ ସଂକୋଚ କଲେ ନାହିଁ ଏବଂ ହୃଦ୍‌ବୋଧ କଲେ ଯେ 'କକ୍ରୋଚ୍ ଜନତା ପାର୍ଟି' ସେମାନଙ୍କ ବେଦନାର କଥା ହିଁ କହୁଛି। ସେଥିରେ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଗତ ସ୍ୱାର୍ଥ ବଦଳରେ ସାର୍ବଜନିନ ସ୍ୱାର୍ଥ ଓ ସ୍ୱର ପ୍ରତିଫଳିତ ହେଲା। 'ସିଜେପି'ର ପ୍ରଥମ ଇସ୍ତାହାର ଓ ଦାବି ଥିଲା ଶାସନ, ପ୍ରଶାସନ ଓ ବ୍ୟବସ୍ଥାରେ ସଂସ୍କାର ଓ ସ୍ୱଚ୍ଛତା, ଯାହା ସମଗ୍ର ଦେଶର ଜନତାଙ୍କ ଦୀର୍ଘବର୍ଷର ଅବଦମିତ ଇଚ୍ଛାକୁ ସାର୍ବଜନିନ ସ୍ତରରେ ଆନୁଷ୍ଠାନିକ ଭାବରେ ପରିପ୍ରକାଶ କଲା। ଭିନ୍ନ ଜାତି ଭିନ୍ନ ଧର୍ମ ଭିନ୍ନ ଗୋଷ୍ଠୀର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଜଡ଼ିତ ପ୍ରଶ୍ନପତ୍ର ପ୍ରଘଟ ପରି ସମ୍ବେଦନଶୀଳ ପ୍ରସଙ୍ଗଟି ସମସ୍ତଙ୍କ ମନକୁ ଛୁଇଁଲା। ଶେଷରେ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି ସଫଳ ହେଲା।

ଅପରପକ୍ଷରେ 'ଇଜେପି'ର ସୃଷ୍ଟି ବ୍ୟବସାୟିକ ଅଭିସନ୍ଧିର ବିରୋଧରୁ। ଇ-ଇନ୍ଧନକୁ ବିରୋଧ ପାଇଁ 'ଇଜେପି'ର ଦାବି ଓ ଉପସ୍ଥିତିକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଦେଶରେ ଆଜି ମଧ୍ୟ ୮୦ କୋଟି ପରିବାର ସରକାରୀ ରିହାତି ଯୋଜନା ଉପରେ ନିର୍ଭରଶୀଳ। ସେମାନଙ୍କ ପାଇଁ ଇନ୍ଧନର ଗୁଣ, ମାନ, ପ୍ରଭାବ ଆଦିର ଅର୍ଥ ଅତି ଗୌଣ। ତେଣୁ 'ଇଜେପି'ଯେ 'ସିଜେପି' ଭଳି ବିପୁଳ ଜନସମର୍ଥନ ହାସଲ କରିବାର ସମ୍ଭାବନା ଆପାତତଃ ଦେଖାଯାଉନାହିଁ। ସେହିପରି 'ସଂରକ୍ଷଣ' ଭଳି ସ୍ୱାଧୀନ ଭାରତର ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ସମ୍ପୂର୍ଣ୍ଣ ଭାବେ ଗୋଷ୍ଠୀଭିତ୍ତିକ ସ୍ୱାର୍ଥ ସାଧନ ଲକ୍ଷ୍ୟରୁ 'ଆରଏଚ୍ଏ'ର ଜନ୍ମ। ତେଣୁ ସଂରକ୍ଷଣର ଲାଭାର୍ଥୀ ଏହାକୁ ସମର୍ଥନ କରିବାର ପ୍ରଶ୍ନ ଉଠୁନାହିଁ କି ସଂରକ୍ଷଣ ବ୍ୟବସ୍ଥାର ପୀଡ଼ିତ ବର୍ଗଙ୍କ ଧାରଣା ଓ ଆନ୍ଦୋଳନ ଯେତେ ତୀବ୍ର ହେଲେ ମଧ୍ୟ ବ୍ୟବସ୍ଥାର ବିଲୋପ ହେବାର ସମ୍ଭାବନା ନାହିଁ। ଅଧିକନ୍ତୁ 'ଆରଏଚ୍ଏ' ଯଦି ସମଗ୍ର ଦେଶର ଯୁବବର୍ଗଙ୍କୁ 'ସଂରକ୍ଷଣ ସପକ୍ଷବାଦୀ' ଓ 'ସଂରକ୍ଷଣ ବିରୋଧୀ' ଭଳି ଦୁଇଗୋଷ୍ଠୀରେ ବିଭକ୍ତ କରିଦେବ ତେବେ ସମଗ୍ର ଭାରତ ମଣିପୁର ଦଶା ଭୋଗିପାରେ। ତେଣୁ 'ସିଜେପି'ର ଲୋକପ୍ରିୟତା ହ୍ରାସ ପାଇଁ ଯଦି ଉଦ୍ଦେଶ୍ୟମୂଳକ ଭାବେ 'ଆରଏଚ୍ଏ'କୁ ସୃଷ୍ଟି କରାଯାଇଥାଏ ତେବେ ତାହା ଅଚିରେ ବୁମେରାଂ ହୋଇ ସ୍ଥିତିକୁ ଭୟାନକ କରିବା ପୂର୍ବରୁ ବିପଜ୍ଜନକ ଯୋଜନାରୁ କ୍ଷାନ୍ତ ରହିବା ଅଧିକ ଉଚିତ ହେବ।

'ଆରଏଚ୍ଏ'ର ଦାବି ଓ ଉଦ୍ଦେଶ୍ୟର ପ୍ରାସଙ୍ଗିକତା ଉପରେ କିଞ୍ଚିତ ଦୃଷ୍ଟି ଦେବା। ସଂରକ୍ଷଣ ବ୍ୟବସ୍ଥାର ବିଲୋପ ଦାବି ଅନୁଚିତ କିମ୍ବା ଅବାଞ୍ଛିତ ନୁହେଁ। କିନ୍ତୁ ଏହାର କଳ୍ପନା ଯେତେ ସରଳ ଦେଖାଯାଇଛି ବାସ୍ତବତା ତା'ଠାରୁ ବହୁଗୁଣ ଜଟିଳ। ସ୍ୱାଧୀନୋତ୍ତର ଭାରତରେ ସାମାଜିକ-ଅର୍ଥନୈତିକ ବୈଷମ୍ୟକୁ ହଟାଇ ସମତୁଲତା ଆଣିବାକୁ ସଂରକ୍ଷଣ ଏକ ପରୀକ୍ଷଣ ଓ ପ୍ରୟୋଗ ଥିଲା, ଯାହା ପରବର୍ତ୍ତୀ କାଳରେ ଭୋଟ-ରାଜନୀତିର ଏକ ଅମୋଘ ଅସ୍ତ୍ର ପାଲଟିଗଲା। ନିର୍ବାଚନ ରଣାଙ୍ଗନରେ ଜିତା ପଟ ହାସଲ କରିବାରେ ବ୍ୟବହୃତ ଏହି ଅମୋଘ ଅସ୍ତ୍ରଟିକୁ କୌଣସି ରାଜନୈତିକ ଦଳ କିମ୍ବା ସରକାର ଏତେ ସହଜରେ ହରାଇବାକୁ ଚାହିଁବେ ନାହିଁ। ବରଂ ସମଗୁଣ ସମ୍ପନ୍ନ ଆହୁରି ଅଧିକରୁ ଅଧିକ ସଂରକ୍ଷଣ-ଅସ୍ତ୍ର ନିର୍ମାଣ ଓ ପ୍ରୟୋଗ ହେଉଥିବା ଦେଖାଯାଉଛି। ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବାର ୭୬ ବର୍ଷ ପରେ ମଧ୍ୟ ଏହାର ମୂଳ ଲକ୍ଷ୍ୟ ପୂରଣ ହୋଇନାହିଁ କି ଆହୁରି ଶହେ ବର୍ଷ ପର୍ଯ୍ୟନ୍ତ ହେବାର ସମ୍ଭାବନା ଦେଖାଯାଉନାହିଁ। ଅଧିକନ୍ତୁ ସଂରକ୍ଷଣର ଫାଇଦା 'ପାରିବାର ଲୋକେ' ହାତେଇ ନେଇ ଚାଲୁଥିବା ବେଳେ 'ଅବଶିଷ୍ଟ ବର୍ଗ' ଅଦ୍ୟାବଧି ବଞ୍ଚିତ।

ସଂରକ୍ଷଣର ଆବଶ୍ୟକତା, ପ୍ରଭାବ ଓ ବାସ୍ତବତା ସମ୍ପର୍କରେ ଅନେକ ବିତର୍କ, ଆଲୋଚନା, ବିକ୍ଷୋଭ, ଆନ୍ଦୋଳନ, ଅଦାଲତ ମାମଲା ଚାଲି ଆସିଛି। ତେଣୁ ଆଉ ଅଧିକ ବିତର୍କ ଅନାବଶ୍ୟକ। ବାସ୍ତବତକୁ ସ୍ୱୀକାର କରି, ପରିସ୍ଥିତିକୁ ହୃଦୟଙ୍ଗମ କରି ସମସ୍ତ ରାଜନୈତିକ ଦଳ 'ସଂରକ୍ଷଣ' ଶବ୍ଦଟିକୁ ବ୍ୟବସ୍ଥାରୁ ସମ୍ପୂର୍ଣ୍ଣ ବିଲୋପ କରିବା ପାଇଁ ସଂକଳ୍ପ ନ ନେବା ପର୍ଯ୍ୟନ୍ତ ଏହି ସମସ୍ୟାର ମୂଳୋତ୍ପାଟନ ହେବ ନାହିଁ। ତେଣୁ 'ଆରଏଚ୍ଏ'କୁ 'ସିଜେପି' ଭଳି ରାଜନୈତିକ ସମର୍ଥନ ମିଳିବା ଆଶା ମଧ୍ୟ ଊଣା। ●

# ବଢ଼ି ଚାଲିଛି ଦେଶର ଋଣ ବୋଝ: ଗତି କୁଆଡ଼େ?

**ପ୍ରହଲାଦ କୁମାର ସିଂହ**

ଭାରତ ସରକାରଙ୍କ ଋଣ ବୋଝ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୨୦୦ଲକ୍ଷ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ୨୦୨୭ ମାର୍ଚ୍ଚ ବେଳକୁ ଏହାର ପରିମାଣ ୨୧୮ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ ବୋଲି ସରକାର ଆକଳନ କରିଛନ୍ତି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ୨୧.୭.୨୦୨୬ରେ ସଂସଦରେ ଦେଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଏହି ତଥ୍ୟ ମୁତାବକ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ଭାରତର ଋଣବୋଝ ୨୦୧.୧୭ ଲକ୍ଷ କୋଟି ଟଙ୍କା ଥିବା ବେଳେ ବୈଦେଶିକ ଋଣର ପରିମାଣ ଥିଲା ୯.୮୯ଲକ୍ଷ କୋଟି ଟଙ୍କା। ତେବେ ବୈଦେଶିକ ଋଣ ବୋଝ ୯.୬୪ଲକ୍ଷ କୋଟି ଟଙ୍କାକୁ କମିପାରେ ବୋଲି ସୂଚନା ମିଳୁଛି।

ବଢ଼ି ଚାଲିଥିବା ଋଣବୋଝ ସହ ତାଳ ଦେଇ ସୁଧ ଓ ମୂଳ ପରିଶୋଧ ବି ବର୍ଷକୁ ବର୍ଷ ବଢ଼ିବଢ଼ି ଚାଲିଛି। ୨୦୨୦-୨୧ ବର୍ଷରେ ଆମ ଦେଶ ୨.୬୨ ଲକ୍ଷ କୋଟି ଟଙ୍କା ଋଣ ପରିଶୋଧ କରିଥିବା ବେଳେ ୬.୮୦ଲକ୍ଷ କୋଟି ଟଙ୍କା ସୁଧ ଆକାରରେ ଦେଇଥିଲା। ୨୦୨୫-୨୬ ବର୍ଷ ପାଇଁ ଯେଉଁ ପ୍ରାଥମିକ ଆକଳନ ସରକାର କରିଛନ୍ତି ତଦନୁଯାୟୀ ୪.୬୧ ଲକ୍ଷ କୋଟି ଟଙ୍କାର ଋଣ ସୁଝା ଯାଇଥିବା ସହ ସୁଧ ବାବଦରେ ଆମ ରାଜକୋଷରୁ ଯାଇଛି ୧୨.୪୩ଲକ୍ଷ କୋଟି ଟଙ୍କା। ଚଳିତ ଆର୍ଥିକ ବର୍ଷରେ ଆମ ଦେଶ ମୂଳ ବାବଦରେ ୬.୨୨ଲକ୍ଷ କୋଟି ଓ ସୁଧ ବାବଦରେ ୧୪.୦୪ଲକ୍ଷ କୋଟି ଟଙ୍କା ପରିଶୋଧ କରିବା ପାଇଁ ବଜେଟ୍‌ରେ ଆକଳନ ରହିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ତଥ୍ୟରେ ଉଲ୍ଲେଖ କରାଯାଇଛି। ୨୦୨୬-୨୭ ବର୍ଷର ମୂଳ ବଜେଟ୍ ୫୩, ୪୭, ୩୧୫ କୋଟି ଟଙ୍କାର ଥିବା ବେଳେ ଏଥିରୁ ୨୪ ପ୍ରତିଶତ ଆସିବ ଋଣରୁ ଏବଂ ସୁଧ ଆଦି ଦେୟ ବାବଦରେ ଖର୍ଚ୍ଚ ହେବ ପ୍ରାୟ ୨୦ ପ୍ରତିଶତ। ମୋଟାମୋଟି ଭାବେ ସରକାରୀ ହିସାବ ମୁତାବକ ଚଳିତ ବର୍ଷରେ କେନ୍ଦ୍ର ସରକାର ୧୭.୨ଲକ୍ଷ କୋଟି ଟଙ୍କାର ଋଣ ଉଠାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଋଣ ବାବଦରେ ସୁଝିବାକୁ ବଜେଟ୍‌ରେ ବ୍ୟବସ୍ଥା ରଖିଛନ୍ତି ୧୪, ୦୩, ୯୭୨ କୋଟି ଟଙ୍କା। କେନ୍ଦ୍ର ସରକାରଙ୍କ ଋଣ ବୋଝ ୨୦୦ଲକ୍ଷ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ରାଜ୍ୟ ସରକାରମାନଙ୍କ ଋଣବୋଝ ପ୍ରାୟ ୧୧୦ଲକ୍ଷ କୋଟି ଟଙ୍କା ହେବ ବୋଲି ଆଶଙ୍କା କରାଯାଉଛି।

୧୯୪୭ରେ ଆମ ଦେଶ ସ୍ୱାଧୀନ ହେବା ବେଳକୁ ଦେଶର ଦେଣା ପରିମାଣ ୨୩୩୧.୯୮ କୋଟି ଟଙ୍କା ଥିଲା। ଏହା ବଢ଼ିବଢ଼ି ଚଳିତ ଆର୍ଥିକ ବର୍ଷରେ ବଜେଟ୍ ବ୍ୟବସ୍ଥାନୁଯାୟୀ ସରକାର ୧୭.୨ଲକ୍ଷ କୋଟି ଟଙ୍କା ଋଣ ଉଠାଇବାକୁ ପ୍ରସ୍ତାବ ରଖିଛନ୍ତି। ଜିଡିପିର ପାଖାପାଖି ୫୮ ପ୍ରତିଶତ ହେଉଛି କେନ୍ଦ୍ର ସରକାରଙ୍କ ଋଣ ବୋଝ। ଋଣ ଯନ୍ତାରେ ପଡ଼ି ପାକିସ୍ତାନ, ଶ୍ରୀଲଙ୍କା, ନେପାଳ ଆଦି ଦେଶମାନେ ଯେମିତି କଲବଲ ହେଉଛନ୍ତି ତାହାକୁ ଆଖି ଆଗରେ ରଖି ଆମ ଋଣ ବୋଝ କମାଇବା କଥା। କିନ୍ତୁ ଆମେରିକା, ଜାପାନ, ଫ୍ରାନ୍ସ, ଇଂଲଣ୍ଡ ଆଦି ଦେଶର ଋଣ ପରିମାଣ ଜିଡିପି ତୁଳନାରେ ଢେର ଅଧିକ ବୋଲି ଯୁକ୍ତି ବାଢ଼ି ଆମେ ଋଣ ବୋଝ ବଢ଼ାଇ ବଢ଼ାଇ ଚାଲିଛେ।

ପ୍ରାୟ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ଆମ ଦେଶ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇ ୫ ଟ୍ରିଲିୟନ୍ ଆର୍ଥିକ କାରବାର ଆଡ଼କୁ ଆଗଉଥିବା କୁହାଯାଉଛି। ଅନ୍ୟପଟେ ଋଣ ବୋଝ ବଢ଼ୁଥିବା ବେଳେ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ବଢ଼ିବଢ଼ି ଚାଲିଛି। ୧୯୫୦-୫୧ରେ ଆମ ଦେଶର ବାଣିଜ୍ୟିକ ନିଅଣ୍ଟ ପରିମାଣ ମାତ୍ର ୨କୋଟି ଟଙ୍କାରେ ସୀମିତ ଥିବା ବେଳେ ୨୦୨୪-୨୫ରେ ଏହା ୨୩ଲକ୍ଷ କୋଟି ଟଙ୍କାରୁ ଅଧିକ ଥିଲା। କେନ୍ଦ୍ର ସରକାରଙ୍କ ଆର୍ଥିକ ସର୍ଭେ ରିପୋର୍ଟ ମୁତାବକ ୨୦୨୪-୨୫ ବର୍ଷରେ ଭାରତ ବିଦେଶକୁ ୩୭, ୦୩, ୪୧୨ କୋଟି ଟଙ୍କାର ସାମଗ୍ରୀ ରପ୍ତାନୀ କରିଥିବା ବେଳେ ବିଦେଶରୁ ଆମଦାନି କରିଥିଲା ୬୦, ୯୮, ୨୧୦ କୋଟି ଟଙ୍କାର ସାମଗ୍ରୀ। ସବୁଠାରୁ ଉଦ୍‌ବେଗଜନକ କଥା ହେଉଛି ଯେ ଆମେ ଖଣିଜ ସାମଗ୍ରୀ ଭଳି କଞ୍ଚାମାଲ୍‌ମାନ ବିଦେଶକୁ ବହୁ ପରିମାଣରେ ରପ୍ତାନୀ କରୁଥିବା ବେଳେ କପା ସମେତ ଅନ୍ୟାନ୍ୟ କୃଷିଜାତ ସାମଗ୍ରୀ ବ୍ୟାପକ ପରିମାଣରେ ଆମଦାନି କରୁଛୁ। ଏମିତିକି ଆମକୁ ବି ବିଦେଶରୁ ଡାଲି ଆଣିବାକୁ ପଡୁଛି। ଆମ ଦେଶର ଆର୍ଥିକ ବିକାଶ ସଂପର୍କରେ ଆମେ ଯେତେ ବଡ଼ବଡ଼ କଥା କହିଲେ ମଧ୍ୟ ବାସ୍ତବ ଚିତ୍ର ହେଉଛି ଟଙ୍କାର ବିନିମୟ ମୂଲ୍ୟ ଆନ୍ତର୍ଜାତିକ ବଜାରରେ ଉଦ୍‌ବେଗଜନକ ଭାବେ ହ୍ରାସ ପାଇବା। ଗତ ଶତାବ୍ଦୀର ୪୦ ଦଶକରେ ଗୋଟିଏ ଆମେରିକୀୟ ଡଲାର ସହିତ ଗୋଟିଏ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ପ୍ରାୟ ସମାନ ଥିଲା। ୧୯୭୬ ବେଳକୁ ଗୋଟିଏ ଡଲାର ବିନିମୟ ମୂଲ୍ୟ ୮ଟଙ୍କା ୯୭ ପଇସା ଥିବାବେଳେ ୨୦୦୦ରେ ତାହା ୪୫ଟଙ୍କା, ୨୦୧୪ରେ ୬୧ ଟଙ୍କା ଓ ୨୦୨୬ ଜୁଲାଇ ବେଳକୁ ପ୍ରାୟ ୯୭ଟଙ୍କାରେ ପହଞ୍ଚିଲାଣି।

ଆର୍ଥିକ ବିକାଶ ପାଇଁ ଋଣ କଲେ ଲାଭରୁ ତାହା ସହଜରେ ସୁଝି ହୋଇଯାଏ। କିନ୍ତୁ ଆମେ ପ୍ରଶାସନିକ ଖର୍ଚ୍ଚ ବୃଦ୍ଧି କରିବା ସହିତ ଲଗାମଛଡ଼ା ଅପବ୍ୟୟ, ଦୁର୍ନୀତି, ମାଗଣା ବଣ୍ଟନ, ନିଶା ପ୍ରସାରଣ, ନୀତି ବିହୀନ ରାଜନୀତି ଆଦିରେ ମାତିବା ଫଳରେ ଅବସ୍ଥା ବିଗିଡ଼ି ଚାଲିଛି। ତଳୁ ଉପର ପର୍ଯ୍ୟନ୍ତ ସରକାରୀ କାମରେ ପିସି ରାଜ୍ ଚାଲିଛି। ଏକଦା ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିକାଶମୂଳକ କାମ ପାଇଁ କେନ୍ଦ୍ର ଦେଉଥିବା ଅର୍ଥର ପ୍ରାୟ ୮୫ ପ୍ରତିଶତ ବାଟମାରଣା ହୋଇଯାଉଛି ବୋଲି। ମିତବ୍ୟୟିତାକୁ ଭୁଲି ଆମେ ଅର୍ଥ ଅପଚୟରେ ଲାଗିପଡ଼ିଛୁ। ଏଭଳି ସ୍ଥିତିରେ ଋଣ ବୋଝ ସହିତ ବେକାରୀ, ବେରୋଜଗାରୀ, ନିଶା, ହିଂସା, ଅପରାଧ ଆଦି ବଢ଼ି ଚାଲିଥିବାବେଳେ ସୀମିତ ସଂଖ୍ୟକ ଧନୀଙ୍କ ହାତରେ ଆମ ରାଷ୍ଟ୍ରୀୟ ସଂପଦର ମୁଖ୍ୟାଂଶ ରହୁଛି।

ମାଗଣା ବଣ୍ଟନ ବ୍ୟବସ୍ଥା ଘେନି ବାରମ୍ବାର ସର୍ବୋଚ୍ଚ ନ୍ୟାୟାଳୟ, ରିଜର୍ଭ ବ୍ୟାଙ୍କ ଓ ପ୍ରଗତିଶୀଳ ଅର୍ଥଶାସ୍ତ୍ରୀମାନେ ଚିନ୍ତା ପ୍ରକଟ କରୁଛନ୍ତି। ଅଥଚ ଆଗାମୀ ପିଢ଼ି ପାଇଁ ନଭାବି ଆଗାମୀ ନିର୍ବାଚନ ଜିଣିବା ଲାଗି ବିଭିନ୍ନ ଦଳର ରାଜନୈତିକ ନେତୃବୃନ୍ଦ ମାଗଣା ବଣ୍ଟନର ପ୍ରତିଯୋଗିତା ଚଲାଇ ପରଧନରେ ପୁନେଇ କରୁଛନ୍ତି। ଦେଶର ୮୦କୋଟି ୧୦ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଓ ଗହମ ଆଦି ଦିଆଯାଉଥିବାବେଳେ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ବି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଲକ୍ଷଲକ୍ଷ କୋଟି ଟଙ୍କା ବାଣ୍ଟୁଛନ୍ତି। ଏଥିରୁ ବହୁ ଅଯୋଗ୍ୟ ଓ ସଂପନ୍ନ ଲୋକ ଫାଇଦା ଉଠାଇ ଚାଲିଛନ୍ତି। ଆର୍ଥିକ ଦୃଷ୍ଟିରୁ ଆମ ଦେଶ କେତେ ସବଳ ତାହା ଏହି ମାଗଣା ବଣ୍ଟନ ଯୋଜନାମାନ ସୂଚାଇ ଦେଉଛନ୍ତି।

ପ୍ରକାଶିତ ତଥ୍ୟ ମୁତାବକ ଆମ ଦେଶର ଧନୀ ଲୋକଙ୍କ ଭିତରୁ ୩୦ ପ୍ରତିଶତଙ୍କ ହାତରେ ମୋଟ ସଂପତ୍ତିର ୯୦ ପ୍ରତିଶତ ରହିଥିବା ବେଳେ ଏହି ବର୍ଗର ଶୀର୍ଷରେ ଥିବା ୧ ପ୍ରତିଶତ ଧନୀଙ୍କ ହାତରେ ମୋଟ ସଂପତ୍ତିର ୪୦ ପ୍ରତିଶତରୁ ଅଧିକ ରହିଛି। ବିଶ୍ୱର ବିଭିନ୍ନ ଦେଶ ତୁଳନାରେ ସର୍ବାଧିକ ଦରିଦ୍ର ଲୋକ ରହୁଛନ୍ତି ଭାରତରେ। ଦେଶ ଚଳାଇବା ପାଇଁ ଆମ ଦେଶର ଜିଏସ୍‌ଟି ବାବଦରେ ଯେତେ ଟିକସ ଆଦାୟ ହେଉଛି ତାହାର ପ୍ରାୟ ଦୁଇ-ତୃତୀୟାଂଶ ସବୁଠାରୁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଲୋକଙ୍କଠାରୁ ଆଦାୟ ହୋଇଥାଏ। ମୋଟାମୋଟି ଭାବେ ଗରିବ ଲୋକଙ୍କ ଟିକସ ଅର୍ଥରେ ଏବଂ ସେମାନଙ୍କ ମୁଣ୍ଡ ଉପରେ ଉଠାଯାଉଥିବା ଋଣକୁ ଭରସା କରି ଆମ ଦେଶ ଚାଲିଛି। ଋଣ ବୋଝ ଓ ବିଦେଶୀ ଯନ୍ତାରୁ ମୁକ୍ତି ପାଇବା ହେଉଛି ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆହ୍ୱାନ।

ଦାରିଦ୍ର୍ୟ ଓ ଋଣ ଚାପରେ ହନ୍ତସନ୍ତ ହୋଇ ଲୋକେ ଆତ୍ମହତ୍ୟା କରିବା ସଂକ୍ରାନ୍ତୀୟ ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଏ। କେବଳ ସେତିକି ନୁହେଁ- ନିଶା, ହିଂସା, ବେକାରୀ, ବେରୋଜଗାରୀ ଆଦି ପାଇଁ ବି ହତ୍ୟା, ଆତ୍ମହତ୍ୟା ଆଦି ଘଟିଥାଏ। ଏଭଳି ସ୍ଥିତିରେ ରାଜ୍ୟ ଓ ରାଷ୍ଟ୍ର ଋଣ ଚାପରେ ଅଣନିଶ୍ୱାସୀ ହୋଇପଡୁଥିବା ବେଳେ ସେଥିରୁ ମୁକ୍ତି ପାଇବା ପାଇଁ ବାଟ ଖୋଜିବା ପରିବର୍ତ୍ତେ ଭୋଟ ବେପାରୀ ଓ ଭୋଟ ଭିକାରିମାନେ ଆମ ଉପରେ ଅଧିକରୁ ଅଧିକ ଋଣ ବୋଝ ଲଦି ଚାଲିଛନ୍ତି। 'ଗ୍ରାମ ସ୍ୱରାଜ' ପ୍ରତିଷ୍ଠା ହୋଇଥିଲେ ଗାଁଗୁଡ଼ିକ ହୋଇଥାନ୍ତା ସ୍ୱାବଲମ୍ବୀ। କିନ୍ତୁ ଆମେ ବିପରୀତ ଦିଗରେ ଚାଲିଛୁ। ଗୋଟିଏ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତକୁ ବେପାର କରିବାକୁ ଆସି ଆମ ଦେଶକୁ ପ୍ରାୟ ୩୦୦ ବର୍ଷ ଧରି ଲୁଟ୍ କରି ଚାଲିଲା। ଏବେ ତ ଶହଶହ ସଂଖ୍ୟାରେ ଦେଶୀ, ବିଦେଶୀ କମ୍ପାନୀ ସତେ ଯେମିତି ଆମ ଅସ୍ଥିମଜ୍ଜାକୁ ଶୋଷି ଚାଲିଛନ୍ତି। ଏପରି ବିପଜ୍ଜନକ ସ୍ଥିତିରୁ ମୁକୁଳିବା ପାଇଁ ଆମକୁ ସରଳ ସ୍ୱଦେଶୀ ସଂସ୍କୃତିକୁ ଆପଣାଇ ପ୍ରତି ଗାଁ ଓ ପ୍ରତି ଲୋକଙ୍କୁ ସ୍ୱାବଲମ୍ବୀ କରିବାକୁ ହେବ ଏବଂ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ପ୍ରଶାସନିକ ଓ ରାଷ୍ଟ୍ରୀୟ କ୍ଷେତ୍ରରେ ନିଷ୍ଠାର ସହ ମିତବ୍ୟୟିତା ଓ ସ୍ୱଚ୍ଛତାକୁ ଆପଣାଇବାକୁ ପଡ଼ିବ। ପ୍ରତି କ୍ଷେତକୁ ପାଣି ସହିତ ପ୍ରତି ହାତକୁ କାମ ଯୋଗାଇବା ସଂଗେସଂଗେ ପ୍ରାକୃତିକ ସଂପଦ ଏବଂ ପରିବେଶ ସୁରକ୍ଷା କରିବାକୁ ପଡ଼ିବ। କୃଷି, କୁଟୀରଶିଳ୍ପ, ଗ୍ରାମ୍ୟ ଶିଳ୍ପକୁ ସୁଦୃଢ଼ କରି ଖଣିଜ ଓ ଜଙ୍ଗଲଜାତ ସାମଗ୍ରୀକୁ ଚାହିଦା ମୁତାବକ ବ୍ୟବହାର କରିପାରିଲେ ବହୁ ସମସ୍ୟାର ସମାଧାନ ହୋଇପାରିବ। ନହେଲେ ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଭଳି ଆମ ଋଣ ଗ୍ରସ୍ତ ଅବସ୍ଥା ଓ ବ୍ୟବସ୍ଥା ବିପନ୍ନ ହୋଇପଡ଼ିବ। ●

ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

# କୃଷିନୀତିର ନୀରବ ବୈଷମ୍ୟ

**ଶଙ୍ଖସିନ୍ଧୁ ପୁରୋହିତ**

ଜମି, ପାଣି, ବର୍ଷା ଓ ଚାଷୀ - ଏହି ଚାରି ସ୍ତମ୍ଭ ଉପରେ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ଠିଆ ହୋଇଛି। କିନ୍ତୁ ଏହି କୃଷି ବ୍ୟବସ୍ଥାର ଭିତରେ ଏକ ଗଭୀର ନୀରବ ବୈଷମ୍ୟ ବର୍ଷ ବର୍ଷ ଧରି ରହିଆସିଛି। ସେହି ବୈଷମ୍ୟ ହେଉଛି - ଅଣଋଣୀ ଚାଷୀଙ୍କ ପ୍ରତି ସରକାରୀ ଅବହେଳା। ବିଶେଷ ଭାବେ ସାର ଯୋଗାଣ କ୍ଷେତ୍ରରେ ଏ ଅବହେଳା ଚରମ ସୀମାରେ ପହଁଚିଛି। ଯେଉଁ ଚାଷୀ କୃଷି ସମବାୟରୁ ଋଣ ନେଇଛନ୍ତି ସେମାନଙ୍କ ପାଇଁ ସାର ଯୋଗାଣରେ ଅନେକ ସମୟ ସୁବିଧା ରହୁଥିବା ବେଳେ ଯେଉଁ ଚାଷୀ ନିଜ ସଞ୍ଚୟ, ପରିବାରର ଆୟ କିମ୍ବା ଧାରକରଜ କରି ଚାଷ କରୁଛନ୍ତି, ସେମାନେ ସାର ପାଇଁ ଦୋକାନରୁ ଦୋକାନ ବୁଲୁଛନ୍ତି। ଏହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ; କୃଷିନୀତିର ଏକ ଗମ୍ଭୀର ସାମାଜିକ ଅସମାନତା।

ଅଣଋଣୀ ଚାଷୀ ହେଉଛି ବ୍ୟକ୍ତି ଯିଏ କୌଣସି କାରଣରୁ ବ୍ୟାଙ୍କରୁ ଋଣ ନେଇନାହାନ୍ତି। ଅନେକଙ୍କର ଜମିର କାଗଜପତ୍ର ସଠିକ୍ ନଥାଏ। କେହି ଭାଗଚାଷୀ, କେହି ପୂର୍ବ ଋଣ ଶୁଝିବାରେ ବ୍ୟସ୍ତ। ଆଉ କେହି ବ୍ୟାଙ୍କର ଜଟିଳ ପ୍ରକ୍ରିୟାରୁ ଦୂରରେ ରହିବାକୁ ଚାହାନ୍ତି। କିନ୍ତୁ ସେମାନେ ଚାଷ କରନ୍ତି, ଖାଦ୍ୟ ଉତ୍ପାଦନ କରନ୍ତି ଓ ରାଜ୍ୟର ଖାଦ୍ୟ ସୁରକ୍ଷାରେ ସମାନ ଅବଦାନ ରଖନ୍ତି। ତେବେ କେବଳ ଋଣ ନେଇ ନ ଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବେ କାହିଁକି? ପ୍ରତିବର୍ଷ ଖରିଫ ଓ ରବି ଋତୁରେ ସାର ଅଭାବର ଖବର ଆସିଥାଏ। ଦୀର୍ଘ ଧାଡ଼ି, ଟୋକନ ବ୍ୟବସ୍ଥା, ଷ୍ଟକ୍ ଶେଷ, କୃତ୍ରିମ ସଙ୍କଟ, କଳାବଜାରି, ଅଧିକ ଦାମରେ ବିକ୍ରି - ଏସବୁ ଆଜି ଗ୍ରାମାଞ୍ଚଳର ସାଧାରଣ ଚିତ୍ର। ଠିକ୍ ସମୟରେ ସାର ନମିଳିଲେ ଫସଲର ବୃଦ୍ଧି ପ୍ରଭାବିତ ହୁଏ। କୃଷିରେ ସମୟ ହିଁ ସବୁଠାରୁ ବଡ଼ ପୁଞ୍ଜି। ଏକ ସପ୍ତାହର ବିଳମ୍ବ କେବେ କେବେ ଏକ ଋତୁର କ୍ଷତିରେ ପରିଣତ ହୁଏ।

ଅଣଋଣୀ ଚାଷୀଙ୍କ ଯନ୍ତ୍ରଣା ଏଠିରେ ଶେଷ ହୁଏ ନାହିଁ। ଅନେକ ସମୟରେ ସାର ବଣ୍ଟନକୁ ଋଣ ଖାତା କିମ୍ବା ସମବାୟ ସମିତି ସହିତ ଯୋଡ଼ି ଦିଆଯାଏ। ଫଳରେ ଋଣ ନ ନେଇଥିବା ଚାଷୀ ନିଜ ଟଙ୍କାରେ ସାର କିଣିବାକୁ ଚାହିଁଲେ ମଧ୍ୟ ଯଥେଷ୍ଟ ପରିମାଣର ସାର ପାଆନ୍ତି ନାହିଁ। ଏହା କେବଳ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ଏହା ସମାନ ଅଧିକାରର ପ୍ରଶ୍ନ। ବାସ୍ତବରେ, ରାଜ୍ୟର ବହୁ କ୍ଷୁଦ୍ର ଓ ସୀମାନ୍ତ ଚାଷୀ ଆଜି ମଧ୍ୟ ଅନୁଷ୍ଠାନିକ ଋଣ ବ୍ୟବସ୍ଥାରୁ ବାହାରେ ଅଛନ୍ତି। ତଥାପି ସେମାନେ ନିଜ ସାମର୍ଥ୍ୟ ଅନୁଯାୟୀ ଚାଷ କରୁଛନ୍ତି। ଏମାନଙ୍କୁ ଅବହେଳା କରି କୌଣସି କୃଷିନୀତି ସଫଳ ହୋଇପାରିବ ନାହିଁ।

ସାର ସଙ୍କଟର ମୂଳ କାରଣ କେବଳ ଉତ୍ପାଦନ ଅଭାବ ନୁହେଁ। ଯୋଜନାର ଦୁର୍ବଳତା, ଚାହିଦାର ସଠିକ୍ ଆକଳନ ନହେବା, ପରିବହନର ବିଳମ୍ବ, ଗୋଦାମ ପରିଚାଳନାର ଅବ୍ୟବସ୍ଥା ସମେତ କଳାବଜାରୀ ଏହାକୁ ଆହୁରି ଜଟିଳ କରିଥାଏ। ଅନେକ ଅଞ୍ଚଳରେ ସାର ଷ୍ଟକ୍ ଥିଲେ ମଧ୍ୟ ସଠିକ୍ ବଣ୍ଟନ ବ୍ୟବସ୍ଥା ନଥିବାରୁ ପ୍ରକୃତ ଚାଷୀ ବଞ୍ଚିତ ହୁଅନ୍ତି। କୃଷି କେବଳ ଉତ୍ପାଦନର ପ୍ରକ୍ରିୟା ନୁହେଁ; ଏହା ଗ୍ରାମୀଣ ସମାଜର ଅର୍ଥନୈତିକ ସ୍ଥିରତା, ଖାଦ୍ୟ ସୁରକ୍ଷା ଓ ସାମାଜିକ ସମ୍ମାନର ଭିତ୍ତି। ତେଣୁ ଯଦି କୌଣସି ନୀତି ଏକ ଶ୍ରେଣୀର ଚାଷୀଙ୍କୁ ସୁବିଧା ଦେଇ ଅନ୍ୟ ଶ୍ରେଣୀକୁ ବଞ୍ଚିତ କରେ, ତେବେ ସେହି ନୀତି ଦୀର୍ଘମିଆଦରେ କୃଷିର ସ୍ଥାୟୀ ବିକାଶକୁ ବାଧା ଦେବ।

ସମାଧାନର ପଥ ଅସମ୍ଭବ ନୁହେଁ। ପ୍ରଥମତଃ, ଋଣୀ ଓ ଅଣଋଣୀ ଚାଷୀଙ୍କ ମଧ୍ୟରେ ସାର ବଣ୍ଟନରେ କୌଣସି ପ୍ରକାରର ବୈଷମ୍ୟ ରହିବା ଉଚିତ ନୁହେଁ। ଦ୍ୱିତୀୟତଃ, କୃଷକ ପଞ୍ଜୀକରଣ ଆଧାରରେ ସମସ୍ତ ପ୍ରକୃତ ଚାଷୀଙ୍କୁ ସମାନ ଭାବେ ସାର ଯୋଗାଇବାକୁ ପଡ଼ିବ। ତୃତୀୟତଃ, ପ୍ରତ୍ୟେକ ବ୍ଲକ ସ୍ତରରେ ଡିଜିଟାଲ୍ ଷ୍ଟକ୍ ମନିଟରିଂ ବ୍ୟବସ୍ଥା କରାଯିବା ଦରକାର, ଯାହାଦ୍ୱାରା କେଉଁଠି କେତେ ସାର ଉପଲବ୍ଧ ଅଛି, ଚାଷୀ ସହଜରେ ଜାଣିପାରିବେ। ଚତୁର୍ଥତଃ, କଳାବଜାରୀ ଓ ମହଜୁଦଦାରୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ନିୟମିତ ସାମାଜିକ ଅଡିଟ୍ କରାଯିବା ଆବଶ୍ୟକ। ଏହା ସହିତ ରାସାୟନିକ ସାର ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇ ଜୈବ ସାର, ଜୈବିକ କୃଷି ଓ ସମନ୍ୱିତ ପୋଷକ ପରିଚାଳନାକୁ ପ୍ରୋତ୍ସାହନ ଦେବା ସମୟର ଆବଶ୍ୟକତା। କୃଷକଙ୍କୁ ବିକଳ୍ପ ପ୍ରଯୁକ୍ତି ଓ ପ୍ରଶିକ୍ଷଣ ଯୋଗାଇ ଦିଆଗଲେ ସାର ଉପରେ ଚାପ ମଧ୍ୟ କମିବ।

ବସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା - ସିଏମ କିଷାନ, ପିଏମ୍-କିଷାନ୍ କିମ୍ବା ସୁଧମୁକ୍ତ ଋଣ ସେତେବେଳେ ସାର୍ଥକ ହେବ, ଯେତେବେଳେ ମୌଳିକ କୃଷି ଉପକରଣ ସମସ୍ତ ଚାଷୀଙ୍କ ହାତରେ ସମାନ ଭାବେ ପହଞ୍ଚିବ। ନଚେତ୍ ଏହି ଯୋଜନାଗୁଡ଼ିକ କେବଳ ପରିସଂଖ୍ୟାନରେ ସୀମିତ ରହିଯିବ।

ପ୍ରଶ୍ନ ଉଠୁଛି ଖାଦ୍ୟ ଉତ୍ପାଦନ କରୁଥିବା ଚାଷୀଙ୍କୁ କ'ଣ ଆମେ ଋଣୀ ଓ ଅଣଋଣୀ ବୋଲି ବିଭକ୍ତ କରିବା? ମାଟି କେବେ ଚାଷୀର ଋଣ ସ୍ଥିତି ପଚାରେ ନାହିଁ; ବର୍ଷା ମଧ୍ୟ କାହାକୁ ଅଲଗା କରେନାହିଁ। ତେବେ ସରକାରୀ ବ୍ୟବସ୍ଥା କାହିଁକି ଏହି ପାର୍ଥକ୍ୟ ସୃଷ୍ଟି କରିବ? ଓଡ଼ିଶାର କୃଷିର ଭବିଷ୍ୟତ ସେତେବେଳେ ସୁରକ୍ଷିତ ହେବ, ଯେତେବେଳେ ପ୍ରତ୍ୟେକ ଚାଷୀ ଋଣୀ ହେଉନ୍ତୁ କି ଅଣଋଣୀ ସମାନ ସମ୍ମାନ, ସମାନ ସୁଯୋଗ ଓ ସମାନ ଅଧିକାର ପାଇବେ। କୃଷକଙ୍କ ପରିଚୟ ତାଙ୍କର ଋଣ ନୁହେଁ, ତାଙ୍କର ଶ୍ରମ। ସେହି ଶ୍ରମର ସମ୍ମାନ ରକ୍ଷା କରିବା ହିଁ ଏକ କଲ୍ୟାଣମୂଳକ ରାଜ୍ୟର ପ୍ରକୃତ ପରିଚୟ। ଅଣଋଣୀ ଚାଷୀଙ୍କ ସାର ସମସ୍ୟା କେବଳ କୃଷିର ସମସ୍ୟା ନୁହେଁ; ଏହା ନ୍ୟାୟ, ସମାନତା ଓ ସମ୍ବେଦନଶୀଳ ଶାସନ ବ୍ୟବସ୍ଥାର ପରୀକ୍ଷା। ଏହି ପରୀକ୍ଷାରେ ରାଜ୍ୟ କେତେ ସଫଳ ହେବ, ତାହା ନିର୍ଣ୍ଣୟ କରିବ ଆଗାମୀ ଦିନର ଓଡ଼ିଶାର କୃଷି ଓ ଚାଷୀଙ୍କ ଭବିଷ୍ୟତ। ●

କୋଟସମଲାଏ(ସୁବର୍ଣ୍ଣପୁର),
ମୋ: ୭୯୭୮୨୩୮୬୦୬

## ଚୈତନ୍ୟ ମଙ୍ଗଳରେ ଶ୍ରୀଜଗନ୍ନାଥ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ସୂର୍ଯ୍ୟବଂଶରେ ଇନ୍ଦ୍ରଦ୍ୟୁମ୍ନ ନାମରେ ଜଣେ ଧର୍ମପ୍ରାଣ, ନ୍ୟାୟବନ୍ତ, ପ୍ରଜାବତ୍ସଳ ଓ ଦିଗ୍‌ବିଜୟୀ ରାଜାଥିଲେ। ସେ ଏକ ସୁବର୍ଣ୍ଣ ମନ୍ଦିର ନିର୍ମାଣ କରି ମହାବିଷ୍ଣୁଙ୍କର ଏକ ଦିବ୍ୟବିଗ୍ରହ ପ୍ରତିଷ୍ଠା କରି ଆରାଧନା ପାଇଁ ସଙ୍କଳ୍ପ କଲେ। ମନ୍ଦିର ନିର୍ମାଣ ପରେ ବେଦବର ବ୍ରହ୍ମାଙ୍କଠାରୁ ଏକ ପୂଜାଯୋଗ୍ୟ ବିଗ୍ରହ ଆଣିବା ପାଇଁ ରାଜା ବ୍ରହ୍ମଲୋକ ଗମନ କଲେ। ସେତେବେଳେ ସନ୍ଧ୍ୟା ସମୟ ଥିଲା। ତେଣୁ ବ୍ରହ୍ମା ରାଜାଙ୍କୁ କିଛି ସମୟ ଅପେକ୍ଷା କରିବାକୁ କହି ସନ୍ଧ୍ୟା ଉପାସନା କରିବାକୁ ବସିଗଲେ। ବ୍ରହ୍ମଲୋକର ଗୋଟିଏ ମୁହୂର୍ତ୍ତ ମର୍ତ୍ତ୍ୟଲୋକର ସହସ୍ର ସହସ୍ର ବର୍ଷ ସହ ସମାନ। ଉପାସନା ସରିବା ପରେ ବ୍ରହ୍ମା ରାଜାଙ୍କୁ କହିଲେ, 'ଇତିମଧ୍ୟରେ ମର୍ତ୍ତ୍ୟମଣ୍ଡଳରେ ଅନେକ ଯୁଗ ଅତିବାହିତ ହୋଇସାରିଲାଣି। ତୁମ ଦ୍ୱାରା ନିର୍ମିତ ମନ୍ଦିର ବାଲୁକା ସ୍ତୂପ ତଳେ ବୁଡ଼ି ଅଦୃଶ୍ୟ ହୋଇଯାଇଛି। ତୁମେ ମର୍ତ୍ତ୍ୟଲୋକକୁ ଯାଇ ପ୍ରଥମେ ମନ୍ଦିରର ସନ୍ଧାନ କର। ଯଦି ସଫଳ ହେବ ମୁଁ ତୁମକୁ ପୂଜାଯୋଗ୍ୟ ବିଗ୍ରହ ପ୍ରଦାନ କରିବି।'

ରାଜା ମର୍ତ୍ତ୍ୟଲୋକକୁ ଫେରି ନିଜର ପରିବାର ବନ୍ଧୁ ପରିଜନଙ୍କୁ ନ ପାଇ ଭଗ୍ନ ହୃଦୟରେ ବିଳାପ କରି ଅରଣ୍ୟରେ ପାଗଳପ୍ରାୟ ବୁଲିବାକୁ ଲାଗିଲେ। ସେହି ସମୟରେ ରାଜା ବିଶ୍ୱକେସନ ନାମକ ଜଣେ ଲୋକକୁ ଭେଟିଲେ। ସେ ରାଜାଙ୍କୁ ମନ୍ଦିର ବିଷୟରେ ଶୁଣିଥିବା ପୂର୍ବ ବୃତ୍ତାନ୍ତ ବର୍ଣ୍ଣନା କଲେ। ସେ ବିଷୟରେ ଅଧିକ ଖବର ଜାଣିବା ପାଇଁ ସେ ରାଜାଙ୍କୁ ଅକ୍ଷୟବଟଙ୍କ ପାଖକୁ ଯିବାକୁ ଉପଦେଶ ଦେଲେ। ରାଜା ଅକ୍ଷୟ ବଟଙ୍କ ପାଖକୁ ଯିବା ପରେ ବଟ ତାଙ୍କୁ ମାର୍କଣ୍ଡେୟ ସରୋବର ନିକଟରେ ବାସ କରୁଥିବା ଉଲ୍ଲୁକଙ୍କ ପାଖକୁ ପଠେଇ ଦେଲେ। ଉଲ୍ଲୁକ କହିଲେ- 'ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ରାଜା ଏକ ସୁବର୍ଣ୍ଣ ମନ୍ଦିର ନିର୍ମାଣ କରି ବ୍ରହ୍ମାଙ୍କଠାରୁ ବିଷ୍ଣୁଙ୍କର ଶ୍ରୀବିଗ୍ରହ ଆଣିବା ପାଇଁ ବ୍ରହ୍ମଲୋକ ଯାଇଥିଲେ ବୋଲି ମୁଁ ଶ୍ୱେତଗଙ୍ଗାର କୁର୍ମମାନଙ୍କଠାରୁ ଶୁଣିଛି। ରାଜା ବ୍ରହ୍ମଲୋକରେ ଥିବା ବେଳେ ତାଙ୍କର ବଂଶଧରମାନେ ଅନେକ କାଳ ରାଜତ୍ୱ କଲାପରେ ମହାପ୍ରଳୟରେ ପ୍ରାଣ ତ୍ୟାଗ କଲେ। ସେ ବିଷୟରେ ଅଧିକ ବିବରଣୀ କୁର୍ମମାନେ ଦେଇପାରିବେ।'

ରାଜା ଉଲ୍ଲୁକଙ୍କ ସହ ଶ୍ୱେତଗଙ୍ଗା ତୀର୍ଥକୁ ଯାଇ କୁର୍ମମାନଙ୍କୁ ଭେଟିଲେ। କୁର୍ମମାନେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରି ସେଠାରେ ରାଜତ୍ୱ କରିବା ପାଇଁ ରାଜାଙ୍କୁ ଅନୁରୋଧ କଲେ। ଇନ୍ଦ୍ରଦ୍ୟୁମ୍ନ ଓଡ଼ିଶାର ରାଜା କୌବୀର୍ଯ୍ୟଙ୍କ କନ୍ୟା ମାଳାବତୀଙ୍କୁ ବିବାହ କଲେ। ରାଜାଙ୍କ ଔରସରୁ ମାଳାବତୀ ଚଉଦ ପୁତ୍ର ଓ ସତ୍ୟବତୀ ନାମକ ଏକ ସୁନ୍ଦରୀ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଲେ। ତା' ପରେ ରାଜା ତାଙ୍କ ଦ୍ୱାରା ନିର୍ମିତ ସୁବର୍ଣ୍ଣର୍ ମନ୍ଦିରକୁ ବାଲି ଖୋଳି ବାହାର କରିବା ପାଇଁ ଚିନ୍ତା କରି ପୁଣି ବ୍ରହ୍ମାଙ୍କୁ ପ୍ରାର୍ଥନା କଲେ। ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ବେଦବର ବ୍ରହ୍ମା ପ୍ରକଟ ହୋଇ କହିଲେ, 'ରାଜା, ତୁମର ମନ୍ଦିର ଗଭୀର ବାଲୁକା ରାଶି ତଳେ ପୋତି ହୋଇଛି। ତୁମେ ତା'କୁ ଖୋଳି ବାହାର କରିବାକୁ ଚେଷ୍ଟା କଲେ ପୃଥିବୀ ରସାତଳ ଗାମୀ ହେବ। ତା' ବଦଳରେ ବିଶ୍ୱକର୍ମା ମହାପ୍ରଭୁଙ୍କ ପାଇଁ କାରୁକାର୍ଯ୍ୟ ଖଚିତ ଏକ ପଥରର ମନ୍ଦିର ନିର୍ମାଣ କରିଦେବେ। ଦ୍ୱାପର ଯୁଗରେ ଭଗବାନ କୃଷ୍ଣ ଯେଉଁ ଦିବ୍ୟନିମ ଗଛ ମୂଳରେ ଶରୀର ତ୍ୟାଗ କରିଥିଲେ, ସେହି ବୃକ୍ଷ ଦାରୁରୂପେ ସମୁଦ୍ରରେ ଭାସି ଭାସି ଆସି ମହୋଦଧି କୂଳରେ ଲାଗିବେ। ସେ ଦିବ୍ୟ ଦାରୁ ତୁମକୁ ବୈଶାଖ ମାସ ପୂର୍ଣ୍ଣିମା ତିଥିରେ ପ୍ରାପ୍ତ ହେବେ। ତୁମେ ସେହି ଦାରୁରେ ଚତୁର୍ଦ୍ଧାବିଗ୍ରହ ନିର୍ମାଣ କରି ସେହି ମନ୍ଦିରରେ ଆରାଧନା କରିବ।'

ବ୍ରହ୍ମାଙ୍କ ଆଦେଶରେ ବିଶ୍ୱକର୍ମା କାରୁକାର୍ଯ୍ୟ ବିମଣ୍ଡିତ ଏକ ବିଶାଳ ମନ୍ଦିର ନିର୍ମାଣ କଲେ। ବ୍ରହ୍ମାଙ୍କ କଥାନୁସାରେ ମହୋଦଧିରେ ଭାସି ଆସିଥିବା ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କଲେ। ମନ୍ଦିରରେ ପ୍ରତିଷ୍ଠା ହେବା ପରେ ମହାପ୍ରଭୁ ରାଜାଙ୍କ ଉପରେ ପ୍ରସନ୍ନ ହୋଇ ବର ମାଗିବା ପାଇଁ ଆଦେଶ ଦେଲେ। ରାଜା ଯୋଡ଼ହସ୍ତ ହୋଇ ନିବେଦନ କଲେ, 'ମହାପ୍ରଭୁ, ସତ୍ୟବତୀ ନାମରେ ମୋର ଗୋଟିଏ ରୂପବତୀ ଗୁଣବତୀ କନ୍ୟା ଅଛି। ତା' ପାଇଁ ଆପଣଙ୍କଠାରୁ ଅଧିକ ଉପଯୁକ୍ତ ବର ମୁଁ ସଂସାରରେ ପାଇବି ନାହିଁ। ତା'ର ପାଣିଗ୍ରହଣ କରି ମୋତେ କୃତାର୍ଥ କରିବା ହୁଅନ୍ତୁ।' ସେ ଦିନ ଥିଲା ଆଷାଢ଼ ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥି। ପ୍ରଭୁ ଶ୍ରୀଜଗନ୍ନାଥ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ପଟୁଆରରେ ବିବାହ ପାଇଁ ଯାଇ ପହଞ୍ଚିଲେ। ବିବାହ ସମ୍ପନ୍ନ ହେଲା। ପ୍ରଭୁ ଭାଇଭଉଣୀଙ୍କ ସହ ସାତ ଦିନ ଅବସ୍ଥାନ ପରେ ଶ୍ରୀମନ୍ଦିର ଫେରିବାକୁ ବାହାରିବା ବେଳେ ଦେବୀ ସତ୍ୟବତୀ ପ୍ରାର୍ଥନା କଲେ, 'ସ୍ୱାମୀ! ପ୍ରତିବର୍ଷ ଆପଣ ଆମର ବିବାହ ବାର୍ଷିକୀ ପାଳନ କରିବା ପାଇଁ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଆମ ମନ୍ଦିର (ଗୁଣ୍ଡିଚା ମନ୍ଦିର)କୁ ଆସିବେ। ଏଠାରେ ସାତଦିନର ଅବସ୍ଥାନ ପରେ ପୁଣି ଶ୍ରୀମନ୍ଦିର ବାହୁଡ଼ି ଯିବେ।' ମହାପ୍ରଭୁ ସତ୍ୟବତୀଙ୍କୁ ଦେଇଥିବା କଥା ରକ୍ଷା କରି ସବୁବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ଭାଇଭଉଣୀଙ୍କ ସହ ତିନି ରଥାରୋହଣ କରି ସାତଦିନ ସତ୍ୟବତୀଙ୍କ ସହ ରହିବା ପାଇଁ ଗୁଣ୍ଡିଚା ମନ୍ଦିରକୁ ଆସୁଛନ୍ତି। ଏହି ଯାତ୍ରା 'ରଥ ଯାତ୍ରା' ନାମରେ ବିଶ୍ୱବିଖ୍ୟାତ ହୋଇଛି। ● *(ଆଧାର: ବଙ୍ଗଳା ଭାଷାରେ ଶ୍ରୀଜୟାନନ୍ଦଙ୍କ ଲିଖିତ 'ଚୈତନ୍ୟ ମଙ୍ଗଳ'। ସୌଜନ୍ୟ: ଡ: ପୂର୍ଣ୍ଣଚନ୍ଦ୍ର ମିଶ୍ର- ପୌରୁଷ- ଡିସେମ୍ବର-୨୦୨୫)*

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଓଡ଼ିଶାରେ...

ସକାଳ ସୁଦ୍ଧା ଏଠାରେ ଜଳସ୍ତର ୧୯.୪୫ ମିଟର ରହିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ଆକଳନ କରିଛି। ସେହିପରି ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ୩୮.୩୬ ମିଟର ରହିଥିବା ବେଳେ ଏବେ ଏଠାରେ ଜଳସ୍ତର ୩୯.୩୭ ମିଟର ଅର୍ଥାତ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହା ବ୍ୟତୀତ ଜଳକା ନଦୀ ମଥାନୀଠାରେ ବିପଦ ସଙ୍କେତ ୬.୫ ମିଟର ରହିଥିବା ବେଳେ ଏଠାରେ ବର୍ତ୍ତମାନ ଜଳସ୍ତର ୬.୬ ମିଟର ଉପରେ ପ୍ରବାହିତ ହେଉଛି। ସେହିପରି ଅନ୍ୟପଟେ ବୁଢ଼ାବଳଙ୍ଗ ନଦୀ ମଧ୍ୟ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ବୁଢ଼ାବଳଙ୍ଗ ଗୋପିନ୍ଦପୁର ନିକଟରେ ସତର୍କ ସଙ୍କେତ ୭.୨୧ ମିଟର ରହିଥିବା ବେଳେ ଏଠାରେ ଏବେ ୮.୪ ମିଟର ଉପରେ ବନ୍ୟା ପାଣି ପ୍ରବାହିତ ହେଉଛି। ରାଜ୍ୟର ଏହି ପ୍ରମୁଖ ୩ ନଦୀରେ ବନ୍ୟା ଆସିବା ହେତୁ ଉତ୍ତର ଓଡ଼ିଶା ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାପାଇଁ ୩ ଜଣ ବରିଷ୍ଠ ଆଇଏଏସ୍‌ଙ୍କୁ ବନ୍ୟା ପରିଚାଳନା ପାଇଁ ରାଜ୍ୟ ସରକାର ଦାୟିତ୍ୱ ଦେଇଛନ୍ତି। ଏହି ୩ ଜିଲ୍ଲା ବ୍ୟତୀତ କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ମଧ୍ୟ ଆଗକୁ ସ୍ଥିତି ବିଗିଡ଼ିବାର ଆଶଙ୍କା ରହିଛି। ଏପରିସ୍ଥିତିରେ ରାଜ୍ୟର୮ ଜିଲ୍ଲା ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼ ଓ ବରଗଡ଼ରେ ଶିକ୍ଷାନୁଷ୍ଠାନ ବୁଧବାର ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି।

ଅନ୍ୟପଟେ ଆଗକୁ ମହାନଦୀରେ ମଧ୍ୟ ଜଳସ୍ତର ବଢ଼ିବାର ଆଶଙ୍କା ରହିଛି। ଏବେ ନରାଜଠାରେ ମହାନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୨.୪୧ ମିଟର ରହିଥିବା ବେଳେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୨୬.୦୮ ମିଟର ରହିଛି। ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ୧୯୨.୦୨ ମିଟର ରହିଥିବା ବେଳେ ଏବେ ଏଠାରେ ୧୮୭.୨୫ ମିଟର ଜଳ ରହିଛି। ଆଗକୁ ମହାନଦୀର ଉପର ମୁଣ୍ଡ ଅର୍ଥାତ ଛତିଶଗଡ଼ ପଟୁ ପ୍ରବଳ ଜଳ ପ୍ରବେଶ କରିବାର ଆଶଙ୍କା ରହିଥିବାରୁ ହୀରାକୁଦରେ ଅଧିକ ଗେଟ ଖୋଲିବା ଆଶଙ୍କା କରାଯାଉଛି। ଫଳତଃ ମହାନଦୀରେ ଜଳସ୍ତର ବଢ଼ିବ ଓ ମଧ୍ୟମ ଧରଣର ବନ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ।

### ଅଗଷ୍ଟ ୫ରେ...

ରାଜ୍ୟରେ ପୁଣି ବର୍ଷାର ପରିମାଣ ବଢ଼ିବା ନେଇ ଆଶଙ୍କା କରାଯାଉଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଏହି ଲଘୁଚାପ ପ୍ରଭାବରେ ପୁଣି ରାଜ୍ୟର ଅଧିକାଂଶ ସ୍ଥାନରେ ଭୀଷଣ ବର୍ଷା ହେବା ନେଇ ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ର କହିଛି, ଗତ ୩୬ ଘଣ୍ଟାରେ ବାଲେଶ୍ୱରରେ ସର୍ବାଧିକ ୨୫୮ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭଦ୍ରକରେ ୧୫୨, ସମ୍ବଲପୁର ୧୫୬, ବାରିପଦାରେ ୧୩୬, ଦେବଗଡ଼ରେ ୧୩୨, ପାରାଦୀପରେ ୮୦ ଓ ଚାନ୍ଦବାଲିରେ ୬୪ ମିମି ବର୍ଷା ରେକର୍ଡ କରାଯାଇଛି। ବୁଧବାରଠାରୁ ରାଜ୍ୟରେ ଅପେକ୍ଷାକୃତ ବର୍ଷାର ପରିମାଣ ହ୍ରାସ ପାଇବ। ହେଲେ କିଛି କିଛି ଜିଲ୍ଲାରେ ବର୍ଷା ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ବୁଧବାର ବରଗଡ଼ରେ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଥିବା ବେଳେ ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲ୍ଲାରେ ମଧ୍ୟ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି।

### ୩ ଜିଲ୍ଲା ପାଇଁ...

ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ଏନଡିଆରଏଫ୍ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ଥିବାବେଳେ ସମସ୍ତ ଜିଲ୍ଲାପାଳ ଓ ବିଡିଓଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଭଦ୍ରକ ଜିଲ୍ଲା ନିମନ୍ତେ ସୁଧାଂଶୁ ମୋହନ ସାମଲ, ବାଲେଶ୍ୱର ଜିଲ୍ଲା ନିମନ୍ତେ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଯାଜପୁର ଜିଲ୍ଲା ନିମନ୍ତେ ପି. ଅନ୍ୱେଷା ରେଡ୍ଡୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି। ପୁଲିସ୍ ବିଭାଗ ପକ୍ଷରୁ ରାତ୍ରିକାଳୀନ ପେଟ୍ରୋଲିଂ ସହ ଶିଶୁ ଏବଂ ମହିଳାମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ମହିଳା ପୁଲିସ ନିୟୋଜିତ ହୋଇଛନ୍ତି। ଆଶ୍ରୟସ୍ଥଳୀ ମାନଙ୍କରେ ସାଧାରଣଲୋକଙ୍କୁ ରନ୍ଧାଖାଦ୍ୟ ସହ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟ ବିଭାଗ, ପଶୁସମ୍ପଦ ବିଭାଗ ଓ ଅନ୍ୟ ସମସ୍ତ ବିଭାଗକୁ ପ୍ରସ୍ତୁତ ରଖାଯାଇଥିବାବେଳେ ଗୃହପାଳିତ ପଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ସହ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ଗୋଖାଦ୍ୟ ମହଜୁଦ ରଖାଯାଇଛି। ସର୍ପାଘାତକୁ ଦୃଷ୍ଟିରେ ରଖି ପ୍ରଭାବିତ ଅଞ୍ଚଳରେ ପର୍ଯ୍ୟାପ୍ତ ଔଷଧ ଏବଂ ଇଞ୍ଜେକସନ୍ ମହଜୁଦ ରହିଛି। ସେହିପରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବାସଗୃହ ଅଥବା ଚାଷଜମି ନିମନ୍ତେ ଜନସାଧାରଣଙ୍କୁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପୁଲିସ୍ ଡିଜି ୱାଇ ବି ଖୁରାନିଆ, ଅଗ୍ନିଶମ ବିଭାଗର ଡିଜି ସୁଧାଂଶୁ ଷଡ଼ଙ୍ଗୀ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ୍, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

### ପ୍ରଶ୍ନପତ୍ର ଲିକ୍...

୪୪ ଜଣଙ୍କୁ ଜାମିନ ମିଳିସାରିଛି। କେବଳ ବିଲ୍ ଆଣିଲେ ହେବନାହିଁ, ସରକାର ଶିକ୍ଷା ସଂସ୍କାରକୁ ଗୁରୁତ୍ୱ ଦେଲେ ଏଭଳି ଘଟଣାର ପୁନରାବୃତ୍ତି ହେବନାହିଁ। ଏହି ଅବସରରେ ସେ କହିଥିଲେ ଯେ ଚଳିତ ବର୍ଷ ନିଟ୍ ପରୀକ୍ଷା ବିଭ୍ରାଟ ଯୋଗୁଁ ୨୧ ଜଣ ପରୀକ୍ଷାର୍ଥୀ ଆତ୍ମହତ୍ୟା କରିଛନ୍ତି। ଏମାନଙ୍କ ମୃତ୍ୟୁ ପାଇଁ ଯିଏ ଦାୟୀ, ତାଙ୍କୁ ସରକାରୀ ସାଂସଦ ସମ୍ବର୍ଦ୍ଧନା ଦେଉଛନ୍ତି ବୋଲି ସେ କହିଥିଲେ। ସେ ଆହୁରି କହିଲେ ଯେ ନିଟ୍ ବିଭ୍ରାଟ ପରିପ୍ରେକ୍ଷୀରେ ମନ୍ତ୍ରୀ ଇସ୍ତଫା ଦେଲେ ଏବଂ ଶିକ୍ଷା ସଚିବ ବିଦା ହେଲେ। ତେବେ ବିବାଦ ସତ୍ତ୍ୱେ ନିଟ୍ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଏନ୍‌ଟିଏ ଅଧକ୍ଷଙ୍କୁ ସରକାର କାହିଁକି ହଟାଇ ନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ବିଜେପିର ସହଯୋଗୀ ଦଳ ତେଲୁଗୁ ଦେଶମ ଏବଂ ଶିବ ସେନାର ସାଂସଦମାନେ ନିଟ୍ ପରୀକ୍ଷା ବର୍ଷକୁ ଦୁଇଥର କରିବା ପାଇଁ ଦାବି କରିଥିଲେ। ଡିଏମକେ ସାଂସଦ ଦୟାନିଧି ମାରନ କହିଥିଲେ ଯେ ନିଟ୍ ପରୀକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଉ। ସେ କହିଲେ ଯେ ଏହି ବ୍ୟବସ୍ଥା ଆରମ୍ଭ ହେବା ଦିନ ଠାରୁ ତାମିଲନାଡୁ ଏହାର ବିରୋଧ କରି ଆସୁଛି। କିନ୍ତୁ ସରକାର କର୍ଣ୍ଣପାତ କରୁ ନାହାନ୍ତି।

ଅନ୍ୟପକ୍ଷରେ ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରି କେନ୍ଦ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଲେ ଯେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ଏବଂ ପ୍ରଚଳିତ ଆଇନକୁ ଆହୁରି ମଜବୁତ କରିବା ଲାଗି ଏହି ବିଲ୍ ଆଗତ କରାଯାଇଛି। କେବଳ କେନ୍ଦ୍ରୀୟ ସଂସ୍ଥାରେ ନୁହେଁ, ବିଭିନ୍ନ ଦଳ ଦ୍ୱାରା ଶାସିତ ରାଜ୍ୟମାନଙ୍କରେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହେଉଛି। ତେଣୁ ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଲାଗି ଦଣ୍ଡ ବ୍ୟବସ୍ଥାକୁ ଆହୁରି କଠୋର କରାଯାଇଛି। ଏକ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି ଏବଂ ଏହାସହିତ କୌଣସି ସାଲିସ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ପ୍ରଶ୍ନପତ୍ର ଲିକ୍ ମାମଲାରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

### ସିଜେପିର ପୁଣି ଆନ୍ଦୋଳନ...

ପ୍ରତ୍ୟାହାର ପାଇଁ କେନ୍ଦ୍ର ଯେଉଁ ପ୍ରତିଶ୍ରୁତି ଦେଇଥିଲା ଆଜିର ଶୁଣାଣି ବେଳେ କେନ୍ଦ୍ର କାହିଁକି କୋର୍ଟଙ୍କୁ ଜଣାଇଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଆନ୍ଦୋଳନ ପ୍ରତ୍ୟାହାର ବେଳେ ସରକାର ଯାହାସବୁ ପ୍ରତିଶ୍ରୁତି ଦେଇଥିଲେ, ତାହାର ତୁରନ୍ତ ପାଳନ କରନ୍ତୁ। ଆଜି ସକାଳେ ସିଜେପି ପକ୍ଷରୁ କୁହାଯାଇଥିଲା ଯେ ଗତକାଲିର ଧମକ ପରେ ସରକାର ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିବା ଏବଂ ଗିରଫ ହୋଇଥିବା ପ୍ରତିବାଦକାରୀଙ୍କୁ ମୁକ୍ତ କରିବାକୁ ଲିଖିତ ଆକାରରେ ଜଣାଇଛନ୍ତି। ଭବିଷ୍ୟତରେ ଆନ୍ଦୋଳନକାରୀଙ୍କ ବିରୋଧରେ କୌଣସି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ନେଇ ମଧ୍ୟ ଜଣାଇଥିଲେ। ତେବେ ସୁପ୍ରିମ କୋର୍ଟ ଆଦେଶ ଆସିଲା ପରେ ପରିସ୍ଥିତି ବଦଳିଯାଇଛି। ଦାସ କହିଛନ୍ତି ଯେ ଆନ୍ଦୋଳନକାରୀଙ୍କୁ ମୁକ୍ତ କରିବା ଲାଗି ସୁପ୍ରିମ କୋର୍ଟଙ୍କ ଆଦେଶ ସ୍ୱାଗତଯୋଗ୍ୟ। କିନ୍ତୁ ଏଫଆଇଆର ସଂକ୍ରାନ୍ତ ଆଦେଶକୁ ବିଜେପି ଶାସିତ ରାଜ୍ୟ ଅସ୍ତ୍ର ରୂପେ ବ୍ୟବହାର କରିବାର ଭୟ ରହିଛି।

ସୂଚନାଯୋଗ୍ୟ ଯେ ଆନ୍ଦୋଳନ ସମୟରେ ଗିରଫ କିମ୍ବା ଅଟକ ରଖାଯାଇଥିବା ୧୮ ବର୍ଷରୁ କମ୍ ବୟସର ସମସ୍ତ ଛାତ୍ରଛାତ୍ରୀ ଏବଂ ଯେଉଁମାନଙ୍କର କୌଣସି ପୂର୍ବ ଆପରାଧିକ ରେକର୍ଡ ନାହିଁ, ସେମାନଙ୍କୁ ତୁରନ୍ତ ଛାଡିବା ପାଇଁ ସୁପ୍ରିମକୋର୍ଟ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ଆଧାରରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ତେବେ ଏହି ସୁରକ୍ଷା ଆପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି କୋର୍ଟ କହିଛନ୍ତି। ଏହାସହ ଆନ୍ଦୋଳନ ଦମନ ପାଇଁ ପୁଲିସ ପକ୍ଷରୁ ପେଲେଟ୍ ଗନ୍ ଏବଂ ଲୁହା କଣ୍ଟା ଲଗା ବାଡ଼ି ବ୍ୟବହାର କରାଯାଇଥିବା ଅଭିଯୋଗକୁ କୋର୍ଟ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ଗଣତନ୍ତ୍ରରେ ବିକ୍ଷୋଭ ପ୍ରଦର୍ଶନ ଏକ ଅଧିକାର ହୋଇଥିବାରୁ, ଆନ୍ଦୋଳନ ପରିଚାଳନା ପାଇଁ ଏକ ନୂତନ ୟୁନିଫର୍ମ ପ୍ରୋଟୋକଲ୍‌ର ଆବଶ୍ୟକତା ରହିଛି ବୋଲି ପ୍ରଧାନ ବିଚାରପତି ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଆନ୍ଦୋଳନ ସମୟର ସିସିଟିଭି, ଡ୍ରୋନ୍ ଫୁଟେଜ୍ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ତଥ୍ୟ ସୁରକ୍ଷିତ ରଖିବାକୁ କୋର୍ଟ କଡ଼ା ନିର୍ଦ୍ଦେଶ ଦେବା ସହ ଆନ୍ଦୋଳନକାରୀଙ୍କ ବ୍ୟକ୍ତିଗତ ତଥ୍ୟ ସର୍ବସାଧାରଣରେ ପ୍ରକାଶ ନକରିବାକୁ କଡ଼ା ଚେତାବନୀ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୩ରେ ହେବ ବୋଲି ସୂଚନା ମିଳିଛି।

### ସମ୍ବଲପୁରରେ ନାହିଁ...

ବାଲେଶ୍ୱରରେ ଏକ ସାଟେଲାଇଟ୍ କେନ୍ଦ୍ର ମଧ୍ୟ ରହିଛି। କିନ୍ତୁ ବର୍ତ୍ତମାନ ଓଡ଼ିଶାରେ ଆଉ ଏକ ନୂଆ ଏମ୍ସ ସ୍ଥାପନର କୌଣସି ଯୋଜନା ନାହିଁ। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ଚଗଇଈଔଓଗ) ଅଧୀନରେ ଏମ୍ସ ଭୁବନେଶ୍ୱରରେ ୧୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ୍ କେୟାର ହସ୍ପିଟାଲ ବ୍ଲକ୍ ସ୍ଥାପନ କରାଯାଉଛି, ଯାହା ଜଟିଳ ରୋଗୀଙ୍କ ଚିକିତ୍ସା କ୍ଷମତାକୁ ବହୁଗୁଣ ବୃଦ୍ଧି କରିବ। ମାନସିକ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ତୃତୀୟକ ସେବା ଅଂଶ ଅଧୀନରେ ଜନବଳ ବିକାଶ ସହାୟତା ଦିଆଯାଉଛି। ଏହାଛଡ଼ା କଟକର ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରକୁ ରାଜ୍ୟ କ୍ୟାନ୍ସର ଇନଷ୍ଟିଚ୍ୟୁଟ୍ ଭାବେ ଅନୁମୋଦନ କରାଯାଇଛି। ଏହି ସମସ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ଉନ୍ନତ ଚିକିତ୍ସା ସେବା, ଜରୁରୀକାଳୀନ ଚିକିତ୍ସା, କ୍ୟାନ୍ସର ଚିକିତ୍ସା ଓ ସୁପର ସ୍ପେଶାଲିଟି ସେବାର ମାନ ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ କହିଛନ୍ତି।

### ବିଚାରାଧୀନ ରହିଛି...

ବିଚାର ଶେଷ କରିବାକୁ ଅନୁରୋଧ କରିଛନ୍ତି। ଜିଲ୍ଲା ଓ ଅଧସ୍ତନ ଅଦାଲତ, ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ସମେତ, ବିଚାରପତି ଓ କର୍ମଚାରୀଙ୍କ ନିଯୁକ୍ତି ରାଜ୍ୟ ସରକାର ଏବଂ ସମ୍ପୃକ୍ତ ହାଇକୋର୍ଟର ଦାୟିତ୍ୱ। ସେହିପରି ଅଦାଲତର ଭିତ୍ତିଭୂମି ବିକାଶର ପ୍ରାଥମିକ ଦାୟିତ୍ୱ ମଧ୍ୟ ରାଜ୍ୟ ସରକାରଙ୍କର। ୧୫ତମ ଅର୍ଥ କମିଶନ ଅବଧିରେ ଏହି ଯୋଜନା ପାଇଁ ରାଜ୍ୟଗୁଡ଼ିକୁ ମୋଟ ୪,୫୧୯.୪୭ କୋଟି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି କେନ୍ଦ୍ର ସରକାର ସୂଚନା ଦେଇଛନ୍ତି।

## ମଦ ଦୋକାନ ପାଇଁ ଅଗ୍ନି ନିରାପତ୍ତା ଏନ୍‌ଓସି ରଦ୍ଦ

କଟକ,୨୮ ।୭(ସମିସ): ମଦ ଦୋକାନ ପାଇଁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ବା ଅଗ୍ନି ନିରାପତ୍ତା ଏନଓସି ଜମା କରିବା ବାଧ୍ୟତାମୂଳକ କରି ଅବକାରୀ କମିସନର ଜାରି କରିଥିବା ଚିଠି ଓ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏସ.ସନାମଖ ରାଓଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ତେବେ, ଜଣେ ଦାୟିତ୍ୱବାନ୍ ନାଗରିକ ଭାବେ ଅଗ୍ନିକାଣ୍ଡ ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଦୋକାନଗୁଡ଼ିକରେ 'ଅଗ୍ନିଶମ ନିର୍ବାପକ ଉପକରଣ' ରଖିବା ଓ ତାହାର ନିୟମିତ ଯାଞ୍ଚ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଆଇନ କିମ୍ବା ନିୟମାବଳୀରେ ନ ଥିବା କୌଣସି କଥାକୁ କାର୍ଯ୍ୟକାରୀ କରିବା ପାଇଁ କୋର୍ଟ କୌଣସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିପାରିବେ ନାହିଁ। ୨୦୧୯ ଅଗ୍ନିଶମ ସଂଶୋଧନ ନିୟମ ଅନୁସାରେ, ୧୨ ମିଟରରୁ ଅଧିକ ଉଚ୍ଚତା କିମ୍ବା ୫୦୦ ବର୍ଗମିଟରରୁ ଅଧିକ ପରିସର ଥିବା କୋଠା/ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ହିଁ ଅଗ୍ନିନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ। ଯେଉଁ ନିର୍ଦ୍ଦିଷ୍ଟ ଶ୍ରେଣୀର କୋଠା ନିୟମ ଭିତରେ ଆସୁନାହିଁ, ସେମାନଙ୍କୁ ଆଇନ ବାହାରକୁ ଯାଇ ସାର୍ଟିଫିକେଟ୍ ମାଗିବା ବେଆଇନ। ସେହିଭଳି ଅବକାରୀ ଆଇନ କିମ୍ବା ନିୟମାବଳୀରେ ସମସ୍ତ ଦୋକାନ ପାଇଁ ଏଭଳି ଏନଓସି ବାଧ୍ୟତାମୂଳକ କରିବାର କୌଣସି ପ୍ରାବଧାନ ନାହିଁ। ତେଣୁ ଅବକାରୀ କମିସନରଙ୍କ ଏହି ନିର୍ଦ୍ଦେଶନାମା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ମାମଲାରୁ ପ୍ରକାଶ ଯେ ରାଜ୍ୟ ଅବକାରୀ କମିସନରଙ୍କ ପକ୍ଷରୁ ସମସ୍ତ ଅବକାରୀ ଡେପୁଟି କମିସନର ଓ ଅଧୀକ୍ଷକଙ୍କୁ ଚିଠି ଲେଖି ସେମାନଙ୍କ ଅଧୀନରେ ଥିବା ସମସ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନଗୁଡ଼ିକୁ ଫାୟାର ସେଫ୍ଟି ସାର୍ଟିଫିକେଟ୍ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

24001/330/2627

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No RDM-LAA-MBJ-0006-2025-15302 R&DM, Dated:10.04.2026

[illegible]

| | | | | | | | |
|---|---|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

[illegible]

DIPR-24001/24001/3/26-27/0102

## ବାଲିଭଉଁରୀ - ଶିଖରଘାଟ ମୁଖ୍ୟ ରାସ୍ତା ଶୋଚନୀୟ

# ୧୮ କିମି ରାସ୍ତାରେ ୧୮ ଶହରୁ ଊର୍ଦ୍ଧ୍ୱ ଖାଲଖମା

ନାଉଗାଁ,୨୮।୭ (ସମିସ)



ଜଗତସିଂହପୁର ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନରେ ଥିବା ବାଲିଭଉଁରୀ ଠାରୁ ନାଉଗାଁ ବ୍ଲକ ଦେଇ ଶିଖରଘାଟ ପର୍ଯ୍ୟନ୍ତ ରାସ୍ତା ଏବେ ଶୋଚନୀୟ ହୋଇପଡ଼ିଛି। ଦେବୀନଦୀର ଶିଖରଘାଟ ସେତୁ ନିର୍ମାଣ ପରେ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଥିବା ବେଳେ ରାସ୍ତାଟି କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ପାରାଦୀପ, କେନ୍ଦ୍ରାପଡା, ଅସ୍ତରଙ୍ଗ ଓ କାକଟପୁର ଆଦି ସ୍ଥାନକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାଲଟିଛି।

ଏହି ୧୮ କିଲୋମିଟର ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ବେଳେ ପ୍ରତି ବର୍ଷ ଏହି ରାସ୍ତା ମରାମତି ଆଳରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ଗତ ଦୁଇ ବର୍ଷ ମଧ୍ୟରେ ଏହି ରାସ୍ତାରେ ପାଖାପାଖି ୬୭ ଲକ୍ଷ ଟଙ୍କା ସାଙ୍କେତିକ ଚିହ୍ନ ଏବଂ ମରାମତି ବାବଦକୁ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଥିବା ସୂଚନା ରହିଛି। କିନ୍ତୁ ରାସ୍ତାର ଅବସ୍ଥା ଏବେବି ସୁଧୁରିବାର ନାଁ ଧରୁନି। ଶିଖରଘାଟ ଠାରୁ ବାଲିଭଉଁରୀ ପର୍ଯ୍ୟନ୍ତ ଏହି ୧୮ କିମି ରାସ୍ତାରେ ୧୮ଶହରୁ ଊର୍ଦ୍ଧ୍ୱ ଖାଲଖମା ରହିଛି। ବିଶେଷକରି ନାଉଗାଁ ହାଟ, ବ୍ଲକଛକ, ଘୋଡାଂଶ, ଖଇରା, ମୁଣ୍ଡାଳୋ, ଅଲାଣାହାଟ, ନୂଆପାଟଣା, ଗୌଡୁଣିପଡ଼ିଆ, ସିଙ୍ଗିପୁର ଆଦି ବଜାର ଓ ଛକ ଗୁଡିକରେ ଅଧିକ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ବର୍ଷା ଦିନ ଚାଲିଥିବା ବେଳେ ବର୍ଷା ପାଣିରେ ରାସ୍ତାରେ ଥିବା ଖାଲଖମା ଗୁଡ଼ିକ ଭର୍ତ୍ତି ହୋଇ ରହୁଥିବାରୁ ପଥଚାରୀ ମାନେ ଏହି ରାସ୍ତା ଦେଇ ଯାଉଥିବା ବେଳେ ପ୍ରତ୍ୟହ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବିଭାଗ ପକ୍ଷରୁ ଏହି ଖାଲଖମାରେ ଠାଏ ଠାଏ ମେଣ୍ଟାଲ ପକାଯାଇଥିବା ବେଳେ ଉକ୍ତ ମେଟାଲକୁ ଗଦା କରି ରଖାଯାଇଛି। ଯାହାଫଳରେ ରାତିରେ ଗାଡି ଚାଳକମାନେ ଉକ୍ତ ମେଟାଲ ଗଦାରେ ନିଜର ଭାରସ୍ୟାମ ହରାଇ ପଡୁଥିବା ଦେଖିବାକୁ ମିଳିଛି। ରାସ୍ତାଟି ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରୁଛନ୍ତି। କେବଳ ଗାଡି ଚାଳକ ନୁହଁନ୍ତି ବରଂ ପଦଚାରୀମାନେ ମଧ୍ୟ ଏହି ରାସ୍ତା ଦେଇ ଯିବା ଆସିବା କରିବା କଷ୍ଟ ସାଧ୍ୟ ହୋଇ ପଡୁଥିବା ଅଭିଯୋଗ ହେଉଛି। ଖାଲି ସେତିକି ନୁହଁ ଏହି ରାସ୍ତାଟି ନାଉଗାଁ ବ୍ଲକର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଉପରେ ୧୬ଟି ଯାକ ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟ ସେବାପାଇଁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ତହସିଲ, ଥାନା, ପ୍ରାଣୀ ଚିକିତ୍ସାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ଆଦିକୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ଅଟନ୍ତି। କିନ୍ତୁ ଏବେ ଏହି ରାସ୍ତାର ଏଭଳି ଅବସ୍ଥା ପାଇଁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଯାହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଏହି ରାସ୍ତାକୁ ତୁରନ୍ତ ମରାମତି ପାଇଁ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ନିରଞ୍ଜନ ବେହୁରା, ବରିଷ୍ଠ ସମାଜସେବୀ ରବି ପଟ୍ଟନାୟକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଏହି ରାସ୍ତା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଏବଂ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

# ତିନିଟି ପରିବାର ଜଳବନ୍ଦୀ

ବାଲିକୁଦା,୨୮।୭ (ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଇଛାପୁର ପଞ୍ଚାୟତର ପରାହାଟ ଗ୍ରାମର ତିନିଟି ପରିବାର ଦୀର୍ଘ ତିନି ଦିନ ଧରି ଜଳବନ୍ଦୀ ଅବସ୍ଥାରେ ରହି ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଦେବେନ୍ଦ୍ର ବେହେରା, ହେମଲତା ବେହେରା ଓ କାଳନ୍ଦୀ ମହାନ୍ତିଙ୍କ ପରିବାର ବର୍ଷାଜଳ ଜମି ରହିବା ଯୋଗୁଁ ଘରୁ ବାହାରିବାରେ ମଧ୍ୟ ଅସୁବିଧା ଭୋଗୁଥିଲେ। ଏହି ସମସ୍ୟା ସମ୍ପର୍କରେ ଜିଲ୍ଲାପରିଷଦ ସଦସ୍ୟା ଡଲି ପଣ୍ଡା ବାଲିକୁଦା ତହସିଲଦାର ବିକାଶ ରଞ୍ଜନ ଏବଂ ବିଡିଓ ବିଦ୍ୟାଧର ଦଣ୍ଡପାଟଙ୍କୁ ଅବଗତ କରାଇଥିଲେ। ଖବର ପାଇ ତହସିଲଦାର ବିକାଶ ରଞ୍ଜନ, ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ବାଲିକୁଦା ଅଗ୍ନିଶମ ବିଭାଗର ସହାୟତା ନିଆଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ମୋଟର ବ୍ୟବହାର କରି ଜମି ରହିଥିବା ପାଣି ନିଷ୍କାସନ କରାଯିବା ପରେ ଦୀର୍ଘ ତିନି ଦିନ ଧରି ଜଳବନ୍ଦୀ ଥିବା ତିନି ପରିବାର ଶେଷରେ ମୁକ୍ତି ପାଇଥିଲେ। ତେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ଜୋର ଧରିଛି। ଏନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରଶାସନର ତ୍ୱରିତ ହସ୍ତକ୍ଷେପ ଓ ସହଯୋଗ ପାଇଁ ଜିଲ୍ଲାପରିଷଦ ସଦସ୍ୟା ଡଲି ପଣ୍ଡା ପ୍ରଶାସନ ଓ ଅଗ୍ନିଶମ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି।

# ବୁଲା ଗୋରୁଙ୍କୁ ରିଫ୍ଲେକ୍ଟିଭ ଲଗାଇବା କାର୍ଯ୍ୟ ଆରମ୍ଭ



ପାରାଦୀପ,୨୮।୭ (ସମିସ): ରାସ୍ତା ଦୁର୍ଘଟଣା ହ୍ରାସ କରିବା ସହ ରାସ୍ତାରେ ବୁଲୁଥିବା ଗୋବଂଶଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପାରାଦୀପରେ "ଗୋ-ମାତା ସୁରକ୍ଷା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତେବେ ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ରାସ୍ତାରେ ବୁଲୁଥିବା ଗୋବଂଶଙ୍କ ବେକରେ ରିଫ୍ଲେକ୍ଟିଭ ବେଲ୍ଟ ପିନ୍ଧା ଆରମ୍ଭ କରାଯାଇଛି। ଏହି ବେଲ୍ଟ ରାତ୍ରି ସମୟରେ ଗାଡ଼ିର ଲାଇଟ୍ ପଡ଼ିଲେ ଆଲୋକ ପ୍ରତିଫଳିତ କରିବ। ଫଳରେ ଯାନବାହନ ଚାଳକମାନେ ଦୂରରୁ ଗୋବଂଶଙ୍କୁ ସହଜରେ ଚିହ୍ନଟ କରିପାରିବେ। ଏହାଦ୍ୱାରା ସମ୍ଭାବ୍ୟ ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ସହ ଗୋବଂଶଙ୍କ ଜୀବନର ସୁରକ୍ଷା ସୁନିଶ୍ଚିତ ହେବ। ଏହି ଅଭିଯାନ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ସମାପ୍ତ କରାଯିବାକୁ ଧାର୍ଯ୍ୟ କରାଯାଇଛି। ଏହି ଅଭିଯାନରେ ପାରାଦୀପ ପୌରାଞ୍ଚଳରେ ପ୍ରାଣୀ ଚିକିତ୍ସକ ଡା. ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ରାସ୍ତାରେ ବୁଲୁଥିବା ଗୋବଂଶଙ୍କୁ ରିଫ୍ଲେକ୍ଟିଭ ବେଲ୍ଟ ପିନ୍ଧାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଆନିମଲ୍ ହେଲ୍ପଲାଇନ୍, ପାରାଦୀପ ଏବଂ ରାଷ୍ଟ୍ରୀୟ ବଜରଙ୍ଗ ଦଳ, ପାରାଦୀପ ନଗରର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଗୋବଂଶଙ୍କୁ ବେଲ୍ଟ ପିନ୍ଧାଇଥିଲେ। ଏହି ଅଭିଯାନ ଅଧୀନରେ ପାରାଦୀପ ପୌରାଞ୍ଚଳ ଏବଂ କୁଜଙ୍ଗ ବ୍ଲକ୍ ଅଞ୍ଚଳରେ ମୋଟ ୧,୦୦୦ଟି ରିଫ୍ଲେକ୍ଟିଭ ବେଲ୍ଟ ରାସ୍ତାରେ ବୁଲୁଥିବା ଗୋବଂଶଙ୍କୁ ପିନ୍ଧାଇବାର ଲକ୍ଷ୍ୟ ରହିଛି। ଏହି ଅଭିଯାନ ସଡ଼କ ସୁରକ୍ଷା ସହ ପଶୁ କଲ୍ୟାଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# 'ରେଡିଓ ଜୀବନ'ର ପ୍ରତିଷ୍ଠା ଦିବସ



ବାଲିକୁଦା,୨୮।୭ (ସମିସ): ବାଲିକୁଦା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଜୋସା' ଆନୁକୂଲ୍ୟରେ ବାଲିକୁଦାରେ ପ୍ରତିଷ୍ଠିତ କମ୍ୟୁନିଟି ରେଡିଓ "ରେଡିଓ ଜୀବନ'ର ତୃତୀୟ ଜନ୍ମବାର୍ଷିକୀ ଉତ୍ସବ ବାଲିକୁଦା ବାଲିସାହିସ୍ଥିତ ପତିତପାବନଜୀଉ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ପତିତପାବନଜୀଉ ମନ୍ଦିର ପରିଚାଳନା କମିଟିର ସଭାପତି ଶିବବ୍ରତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡିଓ ମାଧ୍ୟମରେ ଲୋକକଳା, ସଂସ୍କୃତି ଓ ପରମ୍ପରାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। "ଜୋସା'ର ସମ୍ପାଦକ ତଥା ରେଡିଓ ଜୀବନର କେନ୍ଦ୍ର ନିର୍ଦ୍ଦେଶକ ବସନ୍ତ କୁମାର ମହାନ୍ତି ପ୍ରାକୃତିକ ଦୁର୍ବିପାକ ପ୍ରବଣ ଜଗତସିଂହପୁର ଜିଲ୍ଲାରେ ରେଡିଓର ଗୁରୁତ୍ୱ, ଏହାର ସାମାଜିକ ଭୂମିକା ଏବଂ ମସ୍ତିଷ୍କର ବିକାଶରେ ରେଡିଓ ଶୁଣିବାର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଓୟୁଏଟି ଅଧିକାରୀ ଭୀଷ୍ମଦେବ ଦାସ ସଭାପତିତ୍ୱ କରିଥିବା ବେଳେ ବାଲିକୁଦା ପଞ୍ଚାୟତ ସରପଞ୍ଚ ରାଜକିଶୋର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କି-ପ୍ୟାଡ୍ ମୋବାଇଲ, ଏଫଏମ୍ ରେଡିଓ, ଇଣ୍ଟରନେଟ ଏବଂ ଯାନବାହନରେ ଉପଲବ୍ଧ ଏଫଏମ୍ ମାଧ୍ୟମରେ ୯୦.୦ ଏଫଏମ୍‌ରେ ପ୍ରସାରିତ ରେଡିଓ ଜୀବନର କାର୍ଯ୍ୟକ୍ରମ କିପରି ଶୁଣାଯାଇପାରିବ, ସେଥି ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ଅମୀୟ କୁମାର ଦାସ ଏବଂ ପତିତପାବନଜୀଉ ମନ୍ଦିରର ସମ୍ପାଦକ ନିଗମାନନ୍ଦ ଦାସ ଯୋଗଦେଇ ରେଡିଓ ମାଧ୍ୟମରେ ପାଣିପାଗ, ଜଳବାୟୁ ଓ ଦୈବୀ ଦୁର୍ବିପାକ ସମ୍ପର୍କିତ ସତର୍କ ସୂଚନା ଲୋକଙ୍କ ନିକଟରେ ଶୀଘ୍ର ପହଞ୍ଚିବାର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ଏହି ଅବସରରେ ରେଡିଓ ଜୀବନର ତୃତୀୟ ଜନ୍ମବାର୍ଷିକୀ ବିଶେଷାଙ୍କ "ସ୍ୱର ଆମ ସମାଜର' ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ମନ୍ଦିର ପରିସରରେ ବୃକ୍ଷରୋପଣ କରାଯାଇଥିବା ସହ ରେଡିଓ ଜୀବନକୁ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ଉତ୍ସବର ଶେଷ ପର୍ଯ୍ୟାୟରେ ଖୋର୍ଦ୍ଧାର ଉତ୍କଳ ପାଇକ ଆଖଡ଼ା, କଳିଙ୍ଗ ପାଇକ କ୍ରିଏସନ ଏବଂ ତିର୍ତ୍ତୋଲର "ମା' କେନ୍ଦୁଲାଇ ବାସେଲୀ ଚଇତି ଘୋଡ଼ା ନାଚ' ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମକୁ ରେଡିଓ ଜୀବନର ସଦସ୍ୟ ରାଜକିଶୋର ବିଶ୍ୱାଳ, ସୌମେନ୍ଦ୍ର ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ଶେଷରେ ନିଗମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା ମଦ ଜବତ; ୨ ଗିରଫ



ଜଗତସିଂହପୁର,୨୮।୭ (ସମିସ): ଜଗତସିଂହପୁର ଜିଲ୍ଲାପାଳ ଜେ ସୋନାଲଙ୍କ ନିର୍ଦ୍ଦେଶକ୍ରମେ ଓ ଜଗତସିଂହପୁର ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ଅବକାରୀ ଉପ ଅଧିକ୍ଷିକା ଆଦ୍ୟାଶା ସ୍ୱାଇଁଙ୍କ ଉପସ୍ଥିତରେ ଆଜି ଜଗତସିଂହପୁର ଅବକାରୀ ରେଞ୍ଜ ଓ ଜଗତସିଂହପୁର ଅବକାରୀ ଥାନା ପକ୍ଷରୁ ନାଉଗାଁ ଏବଂ ବାଲିକୁଦା ଥାନା ଅଞ୍ଚଳରେ ଚଢ଼ଉ କରାଯିବା ସହ ବିପୁଳ ପରିମାଣର ଚୋରା ମଦ ଜବତ କରାଯାଇଛି। ଏହି ସନ୍ଦର୍ଭରେ ନାଉଗାଁ ଥାନା ଅରଖକୁଦ ଗ୍ରାମର ଭ୍ରମରବର ନାୟକଙ୍କ ପୁଅ ପ୍ରକାଶ ନାୟକ (୫୦)ଙ୍କୁ ଗିରଫ କରାଯିବ ସହ ତାଙ୍କ ନିକଟରୁ ୬୦ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ସେହିପରି ବାଲିକୁଦା ଥାନା ଦରଡ଼ା ଗ୍ରାମର ରାମଚନ୍ଦ୍ର ପରିଡାଙ୍କ ପୁଅ ନିରଞ୍ଜନ ପରିଡା (୪୧)ଙ୍କୁ ବୋରିକିନା ବଜାରରୁ ଗିରଫ କରାଯିବ ସହ ୭ ଲିଟର ୩୮୦ ମିଲିର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ପୃଥକ ମାମଲାରେ ଅଦାଲତ ଚାଲଣ କରାଯାଇଛି। ଆଜିର ଏହି ଚଢ଼ଉରେ ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର ସ୍ମିତା ପଣ୍ଡାଙ୍କ ନେତୃତ୍ୱରେ ଏଏସଆଇ ଶୁଭଦର୍ଶନୀ ସାହୁ, କନଷ୍ଟେବଲ ସବିତା ନାୟକ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ। ଜଗତସିଂହପୁର ଅବକାରୀ ବିଭାଗର ଏହିଭଳି କ୍ରିୟାଶୀଳତା ନିଶ୍ଚିତ ଭାବେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରା ମଦ ବ୍ୟବସାୟରେ ଅଙ୍କୁଶ ଲଗାଇବ ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି।

# ସାରଦା ଏକାଡେମୀରେ ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା



ପାରାଦୀପ,୨୮।୭ (ସମିସ): କନକପୁର ସ୍ଥିତ ସାରଦା ଏକାଡେମୀ ବିଦ୍ୟାଳୟ ପରିସରରେ ଶିକ୍ଷୟିତ୍ରୀ ଅପର୍ଣ୍ଣା ପଣ୍ଡାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଗତ ଜୁଲାଇ ୧୩ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ୧୯୯୦ମେଟ୍ରିକବ୍ୟାଚରସହପାଠୀଏବଂସାରଦା ଏକାଡେମୀ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନିନ୍ଦିତା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ମାନସ ପୃଷ୍ଟି ଓ ବିଶିଷ୍ଟ ପୂର୍ବତନ ଛାତ୍ର ବାସବ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଗତାଙ୍କ ଜ୍ୟେଷ୍ଠ ଭ୍ରାତା ରଞ୍ଜନ ପଣ୍ଡା, ସାମ୍ବାଦିକ ରମାକାନ୍ତ ରାଉଳ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, କର୍ମଚାରୀ, ପୂର୍ବତନ ଛାତ୍ରଛାତ୍ରୀ, ସାମ୍ବାଦିକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାରେ ଅପର୍ଣ୍ଣାଙ୍କ ସହପାଠୀ ରଶ୍ମିରଞ୍ଜନ ସାହୁ, ଶାନ୍ତନୁ ଶୋମ, ରାମଚନ୍ଦ୍ର ଦାସ, ମନୋଜ ଦାସ, ଅଶୋକ ବେହେରା, ରଚିତା ମହାନ୍ତି, ସସ୍ମିତା ରାଉତ, ମନୋରଞ୍ଜନ ଓଝା, ସାରଦା ବିଶ୍ୱାଳ, ସୁରେନ୍ଦ୍ର ମହାନ୍ତି, ରବୀନ୍ଦ୍ର ମଲ୍ଲିକ ଓ ରମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ସାଂଗଠନିକ ବୈଠକ




ତିର୍ତ୍ତୋଲ,୨୮।୭ (ସମିସ): ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତିର୍ତ୍ତୋଲର ଚତୁର୍ଥ ସାଂଗଠନିକ ବୈଠକ ନବନିର୍ମିତ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ସଂଘର ସଭାପତି ଅକ୍ଷୟ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଶେଖ ଅମାନୁଲା, କୋଷାଧ୍ୟକ୍ଷ ଆଲୋକ କୁମାର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ଗିରି, ରଶ୍ମିରଞ୍ଜନ ମହାପାତ୍ର, ଶେଖ୍ ଆବାସଉଦ୍ଦିନ, ପ୍ରଣବ ସାହୁ, ରଜନୀକାନ୍ତ ବେହେରା, ଦୀପକ ବିଶ୍ୱାଳ, ପ୍ରଭାତ କର, ସ୍ୱପ୍ନାଦୀପା ପଟ୍ଟନାୟକ, ରାଜଶ୍ରୀ ମଲ୍ଲ, ପ୍ରମୁଖ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସମସ୍ୟା ଓ ସମାଧାନର ଉପାୟ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରଞ୍ଜନ ମହାନ୍ତି, ରାଜେଶ ଖଟୁଆ, ଜିତେନ୍ଦ୍ର ବେହେରା, ଚିତ୍ତରଞ୍ଜନ ଦାସ, ମୋହନ ଟୁଡୁ, ପ୍ରତାପ ଦାସ, ସଞ୍ଜୟ ବାରିକ, ପ୍ରଶାନ୍ତ ସେଠୀ, ବିପ୍ରଚରଣ ଦାସ, ମନୋଜ ସାମଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରଫୁଲ୍ଲ ପାଠାଗାରର ବାର୍ଷିକ ଉତ୍ସବରେ ସାମ୍ବାଦିକ ସମ୍ବର୍ଦ୍ଧିତ



ଜଗତସିଂହପୁର,୨୮।୭ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡ଼ିଶାଗଡ଼ ସ୍ଥିତ ଅଗ୍ରଣୀ ଅନୁଷ୍ଠାନ ପ୍ରଫୁଲ୍ଲ ପାଠାଗାରର ୩୩ ତମ ବାର୍ଷିକ ଉତ୍ସବ ଶିକ୍ଷାବିତ ରବିନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସୁଜାତା ଓଡ଼ା ମୁଖ୍ୟ ଅତିଥି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶାଳଜଙ୍ଗର ଅଧ୍ୟକ୍ଷ ମନୋଜ କୁମାର ନନ୍ଦୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ ସ୍ୱାଗତ ଭାଷଣ, ଶିକ୍ଷାବିତ ବିଜୟ କୁମାର ପତି ଅତିଥି ପରିଚୟ ଏବଂ ସମ୍ପାଦକ ସୁରେନ୍ଦ୍ରକୁମାର ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦୈନିକ ଖବରକାଗଜ 'ସକାଳ'ର ଜଗତସିଂହପୁର ଜିଲ୍ଲା ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କୁ ମୁଖ୍ୟଅତିଥି ଡ. ସୁଜାତା ଓଡ଼ା ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା କଂଗ୍ରେସର ମହମବତି ଶୋଭାଯାତ୍ରା




ଜଗତସିଂହପୁର,୨୮।୭ (ସମିସ): ନିଟ୍ ୟୁଜି ବାତିଲକୁ ନେଇ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଏବଂ ଦିଲ୍ଲୀର ଯନ୍ତରମନ୍ତରଠାରେ ପୁଲିସ ଆକ୍ରମଣରେ ଆହତ ହୋଇଥିବା ଛାତ୍ରଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ଉଦ୍ଦେଶ୍ୟରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ଏକ ଜିଲ୍ଲାସ୍ତରୀୟ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ମହମବତି ଜାଳି ଦାବି ଉପସ୍ଥାପନା କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ପ୍ରଶାନ୍ତ ଦାସ, ସୁବ୍ରତ କୁମାର ରାୟ, ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ, ବୃନ୍ଦାବନ ପ୍ରଧାନ, ମନମୋହନ ଗୋଛାୟତ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରିତମ ପରିଜା, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ସମିତିସଭ୍ୟ ରଘୁନାଥ ସ୍ୱାଇଁ, ଦିଲ୍ଲିପ ସିଂହ, ବସନ୍ତ ଭୋଇ, ଈଶ୍ୱର କୁମାର ସ୍ୱାଇଁ, ମନୋଜ କୁମାର ଦାଶ, ଆଖିଲ ରାଉଳ, ଅନନ୍ତ ପୃଷ୍ଟି, ସୌମ୍ୟ ସ୍ୱପ୍ନସରିତ ରାଟସିଂହ, ସୁବାସ ରାଟସିଂହ, ଯଶୋବନ୍ତ ବାରିକ, ରାଜେନ୍ଦ୍ର ସ୍ୱାଇଁ, ଇମତିୟାଜ ଅହମ୍ମଦ ଖାନ, ହିଫଜୁର ରେହମନ, ଦେବପ୍ରସାଦ ମହାପାତ୍ର, ଡ. ଜଗଦାନନ୍ଦ, ପ୍ରଦୀପ୍ତ ଶତପଥୀ, ବିଭୁରଞ୍ଜନ ସ୍ୱାଇଁ, ସାରଦା ଜେନା, ଅସିମ ରାଉତ, ସତ୍ୟନାରାୟଣ ଦାଶ, ପ୍ରଦୀପ୍ତ ନାୟକ, ପ୍ରଦୀପ ସ୍ୱାଇଁ, ତ୍ରିଲୋଚନ ରାଉତ, ଯୋଗେନ୍ଦ୍ର ବାରିକ, ସାଇ ପ୍ରଭଞ୍ଜନ ମହାପାତ୍ର, ସୁଶୀଲ କୁମାର ଦାଶ, ରଞ୍ଜନ ମଲ୍ଲିକ, ହିମାଂଶୁ ପାଇଟାଳ, ଓମ୍‌ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବନ୍ଦର ସହର ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା


# ରାସ୍ତାରେ ମୃତ୍ୟୁ ହାତ ଠାରି ଡାକୁଛି

ପାରାଦୀପ,୨୮।୭ (ସମିସ)

ପାରାଦୀପ ବନ୍ଦର ମୁଖ୍ୟ ପ୍ରବେଶ ପଥ କୁହାଯାଉଥିବା ଅଠରବାଙ୍କୀରୁ ଦୋଛକି ରାସ୍ତା ଏବେ ପାଲଟିଛି ମରଣଯନ୍ତା। ଏବେ ଏହି ରାସ୍ତାର ସ୍ଥିତି ଏତେ ଖରାପ ହୋଇଛି ଯେ କେତେବେଳେ କାହାର ଜୀବନ ଚାଲିଯିବ ତାହା କହିବା ମୁସ୍କିଲ ହୋଇ ପଡିଛି। ଏହି ୩ କିମି ରାସ୍ତାର ଅବସ୍ଥା କଥା ନକହିବା ଭଲ। ରାସ୍ତାର ଚାରିଆଡେ ଖାଲ ଖମା। ତା' ସାଙ୍ଗକୁ ଲଗାଣ ବର୍ଷାରେ ସେହି ଖାଲ ଖମାରେ ପାଣି ଜମି ରହିବା ଦ୍ୱାରା କାର୍, ମଟର ସାଇକଲ ଓ ସାଇକଲ ଚଳାଉଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତା' ସାଙ୍ଗକୁ ସେହି ରାସ୍ତାରେ ଭାରୀଯାନ ଚଳାଚଳ ଯୋଗୁଁ ଖାଲ ଖମାର ପାଣି ଛିଟିକି ଲୋକଙ୍କୁ ବିରକ୍ତି କରି ଦେଉଛନ୍ତି। ଲୋକେ ଯିବା ଆସିବାକୁ ଭୟ କଲେଣି ସେହିରାସ୍ତାରେ। ରାସ୍ତାର ଦୁଇ ପାଶ୍ୱର୍ରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବାରୁ ଏହି ମୁଖ୍ୟ ରାସ୍ତା କଥା କେହି ବି ଚିନ୍ତା କରୁନାହାନ୍ତି। ଏଥିପ୍ରତି ନା ପ୍ରଶାସନ ନା ବନ୍ଦର କର୍ତ୍ତୃପକ୍ଷ ନା ଏନ୍‌ଏଚ୍‌ଆଇ କାହାର ଦୃଷ୍ଟି ପଡୁନାହିଁ। ସମସ୍ତେ ଏହି ସମସ୍ୟାକୁ ଆଖି ଆଗରେ ଦେଖୁଛନ୍ତି ଓ ଉପଭୋଗ କରୁଛନ୍ତି ମଧ୍ୟ, ହେଲେ କେହି ପଦେ ମୁହଁ ଖୋଲୁ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗାଡ଼ି ଚକା ରାସ୍ତାର ଯେଉଁ ଦିଗକୁ ଯିବ ସେପଟେ ଖାଲଖମା। ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ଉଦୟବଟ ଓ ତାରିଣୀ ଗଡ଼ା ଭଳି ଜନ ବହୁଳ ଅଞ୍ଚଳର ଲୋକେ ସକାଳ ହେଲେ ବନ୍ଦର ସହରକୁ ଯାତାୟାତ କରୁଛନ୍ତି। ତେବେ ସେମାନେ ଏହି ରାସ୍ତାର ଅବସ୍ଥା ସମ୍ପର୍କରେ ନିଜେ ଅନୁଭବ କରୁଛନ୍ତି। ଗୋଟିଏ ଥର ଆସିଲେ ଆଉ ଯିବାକୁ ଇଚ୍ଛା ହେଉନଥିବା ଜଣେ ପୋର୍ଟ ବଣିକ ସଙ୍ଘ ବ୍ୟବସାୟୀ ଗଣମାଧ୍ୟମକୁ କହିଛନ୍ତି। ତେବେ ଏହାଦ୍ୱାରା ଏହି ରାସ୍ତାରେ କେତେବେଳେ ଯେ ଦୁର୍ଘଟଣା ଘଟିବ ତାହା କହିବା ମୁସ୍କିଲ ହୋଇ ପଡିଛି। ଏହା ସହିତ ସମୁଦ୍ର ବେଳାଭୂମିକୁ ସ୍ଥାନୀୟ ଲୋକେ ପ୍ରାୟ ସବୁ ବେଳେ ବୁଲି ଆସୁଛନ୍ତି। ବେଳାଭୂମିରେ ସବୁ ସମୟରେ ପ୍ରାୟ ମେଳାର ଆୟୋଜନ ହେଉଛି। ଆଗକୁ ଆଉ ଗୋଟିଏ ମାସ ପରେ ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ହେବ, ତାର ମାସକ ପରେ ବାଲିଯାତ୍ରା ହେବ, ଏହି ଭଳି ହଜାର ହଜାର ଲୋକ ସେହି ମୁଖ୍ୟ ରାସ୍ତାରେ ହିଁ ଯାତାୟାତ କରିବେ। ତେବେ ସେହି ରାସ୍ତା ହିଁ ସମସ୍ତଙ୍କ ପାଇଁ ନିଶ୍ଚୟ ଅଡୁଆ ହେବ ବୋଲି କୁହାଯାଉଛି। ବହୁ ବାର ଏହି ରାସ୍ତା ସମସ୍ୟା ସମ୍ପର୍କରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ପକ୍ଷରୁ ଏନଏଚଆଇଙ୍କ ନିକଟରେ ଅଭିଯୋଗ କରାଯାଇଛି। ଆହ୍ୱାନ ଫାଉଣ୍ଡେସନ ପକ୍ଷରୁ ଅନେକ ଥର ଜାତୀୟ ରାଜପଥ ପ୍ରାଧିକରଣଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ପାରି ନଥିବା ଫାଉଣ୍ଡେସନର ସମ୍ପାଦକ ଇଂ. ପ୍ରଭାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

## ବଡପଡ଼ିଆ ରାସ୍ତାରେ ଖାଲକୁ ଖସିଲା ବସ୍

ପାରାଦୀପ,୨୮।୭ (ସମିସ): ସବଷ୍ଟେସନ ଛକରୁ ବଡ଼ପଡ଼ିଆ ବସଷ୍ଟାଣ୍ଡକୁ ଯିବା ରାସ୍ତା ପାଲଟିଛି ମରଣଯନ୍ତା। ରାସ୍ତାରେ ବିରାଟ ବିରାଟ ରାସ୍ତା ଯୋଗୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ବନ୍ଦର ସହର ରାସ୍ତାରେ ଏଭଳି ଗାତ ଥିବାରୁ ପ୍ରତ୍ୟକ ଦିନ ସେହି ଗାତରେ ବସ୍, ଟ୍ରକ, କାର, ମଟର ସାଇକଲ ଆଦି ପଡି ଦୁର୍ଘଟଣା ଘଟୁଛି। ଆଜି ସକାଳେ ଅମ୍ବିକା ନାମକ ଏକ ଘରୋଇ ବସ କଟକରୁ ବଡପଡ଼ିଆ ବସଷ୍ଟାଣ୍ଡ କୁ ଅସୁଥିବା ବେଳେ ସେହି ଗାତ ରେ ପଡି ଦୁର୍ଘଟଣା ହୋଇଥିଲା। ଏତେ ଜୋରରେ ବସଟି ଗାତରେ ପଡିଥିଲା, ସେହି ଗାତରୁ ବାହାରିବା ମୁସ୍କିଲ ହୋଇ ପଡ଼ିଥିଲା। ତେବେ କିଛି ସମୟ ସେହି ରାସ୍ତାରେ ଯାତାୟାତ ଠପ ହୋଇ ଯାଇଥିଲା। ବସ ଯାତ୍ରୀ ମାନେ ସୁରକ୍ଷିତ ଥିବା ଜଣାପଡିଛି। ତେବେ ବନ୍ଦର ସହରରେ ରାସ୍ତା ଗୁଡ଼ିକର ଅବସ୍ଥା ଏବେ ଧୀରେ ଧୀରେ ଖରାପ ହୋଇ ପଡିବା ସହିତ ରାସ୍ତାରେ ଗାତ ସବୁ ସୃଷ୍ଟି ହୋଇ ଗଲାଣି। ବନ୍ଦର କର୍ତ୍ତୃପକ୍ଷ ଏଭଳି ସମସ୍ୟା ଉପରେ ନଜର କରି ରାସ୍ତା ଗୁଡ଼ିକର କାର୍ଯ୍ୟ କରିବା ସହ ସେହି ଗାତକୁ ପୋତିବା ପାଇଁ ଦାବି ହୋଇଛି। କାରଣ ସେହି ରାସ୍ତା ଦେଇ ହଜାର ହଜାର ଭାରୀଯାନ ମଧ୍ୟ ବିଭିନ୍ନ କମ୍ପାନୀକୁ ଯାତାୟାତ କରୁଛନ୍ତି।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ମିଳୁନି ଉତ୍ତମ ସେବା, ଡାକ୍ତରୀ ଔଷଧ ଓ ପରୀକ୍ଷାରୁ ବଞ୍ଚିତ ରୋଗୀ





ଢେଙ୍କାନାଳ,୨୮ ।୭ (ସମିସ) :

ଆମ୍ ଆଦମୀ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଡାକ୍ତରଖାନାରେ ନିୟମ ଅନୁଯାୟୀ ରୋଗୀମାନଙ୍କୁ ସୁଷମ ଖାଦ୍ୟ ଦିଆଯାଉ ନାହିଁ। ସକାଳ ଜଳଖିଆରେ ନିମ୍ନ ମାନର ଓ ଅରୁଚିକର ଖାଦ୍ୟ ସମ୍ପର୍କରେ ଦୀର୍ଘ ଦିନରୁ ଅଭିଯୋଗ ହେଉଥିଲେ ମଧ୍ୟ ଖାଦ୍ୟର ମାନରେ କୌଣସି ଉନ୍ନତି ହେଉନାହିଁ। ଖାଦ୍ୟ ପରସୁଥିବା ବ୍ୟକ୍ତିମାନେ ଓଲଟା ରୋଗୀମାନଙ୍କୁ ଧମକ ଦେଉଛନ୍ତି। ଖାଦ୍ୟରେ ପ୍ରତିଦିନ କ୍ଷୀର ଓ ଦହି ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ତାହା ବିଲକୁଲ ଦିଆଯାଉ ନାହିଁ ବୋଲି ରୋଗୀମାନେ ଅଭିଯୋଗ କରିଛନ୍ତି। ହସ୍ପିଟାଲର ବେଡ୍ ସ୍ପଞ୍ଜ ଗଦିଗୁଡିକ ଅବସ୍ଥା ଖୁବ୍ ଖରାପ ରହିଛି। ପୁରୁଷ ଭେଷଜ ୱାର୍ଡରେ ବେଡ୍‌ଗୁଡିକ ରୋଗୀଙ୍କ ବ୍ୟବହାର ଉପଯୋଗୀ ନୁହେଁ, ଅନେକ ଗଦି ଚିରି ନଷ୍ଟ ହୋଇଗଲାଣି। ହସ୍ପିଟାଲରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ସକାଳ ୮ ଟା ରୁ ୯ ଟା ଭିତରେ ଡାକ୍ତରମାନେ ରାଉଣ୍ଡରେ ଆସି ଚିକିତ୍ସା କରିବା ପରିବର୍ତ୍ତେ ଡାକ୍ତରମାନେ ଦିନ ୧୧ ଟା ୩୦ ରେ ରାଉଣ୍ଡରେ ଆସୁଛନ୍ତି। ଏପରି ସ୍ଥଳେ ଜଣେ ଗୁରୁତର ଅସୁସ୍ଥ ରୋଗୀର ଚିକିତ୍ସା କିପରି ହେଉଥିବ ତାହା ଚିନ୍ତାଜନକ। ଅନେକ ରୋଗୀ ମତ ଦେଇଥିଲେ ଯେ ଆବଶ୍ୟକ ସଂଖ୍ୟକ ଡାକ୍ତର ଅଭାବରୁ ଏହିପରି ଅବ୍ୟବସ୍ଥା ଲାଗି ରହିଛି। ସରକାର ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ କରିବାକୁ କହୁଥିବାବେଳେ ମୌଳିକ ଚିକିତ୍ସା ସୁବିଧା ପାଇବାରୁ ରୋଗୀ ବଞ୍ଚିତ ହେଉଛନ୍ତି। ଯାହା ଏକ ଉଦ୍‌ବେଗଜନକ ସମସ୍ୟା ଅଟେ। ସଦର ବ୍ଲକ ଅନ୍ତର୍ଗତ ଲମ୍ବୋଦର ପୁର ଗ୍ରାମର ଜନୈକ ରୋଗୀ ସକାଳ ଜଳଖିଆ ନିମ୍ନମାନର କାହିଁକି ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ। ଏପରି ଖାଦ୍ୟ ଖାଇ ରୋଗୀମାନେ କେମିତି ସୁସ୍ଥ ହେବେ କହିବାରୁ, ଖାଦ୍ୟ ପରିବେଷଣ କରୁଥିବା ବ୍ୟକ୍ତି ତାଙ୍କୁ ଖାଇଲେ ଖାଅ ନଖାଇଲେ ନାହିଁ କହି ଧମକ ଦେଇଥିଲେ। ଦୁଇଟି ଇଟିଲି ସହ କିଛି ଖଣ୍ଡିଆ ଇଟିଲି ସହ ଅଳ୍ପ କିଛି ପାଣିଆ ମଟର ଝୋଳ ସହ ଗୋଟିଏ ଅଧା ପାଚିଲା କଦଳୀ ଦିଆଯାଇଥିଲା ବୋଲି ଭିଡିଓ କରି ରଖି ଅଭିଯୋଗ କରିଛନ୍ତି। ଅତୀତରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଅନେକ ଥର ଅଭିଯୋଗ ହୋଇଆସୁଛି। ବିଗତରେ ଏସବୁ ସମସ୍ୟାର ସମାଧାନ ନିମନ୍ତେ ପାର୍ଟିର କାର୍ଯ୍ୟକର୍ତ୍ତା ମାନେ ୧୦ ଦିନ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ଧାରଣାରେ ବସିଥିଲେ। ସେତେବେଳେ ବି ରୋଗୀଙ୍କ ଖାଦ୍ୟ ବାଟମାରଣା ହେଉଥିବା ପ୍ରମାଣ ପାର୍ଟି ତରଫରୁ ଦିଆଯାଇଥିଲା। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ଭୟଭୀତ ହୋଇ କୌଣସି ବ୍ୟକ୍ତି ଚିକିତ୍ସାଳୟ ଭିତରେ ଫଟୋ କିମ୍ବା ଭିଡିଓ କରିପାରିବେନାହିଁ ବୋଲି ନୋଟିସ ଦିଆଗଲା। ଏସବୁ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ନିମନ୍ତେ ଶ୍ରୀ ବେହେରା ଜିଲ୍ଲାପାଳ ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ନଚେତ ଆଗାମୀ ଦିନରେ ଦଳ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି।

## ବଜ୍ରାଘାତରେ ମହିଳାଙ୍କ ମୃତ୍ୟୁ



ଢେଙ୍କାନାଳ,୨୮ ।୭ (ସମିସ) : ଡୁମୁସିଙ୍ଗା ଥାନା ଅନ୍ତର୍ଗତ ଶ୍ରୀମୁଳା ଗ୍ରାମର ଦୁଷ୍ମନ୍ତ ବେହେରାଙ୍କ ସ୍ତ୍ରୀ ଗୀତାଞ୍ଜଳି ବେହେରା ଧାନ ବିଲରେ ଧାନ ରୋଇବା ସମୟରେ ବର୍ଷା ହେବା ସହ ବିଜୁଳି ଘଡ଼ଘଡ଼ି ମାରିଥିଲା। ଫଳରେ ଗୀତାଞ୍ଜଳି ବଜ୍ରାଘାତର ଶିକାର ହୋଇଥିଲେ। ବଜ୍ରାଘାତର ଶିକାର ହୋଇ ସେ ଧାନ ବିଲରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକ ମାନେ ଖୋଜାଖୋଜି କରି ପାଇବା ପରେ ତାଙ୍କୁ ତୁରନ୍ତ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଘୋଷିତ ବିଦ୍ୟୁତକାଟ୍‌କୁ ନେଇ ଉପଜିଲ୍ଲାପାଳଙ୍କୁ ଫେରାଦ



ଖଜୁରିଆକଟା, ୨୮ ।୭ (ସମିସ) : ବାରମ୍ବାର ବିଦ୍ୟୁତକାଟ, ବିଦ୍ୟୁତ ଯୋଗାଣରେ ଅବ୍ୟବସ୍ଥା ପାଇଁ ହିନ୍ଦୋଳ ଜନସାଧାରଣ ଅତିଷ୍ଠ। ତେବେ ଢେଙ୍କାନାଳ ଜିଲ୍ଲାର ହିନ୍‌ଦୋଳ ଉପଖଣ୍ଡ କୁନୁଆ ପଞ୍ଚାୟତ ଅସନବଣିଆ ଗ୍ରାମ ଦାଣ୍ଡରୁ ଦୁର୍ବୃତ୍ତମାନେ ବିଦ୍ୟୁତ ତାର ଚୋରି କରିନେବା ଦ୍ୱାରା ୧୫ଦିନ ଧରି ଗ୍ରାମବାସୀ ଅନ୍ଧାରରେ ରହିଥିବା ଅଭିଯୋଗ ହୋଇଥିବାବେଳେ ବିଦ୍ୟୁତବିଭାଗ କୌଣସି ପଦକ୍ଷେପ ନନେବାରୁ ଶତାଧିକ ମହିଳା ଓ ପୁରୁଷ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳ ହାତୀ ବନ୍ୟଜନ୍ତୁ ଉପଦ୍ରବ ଅଞ୍ଚଳ ହୋଇଥିବାବେଳେ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ବର୍ଷା ଅନ୍ଧାରରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟୁତ ସମସ୍ୟାର ତୁରନ୍ତ ସମାଧାନପାଇଁ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସି। ୭ ଦିନ ଭିତରେ ସମସ୍ୟା ସମାଧାନ ନହେଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଉପଜିଲ୍ଲାପାଳ ପ୍ରଭାସ ବେଉରା ଖୁବଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

## କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର

ଢେଙ୍କାନାଳ,୨୮ ।୭ (ସମିସ) : କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ସମାଜସେବୀ ମାଳତୀ ଚୌଧୁରୀ ଓ ପାହାଡ଼ ରାଣୀ କଳ୍ପନା ଦାଶଙ୍କ ଜନ୍ମ ମାସ ଉପଲକ୍ଷେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ



ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବରେ ପ୍ରଶାସନିକ ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ, ବିଶିଷ୍ଟ ଐତିହାସିକ ଗବେଷକ ତଥା ପ୍ରାବନ୍ଧିକ ତପନ କୁମାର ଶତପଥି ଯୋଗଦେଇ ସମାଜସେବୀ ମାଳତୀ ଚୌଧୁରୀ ଓ ପାହାଡ଼ ରାଣୀ କଳ୍ପନା ଦାଶଙ୍କର ସମ୍ପର୍କରେ ମତ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଆଲୋଚନା ସଭାରେ କବିଭୂଷଣ ସ୍ମୃତି ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଓ ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ମିଳିତ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରାଯାଇଥିଲା। କବିଭୂଷଣ ରାଜକିଶୋର ପଟ୍ଟନାୟକ ସ୍ମୃତି ସଂସଦର ସଂଗଠନ ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ୍ କବି ଡ଼ା.ଦେବୀ ପ୍ରସାଦ ମିଶ୍ରଙ୍କ ସଫଳ ସଂଯୋଜନାରେ ଉଭୟ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଅନୁଷ୍ଠିତ କବିତା ପାଠୋତ୍ସବ "କବି ଓ କବିତା ମଧୁକ୍ଷରା"ରେ ଉପସ୍ଥିତ ସଭାପତି ଶଙ୍କର୍ଷଣ ଶତପଥୀ, ଉପସଭାପତି ତଥା ପ୍ରାକ୍ତନ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡଃ.ପ୍ରମୋଦ କୁମାର ନାୟକ, ସଂସଦର ଉପ ସଭାପତି ଶିକ୍ଷାବିତ୍ ଡ.ସମିର ସାହୁ, ଶିଳ୍ପୀ ପରେଶ ପଟ୍ଟନାୟକ, ସୁମିତା ରାୟ ପଟ୍ଟନାୟକ, ବିବେକାନନ୍ଦ ଷଡ଼ଙ୍ଗୀ, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ନିର୍ମଳା ମହାପାତ୍ର, ମନୋଜା ମଞ୍ଜରୀ ଦାଶ, ଅଭୟ କୁମାର ସାହୁ, ମିନତୀ ମିଶ୍ର, ନୃସିଂହ ଚରଣ ମହାନ୍ତି, ଆଲୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱରଚିତ କବିତାମାନ ପାଠ କରିଥିଲେ। ସମ୍ପାଦକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଉଭୟ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ତାଙ୍କର ଜୀବନୀ ପାଠ କରିବା ସଙ୍ଗେ ସଙ୍ଗେ ତାଙ୍କ ସମ୍ପର୍କରେ ଏକ ବିଶଦ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ବରିଷ୍ଠ କବୀ ନିର୍ମଳା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ



ଖଜୁରିଆକଟା,୨୮ ।୭ (ସମିସ): ଓଡାପଡା ବ୍ଲକ ସଭା ଗୃହ ଠାରେ ବନଖଣ୍ଡ ସ୍ତରୀୟ ଜୈବ ବିବିଧତା ସମ୍ପର୍କିତ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡ଼ଙ୍ଗୀ ତ୍ରିସ୍ତରୀୟ ଜୈବ ବିବିଧତା ସଂରକ୍ଷଣ ବ୍ୟବସ୍ଥାରେ ଥିବା ଜୈବ ବିବିଧତା ପରିଚାଳନା ସମିତି ବିଏମସିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟସ୍ତରରେ ପ୍ରସ୍ତୁତି କରାଯାଉଥିବା ଜନ ଜୈବବିବିଧତା ନଥିପତ୍ର ବା ପିବିଆର୍ ଏକ ଆଇନଗତ ବୈଷୟିକ ଓ ବିଜ୍ଞାନ ସମ୍ମତ ନଥିପତ୍ର ଅଟେ । ଏହି ନଥିପତ୍ରକୁ ଆଧାର କରି ସ୍ଥାନୀୟ ଜୈବ ବିବିଧତାର ସୁରକ୍ଷା , ଧାରାବାହିକ ବ୍ୟବହାର ସମ୍ଭବ ହେବ ବୋଲି ଶ୍ରୀ ଷଡଙ୍ଗୀ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଜୈବବିବିଧତା ବୋର୍ଡର ବନଖଣ୍ଡ ଅଧିକାରୀ ଶିଶିର କୁମାର ମିଶ୍ର ଜୈବ ବିବିଧତାର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବିଏମସି ର ସହଯୋଗ ଏକାନ୍ତ ଆବଶ୍ୟକ ଏବଂ ସ୍ଥାନୀୟ ଅଞ୍ଚଳର ଜଙ୍ଗଲ, ବନ୍ୟଜନ୍ତୁ ଓ ପରିସଂସ୍ଥାର ସୁରକ୍ଷା ସମ୍ଭବ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମର ସହଯୋଗୀ ଅନୁଷ୍ଠାନ ଭାବରେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଆୟୋଜନ କରିବାରେ ସହଯୋଗ କରିଥିଲା । ଓଡିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୋର୍ଡର ସଂଯୋଜକ ଡା. ଶୁଭ୍ରାଂଶୁ ନାୟକ କୃଷି ଜୈବବିବିଧତାର , ଅଣୁଜୀବର ସଂରକ୍ଷଣ, ଦେଶୀୟ ବିହନର ସୁରକ୍ଷା, ଜଙ୍ଗଲୀ କିସମ କୃଷି , ମିଲେଟ୍ କୃଷି ଉପରେ ପରାମର୍ଶ ପ୍ରଦାନ କରିଥିଲେ। ଉଦ୍ଭିଦ ବିଜ୍ଞାନୀ ଡା. ପ୍ରଭାତ କୁମାର ଦାସ ବିଭିନ୍ନ ପ୍ରକାର ଉଦ୍ଭିଦ ଓ ସେମାନଙ୍କର ଗୁଣାବଳୀ , ବିଭିନ୍ନ କାରଣ ଜନିତ ବିଲୁପ୍ତ ପାଉଥିବା ଏବଂ ତାହାର ସଂରକ୍ଷଣର ଆବଶ୍ୟକତା ଓ ପଦ୍ଧତି ପ୍ରକ୍ରିୟା ଉପରେ ସୁପରାମର୍ଶ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ୟଜୀବ ବିଶେଷଜ୍ଞ ଡା. ଶିବ ପ୍ରସାଦ ପରିଡା ଗୃହପାଳିତ ପଶୁ ମାନଙ୍କ ସମ୍ବନ୍ଧରେ ବିଏମସିର କର୍ମକର୍ତ୍ତା ମାନଙ୍କୁ ଉପଦେଶ ଦେଇଥିଲେ । ସେହିପରି ପରିବେଶବିତ୍ ପ୍ରସନ୍ନ କୁମାର ବେହେରା ବିଏମସିର ଗଠନ ପ୍ରଣାଳୀ, କାର୍ଯ୍ୟାବଳୀ, ଦାୟିତ୍ୱ ଓ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଢେଙ୍କାନାଳ ବନଖଣ୍ଡର ସହକାରୀ ବନ ସଂରକ୍ଷକ ନୀଳେନ୍ଦ୍ର ଦଳପତି ବିଏମ୍‌ସି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପାରମ୍ପରିକ ଜ୍ଞାନ ଥିବା ଏବଂ ଅନୁଭୂତି ଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ଜୈବବିବିଧତା ନଥିପତ୍ର ପ୍ରସ୍ତୁତି କରାଯିବାର ପଦ୍ଧତି ଓ କୌଶଳ ଉପରେ ଅବଗତ କରାଯାଇଥିଲା। ଏତଦ୍ ସହିତ ଓଡ଼ାପଡ଼ା ବ୍ଲକ୍‌ର ଜିପିଓ ପ୍ରିୟବ୍ରତ ପଟ୍ଟନାୟକ , ଓପିଏସ୍ ମହାବିଦ୍ୟାଳୟର ସିନିୟର୍ ପ୍ରଫେସର୍ ମନୋଜ କୁମାର ରାଉତ, ଆଶୁତୋଷ ମହାପାତ୍ର, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା, କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ଦାସ, ସ୍ୱସ୍ତୀ ଦୀପା, ପ୍ରତ୍ୟୁଷା ମାଝୀ, ଲିକୁନ ପ୍ରଧାନ, ଚନ୍ଦନ ସାହୁ ଓଡ଼ିଶା ଜୈବବିଧତା ବୋର୍ଡର ଚିତ୍ତରଞ୍ଜନ ନାୟକ ଓ ଓପିଏସ୍ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠିତ

ଗଁଦିଆ,୨୮ ।୭ (ସମିସ) : ଗଁଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଗଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପ୍ରଥମେ ଉକ୍ତ ପରିଚାଳନା କମିଟି ପାଇଁ ୧୫ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ଜଣ ସଦସ୍ୟ ସିଧା ସଳଖ ଭାବରେ ମନୋନୀତ ହୋଇଥିବା ସ୍ଥଳେ ଅବଶିଷ୍ଟ ୩ଜଣ ସଦସ୍ୟ ନିର୍ବାଚିତ ହୋଇ ଥିଲେ। ସଭାପତି ଓ ଉପ ସଭାପତି ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଉପ ସଭାପତି ଭାବେ ସସ୍ମିତା ଜେନା ସର୍ବସମ୍ମତିରେ ମନୋନୀତ ହୋଇଥିବା ସ୍ଥଳେ ସଭାପତି ଭାବେ ରାଜେଶ କୁମାର ବାରିକ ନିର୍ବାଚିତ ହୋଇଥିଲେ। ନୂତନ ସଦସ୍ୟ ମାନେ ହେଲେ ଅରୁଣ କୁମାର ଜେନା, ଜ୍ୟୋତିର୍ମୟୀ ବାରିକ, ନିରୁପମା ନାୟକ, ରଶ୍ମିତା ବେହେରା, ସବିତା ତ୍ରିପାଠୀ, ପୁଷ୍ପଲତା ବାରିକ, ପ୍ରମୋଦ କୁମାର ଖଟୁଆ, ପ୍ରଶାନ୍ତ ନାୟକ, ବନିତା ବାରିକ, ସୁଷମା ସାହୁ, ସନ୍ତୋଷ କୁମାର ସାହୁ, ରତ୍ନପ୍ରଭା ସେଠି ଓ ଧୀରେନ୍ଦ୍ର ବାରିକ, ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ମୁକୁଳା ପଡ଼ିଛି ମହାନ୍ତି ସାହି ବିଦ୍ୟୁତ୍ ଟ୍ରାନ୍ସଫର୍ମର

ପରଜଙ୍ଗ,୨୮ ।୭ (ସମିସ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ଗ୍ରାମର ମହାନ୍ତି ସାହି ପାଇଁ ଉଦ୍ଦିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫୋରମର ଟି ମୁକୁଳା ଅବସ୍ଥାରେ ପଡ଼ିରହିଛି। ଉକ୍ତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ାର ଆବଶ୍ୟକତା ରହିଥିବାବେଳେ ବିଦ୍ୟୁତ ବିଭାଗର ଅପାରଗତା



ଯୋଗୁଁ ଧନଜୀବନ ହାନୀ ହେଉଥିଲେ ମଧ୍ୟ ନିରବଦ୍ରଷ୍ଟା ବିଭାଗୀୟ ଅଧିକାରୀ ବୋଲି ଅଭିଯୋଗ ହୋଇଛି। ମୁକୁଳା ଟ୍ରାନ୍ସଫର୍ମର ସଂଯୋଗରେ ଆସି କିଛି ଦିନ ମଧ୍ୟରେ ଗାଈଗୋରୁ ମୃତ୍ୟୁବରଣ କରିଥିବା ସହ ପାଖରେ ଅଙ୍ଗନବାଡ଼ି କେନ୍ଦ୍ର, ପଶୁ ସହାୟକ କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ଡାକଘର, ପଞ୍ଚାୟତ କାର୍ଯ୍ୟାଳୟ ଥିବାରୁ ଦୈନନ୍ଦିନ ଶତାଧିକ ଛୋଟରୁ ବୃଦ୍ଧ ପର୍ଯ୍ୟନ୍ତ ଗ୍ରାମବାସୀ ଚଳାଚଳ କରୁଥିବା ବେଳେ କେତେବେଳେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇପାରେ। ବିଦ୍ୟୁତ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନେବାରେ ବିଫଳ ହୋଇପଡିଛି। ଆଗାମୀ ଦିନରେ କୈଣସି ଦୁର୍ଘଟଣା ଜନିତ ସମସ୍ୟା ସୃଷ୍ଟି ହେଲେ ସେଥିପାଇଁ ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଲଗାଣ ବର୍ଷାରେ ଶ୍ରୀଶ୍ରୀ ନାଗନାଥେଶ୍ୱର ମନ୍ଦିର ଜଳାର୍ଣ୍ଣବ



ଢେଙ୍କାନାଳ, ୨୮ ।୭ (ସମିସ) : ସଦର ବ୍ଲକ୍ ଅନ୍ତର୍ଗତ ବଣସିଂହ ଓ ଚାଉଳିଆ ପଞ୍ଚାୟତ ସ୍ଥିତ ପ୍ରାଚୀନ ଉତ୍କଳର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀ ଶ୍ରୀ ନାଗନାଥେଶ୍ୱର ମନ୍ଦିର ପ୍ରବଳ ବର୍ଷା ରେ ଜଳାର୍ଣ୍ଣବ ହୋଇଛି। ଫଳରେ ଠାକୁରଙ୍କ ନୀତି ପୂଜାରେ ବିଭିନ୍ନ ସମସ୍ୟା ଦେଖାଦେଇଛି। ମନ୍ଦିର ବେଢ଼ା ଟି ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପଥର ପ୍ୟାକିଂ ହୋଇଥିଲେ ମଧ୍ୟ ଆହୁରି ଅନେକ କିଛି ଅଂଶ ରହି ଯାଇଛି। ତାହା ସମ୍ପୂର୍ଣ୍ଣ ହୋଇ ପାରିନି। ଲଘୁଚାପ ଲଗାଣ ବର୍ଷା ଯୋଗୁଁ ବର୍ତ୍ତମାନ ମନ୍ଦିର ବେଢ଼ା ପାଣି ରେ ବୁଡିଥିବା ବେଳେ ମନ୍ଦିର ଭିତରେ ମଧ୍ୟ ପାଣି ପୂରି ରହିଛି। ବର୍ତ୍ତମାନ ଠାକୁର ପାଣିରେ ବୁଡ଼ି ରହିଛନ୍ତି। ଆଗକୁ ଶ୍ରାବଣ ମାସ ଆସୁଥିବାରୁ ବର୍ଷା କାରଣରୁ ଜଳ ନିଷ୍କାସନ ହୋଇ ପାରୁନାହିଁ। ଏହାର ବିହିତ ବ୍ୟବସ୍ଥା କରିବା ଲାଗି ସାଧାରଣରେ ଦାବି ହୋଇଛି।

# ମିଳିତ ଗଣେଶ ପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା ଚୟନ

ଢେଙ୍କାନାଳ,୨୮ ।୭ (ସମିସ) : ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ୪୦ଗୋଟି ବଜାର କ୍ଲବ୍‌ର ସଭାପତି, ସମ୍ପାଦକମାନଙ୍କର ଏକ ସାଧାରଣ ସଭା ପୁରାତନ ଜିଲ୍ଲାପରିଷଦ ସଭାଗୃହ ଠାରେ କ୍ରିୟାନୁଷ୍ଠାନ କମିଟିର



ସଭାପତି ସୁଧାଂଶୁ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାକାର୍ଯ୍ୟ ଆରମ୍ଭରେ ସଭାପତି ଉପସ୍ଥିତ ଥିବା ସମସ୍ତ କ୍ଲବ୍ ସଭାପତି/ ସଂପାଦକମାନଙ୍କୁ ଧନ୍ୟବାଦ ଦେବା ସହିତ ଚଳିତ ବର୍ଷ ଆସନ୍ତା ତା.୧୪.୦୯.୨୦୨୬ରିଖ ସୋମବାର ଦିନ ହେବାକୁ ଥିବା ପ୍ରଭୁ ଶ୍ରୀ ଗଣେଶ ଜୀଙ୍କ ପୂଜା ହେବା ସହିତ ଭସାଣୀ ଉତ୍ସବ କିପରି ଶାନ୍ତି ଶୃଙ୍ଖଳାରେ ହେବ ସେଥିପାଇଁ ବିସ୍ତୃତ ଆଲୋଚନା କରିବା ପାଇଁ ସାଧାରଣ ବୈଠକ ଡକାଯାଇଥିଲା। ଏଜେଣ୍ଡା ଅନୁଯାୟୀ ପ୍ରଥମେ ଗତ ବର୍ଷର ଆୟବ୍ୟୟ ବିବରଣୀ ପାଠ କରାଗଲା ପରେ ଉପସ୍ଥିତ ଥିବା ସଦସ୍ୟ ଏହାକୁ ସମର୍ଥନ କରି କରତାଳି ମାଧ୍ୟମରେ ପାରିତ କରାଯାଇଥିଲା। ୨ୟ ପ୍ରସ୍ତାବ ଚଳିତ ବର୍ଷ ନୂତନ କର୍ମକର୍ତ୍ତା ଚୟନ ଉପରେ ଆଲୋଚନା ପର୍ଯ୍ୟାଲୋଚନା ପରେ ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ୨୦୨୬ ମସିହାର ସଭାପତି ଭାବେ ସୁଧାଂଶୁ କୁମାର ଦଳେଇ, ଉପ-ସଭାପତି ଭାବେ ସଞ୍ଜିବ କୁମାର ବେହେରା ଓ ବୀରବର ସାହୁ, ସାଧାରଣ ସଂପାଦକ ଭାବେ ସୁଶିଲ କୁମାର ଗୋଛାୟତ, ସହ-ସଂପାଦକ ଭାବେ ବିଶ୍ୱ ରଞ୍ଜନ ଓଝା ଓ ଚିନ୍ମୟ ପୃଷ୍ଟି, କୋଷାଧ୍ୟକ୍ଷ ଭାବେ ଅନିମେଶ ବେହେରାଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ନୂତନ ସଭାପତି ସୁଧାଂଶୁ କୁମାର ଦଳେଇ ଉପସ୍ଥିତ ଥିବା ସମସ୍ତ ବଜାର କ୍ଲବ୍‌ର ସଭାପତି ଓ ସଂପାଦକ ନୂତନ କମିଟିର ସମସ୍ତ ସଦସ୍ୟମାନଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରି ମନୋନୀତ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରଥା ଅନୁଯାୟୀ ଚଳିତ ବର୍ଷ ୧୪ ସେପ୍ଟେମ୍ବର ୨୦୨୬ ରିଖ ସୋମବାର ଠାରୁ ୪୦ଗୋଟି ପୂଜା ମଣ୍ଡପରେ ପ୍ରଭୁ ଶ୍ରୀଗଣେଶଜୀଙ୍କୁ ପୂଜା ଅର୍ଚ୍ଚନା କରିବା ସହିତ ସୁନ୍ଦର ଭାବେ ପୂଜା ମଣ୍ଡପକୁ ସାଜସଜ୍ଜା କରିବା, ମେନ୍ ରୋଡ୍ ଉଭୟ ପାଶ୍ୱର୍ରେ ଲାଇଟ୍ ଲଗାଇବା ସହିତ ଭସାଣୀ ଉତ୍ସବ ଆସନ୍ତା ୨୧.୦୯.୨୦୨୬ରିଖ ସୋମବାର ମିନୀ ଷ୍ଟାଡିୟମ ମେଳଣ ପଡିଆ ଠାରେ ଏକତ୍ରିତ ହୋଇ ଲଟେରୀ ମାଧ୍ୟମରେ କ୍ରମାଙ୍କ ଅନୁଯାୟୀ ସକାଳ ୯ ଘଟିକା ଠାରୁ ପ୍ରୋଶେସନ ଆରମ୍ଭ ହୋଇ ତିନୋଟି ରୁଟ୍ ମାଧ୍ୟମରେ ରାତ୍ର ୯ ଘଟିକାରେ ବିସର୍ଜନ କରିବା ପାଇଁ ସର୍ବ ସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଗଲା। ଚଳିତବର୍ଷ ମହାବୀର ବଜାର ପୂଜା ମଣ୍ଡପରେ ୧୭ ଫୁଟ ଉଚ୍ଚତମ ଗଣେଶଜୀଙ୍କ ପ୍ରତିମୂର୍ତ୍ତି ହେବ ବୋଲି କମିଟିର ସଦସ୍ୟ ବୁଲ୍‌ବୁଲ୍ ଜଣାଇଥିଲେ। ଚଳିତ ବର୍ଷ ପ୍ରଭୁ ଶ୍ରୀ ଗଣେଶଜୀଙ୍କ ଆଜ୍ଞା ଲଡୁ ନିଲାମ୍ ଦିନ ଗଣେଶ ବଜାର ପୂଜା କମଟି ୧୦୦ କେଜି ଲଡୁ କରିବେ ବୋଲି ସହମତି ଦେଇଥିଲେ। ଉକ୍ତ ଲଡୁ ସହରର ବାଜିଚୌକ ଛକ ଠାରୁ ଏକ ବିରାଟ ପଟୁଆରରେ ପ୍ରୋଶେସନ କରି ଗଣେଶ ବଜାରରେ ଥିବା ଗଣେଶ ମନ୍ଦିରରେ ପୂଜା ଅର୍ଚ୍ଚନା କରିବା ପରେ ଟାଉନ୍ ହଲ୍ ସମ୍ମୁଖରେ ନିଲାମ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଛି। ଢେଙ୍କାନାଳ ଟେଣ୍ଟ ଓନର୍ସ ଆସୋସିଏସନ୍ ତରଫରୁ ବାଜିଚୌକ ଛକ ଠାରେ ଭସାଣୀ ଉତ୍ସବ ଦିନ ସମସ୍ତ ପୂଜା କମିଟିର ସଭାପତି/ସଂପାଦକ ଓ କର୍ମକର୍ତାମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ କମିଟି ସଦସ୍ୟ ରାଜା ପଟ୍ଟନାୟକ ଓ ପ୍ରଭାତ କୁମାର ସାହୁଙ୍କ ପ୍ରସ୍ତାବ କ୍ରମେ ଏହାକୁ ଗ୍ରହଣ କରାଯାଇଥିଲା। ପ୍ରଶାସନ ତରଫରୁ କାଠଶଙ୍ଖ, କୁଞ୍ଜକାନ୍ତ ପୋଖରୀ ଏବଂ ଜେଲ୍ ପୋଖରୀ ଯଥେଷ୍ଟ ପୂର୍ବରୁ ସଫା କରିବା ସହିତ ରୋଡ୍ କ୍ରସ୍ ବିଦ୍ୟୁତ୍ ତାର, ରାସ୍ତା ଘାଟ ମରାମତି, ଗଛ କଟିଙ୍ଗ୍, ରାସ୍ତା ଉପରୁ ଗାଈଗୋରୁ ହଟାଇବା ସହିତ ପ୍ରଶାସନର ସହଯୋଗ କାମନା କରିଥିଲେ। ସହ-ସଂପାଦକ ଚିନ୍ମୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ବାହ୍ୟ ଜଗତରୁ ବିଚ୍ଛିନ୍ନ ଆଖୁଆପାଳ ପଞ୍ଚାୟତର ୫ ଗାଁ

ପରଜଙ୍ଗ,୨୮ ।୭ (ସମିସ) : ଚଳିତ ଲଗାଣ ବର୍ଷାରେ ଜଳବନ୍ଦୀ ଅବସ୍ଥାରେ ପାଞ୍ଚଟି ପଡାର ଶତାଧିକ ପରିବାର ଲୋକେ। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତର ପାଞ୍ଚଟି ପଡା ଜଳମଗ୍ନ ହୋଇ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଗତକାଲି ଠାରୁ ଲଗାଣ ବର୍ଷା ଯୋଗୁଁ ଜାତୀୟ ରାଜପଥ ଠାରୁ ଦୋମୁହାଁଣୀ ଗ୍ରାମକୁ ଯାଇଥିବା ରାସ୍ତାରେ ଥିବା ଗମ୍ଭାରୀଆ ନାଳ ଉପରେ ଦଶ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚତାରେ ବର୍ଷା ପାଣି ନିଷ୍କାସନ ହେଉଥିବାରୁ ସମ୍ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇଛି। ଦୋମୁହାଁଣୀ ଠାରୁ ଝରାପାଳ, ଭେରୁବଣିଆ ଦୁଇଟି ଆଦିବାସୀ ଅଧ୍ୟୁଷିତ ବସ୍ତି କୁ ଥିବା ମାଟି ମୋରମ ରାସ୍ତା ସାଙ୍ଗକୁ ଗମ୍ଭାରୀଆ ନାଳ ଜଳପତନ ବୃଦ୍ଧି ଯୋଗୁଁ ଉଭୟ ବସ୍ତିକୁ ଦୈନନ୍ଦିନ ଜୀବନର ଆବଶ୍ୟକତା ସାମଗ୍ରୀ ହେଉବା ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ମୋହନ ପଶି ଅନୁସୂଚିତ ଜାତିର ସହି ଜଳମଗ୍ନ ହୋଇ ବାହ୍ୟ ଜଗତରୁ ମଧ୍ୟ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ଭାବେ ଉକ୍ତ ପଞ୍ଚାୟତର ରଘୁନାଥପୁର ଗ୍ରାମ ଠାରୁ ଅନୁସୂଚିତ ଜାତି ସାହିକୁ ଯିବାଆସିବା ନିମନ୍ତେ ଥିବା ରାସ୍ତା ଉପରେ ବର୍ଷା ପାଣି ନିଷ୍କାସନ ଯୋଗୁଁ ବିଚ୍ଛିନ୍ନ ହୋଇପଡ଼ିଛି। ସମସ୍ତ ବାହ୍ୟ ଜଗତରୁ ବିଚ୍ଛିନ୍ନ ଥିବା ଲୋକମାନଙ୍କୁ ସରକାରଙ୍କ ସହାୟତା ଯୋଗାଇଦେବାକୁ ଆଖୁଆପାଳ ପଞ୍ଚାୟତର ସମାଜସେବୀ ସମୀର କୁମାର ସାହୁ ଦାବି କରିଛନ୍ତି।



# ରସଗୋଲା ଆମ ଐତିହ୍ୟ ଓ ସଂସ୍କୃତିର ବାହକ



ଢେଙ୍କାନାଳ,୨୮ ।୭ (ସମିସ) :

ସ୍ଥାନୀୟ ଶ୍ରୀଜଗନ୍ନାଥ ସେବା ପରିଷଦ ଓ ମିଷ୍ଟାନ୍ନ ବ୍ୟବସାୟୀ ସଂଘ ପକ୍ଷରୁ ମୀନାବଜାରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିଶ୍ୱ ରସଗୋଲା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଉପ-ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ପଦ୍ମଚରଣ ସାହୁ କହିଥିଲେ ଯେ ରସଗୋଲା ଆମ ଓଡ଼ିଆଙ୍କ ଐତିହ୍ୟ ସଂସ୍କୃତିର ବାହକ। ଆଜକୁ ହଜାର ବର୍ଷ ତଳୁ ମହାପ୍ରଭୁ ଶ୍ରୀଜଗନ୍ନାଥ ରସଗୋଲା ଭୋଗ ହୋଇ ଆସୁଛନ୍ତି। ପରିଷଦର ଉପଦେଷ୍ଟା ତଥା ଯୁବରାଜ ଅମରଜ୍ୟୋତି ସିଂହଦେଓ ସମସ୍ତଙ୍କର ଜୀବନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ରସଗୋଲା ପରି ମଧୁମୟ ହେଉ ବୋଲି କହିଥିଲେ। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭକ୍ତି ଥିଲେ ପ୍ରଭୁ ଦର୍ଶନ ଦିଅନ୍ତି ବୋଲି କହିଥିଲେ। ଏହି ମନ୍ଦିରର ମୂର୍ତ୍ତି ପରିପାଟୀ ଅତିବ ଆକର୍ଷଣୀୟ ବୋଲି ସେ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦେଇ ରସଗୋଲା ଆମ ଓଡିଆ ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ଏହି ଅବସରରେ ଢେଙ୍କାନାଳର ବିକାଶକୁ ନେଇ ସହର ମଧ୍ୟସ୍ଥ ଭାଗିରଥୀ ସାଗରରେ ମହାରାଜା ଭଗୀରଥଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଢେଙ୍କାନାଳ ଇତିହାସକୁ ନେଇ ଲେଜର୍ ଲାଇଟ୍-ସୋ ର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ସେହିପରି କୁଟୁଣିଆ ପାହାଡ ଶୀର୍ଷରେ ଢେଙ୍କା ଶବର ପ୍ରତିମୂର୍ତ୍ତି ପ୍ରତିଷ୍ଠା, ଯାତାୟତ ପାଇଁ ରାସ୍ତା ନିର୍ମାଣ ଓ ଆଲୋକ ବ୍ୟବସ୍ଥା କରାଯାଉଥିବା ନେଇ ସୂଚନା ଦେଇଥିଲେ। ଢେଙ୍କାନାଳ ରାଜପ୍ରସାଦ ସମ୍ମୁଖ ଭାଗର ସୌନ୍ଦର୍ଯ୍ୟକରଣ ସହ ମନୋରମ ଉଦ୍ୟାନ ଓ ଢେଙ୍କାନାଳ ରାଜ୍ୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଯୋଜନା ରହିଥିବାର ସୂଚନା ଦେଇଥିଲେ। ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମାଜସେବୀ ନିରୁପମା ଦାସ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂଜକ ରବିନାରାୟଣ ଦାଶ ଅତିଥି ବୃନ୍ଦଙ୍କୁ ପୁଷ୍ପାଞ୍ଜଳି ଦିଆଇବା ସହ ପ୍ରଭୁଙ୍କ ଠାରେ ଆଳତି ଓ ନୂତନ ହାଣ୍ଡିରେ ରସଗୋଲା ନୈବେଦ୍ୟ କରିଥିଲେ। ବନ୍ଧ ନୂଆଗାଁର ଯୁବକଗଣ ଦଳପତି ପ୍ରହଲ୍ଲାଦ ଦେହୁରୀ ଓ ଦୀପକ ପରିଡାଙ୍କ ନେତୃତ୍ୱରେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପରିଷଦର ଉପସଭାପତି ସୁନିଲ୍ ଦାସ, ସକ୍ରିୟ ସଭ୍ୟ ପ୍ରେମଶଙ୍କର ମିଶ୍ର, ଅଖିଳ ମହାପାତ୍ର, ମନୋରଞ୍ଜନ ମିଶ୍ର, ବେଣୁଧର ସାହୁ, ପ୍ରଶାନ୍ତ ସାମଲ, ପଙ୍କଜ ତ୍ରିପାଠୀ, ଅରୁଣ କୁମାର ପାତ୍ର, ଶଶିଭୂଷଣ ସାମଲ, ଚିଲିଆ ନନ୍ଦ, ଶିବପ୍ରସାଦ କର ଓ ସ୍ଥାନୀୟ କାଉନ୍‌ସିଲର ନିରୋଦ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

## କଂଗ୍ରେସର ଜେନ ଜୀ ମିଶ୍ରଣ ପର୍ବ

# ଶିକ୍ଷାମନ୍ତ୍ରୀ ଗଣ୍ଡଙ୍କ ଇସ୍ତଫା ଦାବିରେ ପଦଯାତ୍ରା



ଭୁବନେଶ୍ୱର,୨୮।୭(ସମିସ): କଂଗ୍ରେସ ଭବନଠାରେ ଆଜି ଏକ ବଡ଼ ଜେନ ଜୀ ମିଶ୍ରଣ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଆଗାମୀ ଦିନରେ ଦଳକୁ ଶକ୍ତିଶାଳୀ କରିବା ସହ ଏହି ଜେନ୍ ଜୀ ମିଶ୍ରଣ ଲଢ଼େଇ ପାଇଁ ସାହସ ଯୋଗେଇବ ବୋଲି କଂଗ୍ରେସ କହିଛି। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ନିଶ୍ଚିତ। ଯଦି ସେ ଇସ୍ତଫା ଦେବେନାହିଁ ତେବେ ତାଙ୍କ ବାସଭବନ ଘେରାଓ, ସମସ୍ତ ମନ୍ତ୍ରୀଙ୍କ ଘର ଘେରାଓ କରାଯିବା ସହ ଆବଶ୍ୟକ ହେଲେ ଓଡିଶା ବନ୍ଦ ଡାକରା ଦିଆଯିବ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଜେନ ଜୀ ଚାହିଁଲେ କଣ କରିପାରନ୍ତି, ଜନ୍ତର ମନ୍ତର ଆନ୍ଦୋଳନ ପ୍ରମାଣିତ କଲା। ତେଣୁ ଏଠାରେ ଉପସ୍ଥିତ ସମସ୍ତ ଜେନ ଜୀ ନିଜ ଅଧିକାର ପାଇଁ ଆଗାମୀ ଦିନରେ ସଂଗ୍ରାମ ପାଇଁ ପ୍ରସ୍ତୁତ ରହିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଆମେ ଆମ ଛୁଆଙ୍କ ଭବିଷ୍ୟତ ଅନ୍ଧକାର କରିପାରିବୁ ନାହିଁ କିମ୍ବା ଗୋଲାମ କରି ପାରିବୁ ନାହିଁ ତେଣୁ ଏଭଳି ଶିକ୍ଷାମନ୍ତ୍ରୀ ରାଜ୍ୟର ଆବଶ୍ୟକତା ନାହିଁ ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଛାତ୍ରବର୍ଗଙ୍କୁ ନିଜ ଅଧିକାର ପାଇଁ ଲଢେଇ କରିବାର ସମୟ ଆସିଛି ବୋଲି ପରାମର୍ଶ ଦେଇଛନ୍ତି। ମିଶ୍ରଣ ପର୍ବ ଶେଷହେଲା ପରେ କଂଗ୍ରେସ ଭବନଠାରୁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରି ଏକ ବିଶାଳ ପ୍ରତିବାଦ ପଦଯାତ୍ରା ଲୋକସେବା ଭବନକୁ ଆରମ୍ଭ ହୋଇଥିଲା। ପିଏମଜି ଛକ ଆଗରୁ ପୁଲିସ ବ୍ୟାରିକେଡ୍ ଦେଇ ପଦଯାତ୍ରାକୁ ରୋକିଥିଲା। ଫଳରେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତା ସେଠାରେ ସରକାରଙ୍କ ଛାତ୍ର ବିରୋଧୀ ନୀତି ଓ ଶିକ୍ଷାମନ୍ତ୍ରୀ ଗଣ୍ଡଙ୍କ ବିରୋଧରେ ସ୍ଲୋଗାନ ଦେଇ ଇସ୍ତଫା ଦାବୀ କରିଥିଲେ। ଏହି ମିଶ୍ରଣ ପର୍ବ ତଥା ଇସ୍ତଫାଦାବୀ ପଦଯାତ୍ରାରେ ଅନ୍ୟ ମାନଙ୍କ ସହ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଆମ ଶିମିଳିପାଳ ଯୋଜନାକୁ ସରକାରଙ୍କ ଅନୁମୋଦନ

ବାରିପଦା, ୨୮।୭(ସମିସ): ଓଡ଼ିଶା ସରକାର ପ୍ରସ୍ତାବିତ ୧୨୫ କୋଟି ଟଙ୍କାର ଆମ ଶିମିଳିପାଳ ଯୋଜନାକୁ ଅନୁମୋଦନ ଦେଇଛନ୍ତି। ଏହା ଏକ ପ୍ରମୁଖ ଜୀବିକା ଉପାର୍ଜନ ପଦକ୍ଷେପ। ଯାହା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର) ଅଞ୍ଚଳ ଚାରିପାଖରେ ବସବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ସ୍ଥାୟୀ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି। ତତସହିତ ଏହି ଉଚ୍ଚାକାଂକ୍ଷୀ ପ୍ରକଳ୍ପ ପାଇଁ ପୂର୍ବରୁ ଏସଟିଆର କର୍ତ୍ତୃପକ୍ଷଙ୍କ ପାଖରେ ଟଙ୍କା ମହଜୁଦ ରହିଛି। ଏସଟିଆର କ୍ଷେତ୍ର ନିର୍ଦ୍ଦେଶ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ଡ. ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି, ସରକାର କିଛିଦିନ ପୂର୍ବେ ପ୍ରସ୍ତାବକୁ ଅନୁମୋଦନ ଦେଇ ଏହାର କାର୍ଯ୍ୟକାରିତା ପାଇଁ ଟଙ୍କା ମଞ୍ଜୁର କରିଛନ୍ତି। ଚଳିତ ଅକ୍ଟୋବର ମାସ ପୂର୍ବରୁ ଔପଚାରିକ ଉଦଘାଟନ ପରେ ପ୍ରକଳ୍ପ ଆରମ୍ଭ ହେବ।

**ଅମୁନି ଦାଦନ ଯନ୍ତ୍ରଣା**

# ସୁରଟରେ ପୁଣି ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ପୋଲସରା,୨୮।୭(ସମିସ): ପରିବାରର ଭରଣପୋଷଣ ପାଇଁ ସୁରଟକୁ କାମ କରିବାକୁ ଯାଇଥିଲେ। କିନ୍ତୁ ଜୀବନ୍ତ ଫେରିବା ପରିବର୍ତ୍ତେ ତାଙ୍କ ମୃତଦେହ ଘରକୁ ଆସିଲା। ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍‌ର ଜକର ଗ୍ରାମର ଯୁବକ ମୁନା ଗୌଡ଼ଙ୍କ ସୁରଟରେ କାମ କରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ପରିବାରର ସହ ସମଗ୍ର ଗାଁରେ ଶୋକର ପରିବେଶ ସୃଷ୍ଟି ହୋଇଛି। ଜକର ଗ୍ରାମର ମୁନା ଗୌଡ଼ ସୁରଟର ଏକ ବେସରକାରୀ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଅଭିଯୋଗ ଅନୁସାରେ, କାମ କରୁଥିବା ସମୟରେ ସେ କମ୍ପାନୀର ଏକ ଉଚ୍ଚ ସ୍ଥାନରୁ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ପରିବାର ନିକଟରେ ପହଞ୍ଚିଥିଲା। ମୁନା ଗୌଡ଼ ପରିବାରର ଏକମାତ୍ର ରୋଜଗାର କରୁଥିବା ସଦସ୍ୟ ଥିଲେ। ତାଙ୍କ ଉପରେ ବୃଦ୍ଧ ବାପା-ମା’ ଓ ଦୁଇ ଭଉଣୀ ନିର୍ଭର କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଗଭୀର ଦୁଃଖରେ ଭାଙ୍ଗିପଡ଼ିଛି ଏବଂ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛି। ଘଟଣା ବିଷୟରେ ଜାଣିବା ପରେ ପୋଲସରାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୃତକଙ୍କ ଘରକୁ ଯାଇ ପରିବାରକୁ ସମବେଦନା ଜଣାଇଥିଲେ।

# ବୁଢ଼ାବଳଙ୍ଗରେ ନୂଆ ପ୍ରଜାତିର ମାଛ ‘ସୁଡୋଲାଗୁଭିଆ ଖଇରୀ’

## ପ୍ରସିଦ୍ଧ ବାଘୁଣୀ ଖଇରୀ ନାମରେ ହେଲା ନାମିତ

ବାରିପଦା, ୨୮।୭(ସମିସ): ଗବେଷକମାନେ ମୟୂରଭଞ୍ଜର ବୁଢ଼ାବଳଙ୍ଗା ନଦୀରୁ ଏକ ନୂଆ ପ୍ରଜାତିର ମିଠା ପାଣିର ମାଛ ଆବିଷ୍କାର କରିଛନ୍ତି। ଚାରି ଦଶନ୍ଧିରୁ ଅଧିକ ସମୟଧରି ବିଶ୍ୱର ବନ୍ୟପ୍ରାଣୀପ୍ରେମୀଙ୍କ କଳ୍ପନାକୁ ଆକର୍ଷିତ କରିଥିବା ଶିମିଳିପାଳର ପ୍ରସିଦ୍ଧ ବାଘୁଣୀ ଖଇରୀର ଉତ୍ତରାଧିକାରୀ ଭାବେ ଏକ ଅପ୍ରତ୍ୟାଶିତ ରୂପରେ ଉକ୍ତ ମାଛର ନାମକରଣ କରାଯାଇଛି। ଗବେଷକ ଏହାର ନାମ ‘ସୁଡୋଲାଗୁଭିଆ ଖଇରୀ’ ଦେଇଛନ୍ତି। ବିଜ୍ଞାନ ଜର୍ଣ୍ଣାଲ୍ ଜୁଟାକ୍ସାରେ ବର୍ଣ୍ଣିତ ଏହି



ପ୍ରଜାତି ସୁଡୋଲାଗୁଭିଆ ଗଣର ଅନ୍ତର୍ଭୁକ୍ତ। ଏହି ଗଣର ମାଛଗୁଡ଼ିକ ଛୋଟ ପାହାଡ଼ିଆ ଝରଣା ଓ ଦ୍ରୁତଗାମୀ ନଦୀରେ ବାସ କରନ୍ତି। ଭାରତ, ବାଂଲାଦେଶ, ନେପାଳ, ମିଆଁମାର ଆଦି ସ୍ଥାନରେ ଦେଖାଯା’ନ୍ତି। କେବଳ କିଛି ସେଣ୍ଟିମିଟର ଲମ୍ବା ଏହି ମାଛର ପିଠି ପଖାର ମୂଳରେ ଏକ ବିଶେଷ ମାଂସଳ ଉପସ୍ଥିତି ରହିଛି। ଯାହା ଏହି ଗଣର ଅନ୍ୟକୌଣସି ପ୍ରଜାତିରେ ପୂର୍ବରୁ ଦେଖାଯାଇନାହିଁ। ଅନ୍ୟାନ୍ୟ ଶାରୀରିକ ବିଶେଷତାର ମିଶ୍ରଣ ମଧ୍ୟ ଏହାକୁ ଅଲଗା କରିଥାଏ। ଏହି ଆବିଷ୍କାର ଭାରତରେ ବଢୁଥିବା ମିଠାପାଣି ମାଛ ତାଲିକାରେ ଆଉଏକ ପ୍ରଜାତି ଯୋଡ଼ିଛି। ତେବେ ଏହାର ନାମ କେବଳ ବିଜ୍ଞାନର ସୀମା ମଧ୍ୟରେ ସୀମିତ ନୁହେଁ; ଏହା ଏକ ବଡ଼ କାହାଣୀ ବହନ କରୁଛି।

୧୯୭୦ ଦଶକରେ ଶିମିଳିପାଳ ଜଙ୍ଗଲରୁ ଉଦ୍ଧାର ହୋଇଥିବା ଖଇରୀ ଏକ ରୟାଲ୍ ବେଙ୍ଗଲ ଟାଇଗର୍ ଭାରତର ସବୁଠାରୁ ପ୍ରସିଦ୍ଧ ବନ୍ୟପ୍ରାଣୀ ରାଷ୍ଟ୍ରଦୂତମାନଙ୍କ ମଧ୍ୟରୁ ଜଣେ ପରିଚୟ ହୋଇଥିଲା। ପ୍ରଖ୍ୟାତ ସଂରକ୍ଷଣବାଦୀ ସରୋଜ ରାଜ ଚୌଧୁରୀ ଓ ତାଙ୍କ ପତ୍ନୀ ନିହାର ନଳିନୀ ସ୍ୱାଇଁଙ୍କ ଦ୍ୱାରା ପ୍ରତିପାଳିତ ହୋଇ ସେ ମଣିଷ ପରିବାର ସହିତ ଏକ ଅସାଧାରଣ ବନ୍ଧନ ଗଢ଼ିଥିଲେ ଓ ମଣିଷ-ବନ୍ୟଜୀବ ସମ୍ପର୍କ ସମ୍ପର୍କୀୟ ପାରମ୍ପରିକ ଧାରଣାକୁ ଚ୍ୟାଲେଞ୍ଜ କରିଥିଲା। ତା’ର ଆଚରଣ, ବୃଦ୍ଧି ଓ ପରିବେଶ ଉପରେ ସରୋଜ ରାଜଙ୍କ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ ବାଘର ଜୀବବିଜ୍ଞାନ ଓ ଆଚରଣ ଉପରେ ବିରଳ ବୈଜ୍ଞାନିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହା ଭାରତର ପ୍ରାରମ୍ଭିକ ବାଘ ସଂରକ୍ଷଣ ପ୍ରୟାସକୁ ଗୁରୁତ୍ୱପୂର୍ଣ୍ଣ ଭାବେ ସହାୟତା କରିଥିଲା। ଖଇରୀର ଅସାଧାରଣ ଜୀବନ ସେହି ସମୟରେ ଓଡ଼ିଶାର ଜଙ୍ଗଲ ପ୍ରତି ଆନ୍ତର୍ଜାତିକ ଧ୍ୟାନ ଆକର୍ଷିତ କରିଥିଲା। ଯେତେବେଳେ ଭାରତରେ ବନ୍ୟପ୍ରାଣୀ ସଂରକ୍ଷଣ ଆନ୍ଦୋଳନ, ଏପରିକି ବିକାଶ ପଥରେ ଥିଲା। ଏହି ନୂଆ ମାଛ ପ୍ରଜାତି ଖଇରୀ ସ୍ମୃତିକୁ ଆଉଏକ ନୂତନ ମାଧ୍ୟମରେ ଜୀବନ୍ତ ରଖିବ ବୋଲି କୁହାଯାଉଛି।

**VEHICLE FOR SALE**

ASHOK LEYLAND 4825 TIPPER ,MODEL 2025, Regn. No - OD-02-DL-4130, in as is where is condition. Contact: M/S Sundaram Finance Limited, Bhubaneswar Branch, Ph:0674-2544772 within 7 days

**AFFIDAVIT**

Affidavit for MinorBy virtue of an affidavit no- 2221, dated-17/7/2026 sworn before Executive Magistrate, Khordha, declare that I, Abdul Moai Khan, S/o- Late Mansur Khan of Address At/Post-Kerang, Ps/Dist- Khordha, Odisha, Pin-752057, declare that I have changed my minor Son's name from Abdul Fazele Umar Rabani to Abdul Fazle Umar Rabbani. Henceforth, he shall be known as Abdul Fazle Umar Rabbani for all purposes.
Sd/-Abdul Fazle Umar Rabbani

**AFFIDAVIT**

I, Sudadsan Das, S/o. Gayadhar Das, resid- ent of Vill- Paikasta, PO/PS- Gopalpur, Dist- Balasore, Pin- 756044, Odisha, declare by this affidavit No. 1452, dtd.- 03.07.2026 that now onwards I shall be known as **SUDARSHAN DAS** for all future purposes.

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 28.07.2026, I, **Nilanti Banchhor** (new name), W/o Hrudananda Kand, permanent & current resident of AT: Bhuslad, PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Nilendri Kand** (old name) to **Nilanti Banchhor** (new name). Henceforth, I shall be known as **Nilanti Banchhor** (new name) for all future purposes.
**Nilanti Banchhor**

**AFFIDAVIT**

By virtue of an affidavit sworn before Executive Magistrate, Mohana, Gajapati Affidavit No. 4265/26 on dated 28/07/2026, I **MAMATA NAYAK**, W/o Debananda Nayak resident of At- Goudagotha, Po- Goudagotha, P.S. Badagada, Dist. Ganjam, Odisha, PIN: 761109, declare that I have changed my minor Son's name from **RISHI NAYAK (Old Name)** to **ASHIKEL NAYAK (New Name)**. Henceforth, he shall be known as **ASHIKEL NAYAK** for all purposes.
Sd/- **MAMATA NAYAK**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 22.07.2026, I, **Kanta Jani** (new name), S/o Tunu Jani, permanent & current resident of AT: Mahulpada (Bagpada), PO: Manigaon, PS: Titilagarh, Dist: Balangir, State: Odisha, PIN: 767033 declare that I have changed my name from **Chandrakant Jani** (old name) to **Kanta Jani** (new name). Henceforth, I shall be known as **Kanta Jani** (new name) for all future purposes.
**Kanta Jani**

OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL:- [illegible]@gmail.com, Tel-06842-[illegible]
Letter No. 4422 Date. 28-07-2026

**1st CORRIGENDUM to Bid Identification No. SE-R&B-PLB-04/2026-27, DATED: -20.07.2026**

It is hereby informed to all prospective bidders that, due to inadvertent use of a common DTCN format while preparing the tender documents for the works under **Notice No. 04/2026-27**, the eligibility condition regarding **experience in execution of similar nature of 11 KV/33 KV or Higher electrical works** has been incorporated in **Contract Data Sl. No. 17 and Clause No. 14** of the DTCN for all the works.

In this connection, it is hereby clarified that the requirement of **experience in execution of similar nature of 11 KV/33 KV or Higher electrical works**, as specified in Contract Data Sl. No. 17 and Clause No. 14 of the DTCN, shall be applicable and mandatory only for **Work Serial No. 5 and Work Serial No. 6** of Notice No. 04/2026-27.

All other terms and conditions of the DTCN shall remain **unchanged and in force.**

Superintending Engineer
Phulbani (R&B) Division, Phulbani
OIPR-34001/34066/1/26-27/0006

OFFICE OF THE SUPERINTENDING ENGINEER
RWS&S MECHANICAL DIVISION
PLOT NO. D-2/24, MANCHESWAR INDUSTRIAL ESTATE
BHUBANESWAR-751010
e-mail: [illegible]
TENDER CALL NOTICE NO. [illegible] 2026-27

The Superintending Engineer, RWS&S Mechanical Division, Bhubaneswar, Plot No. D-2/24, Mancheswar Industrial Estate, Bhubaneswar-10, on behalf of the Governor of Odisha, invites **online item rate tenders** in conformity with the Detailed Tender Call Notice from registered and established **Manpower Service Providers** to provide **bore well drilling skilled personnel** to the Sub-Division Office under the Office of the Superintending Engineer, RWS&S Mechanical Division, Bhubaneswar, as per the requirement.

| Sl. No. | Description of Items | No. | Estimated Cost (Approx. per year) | Cost of Bid Document | EMD |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | RWS&S Mechanical Sub-Division, Dhenkanal | | Rs. 21,89,296.00 (in wages only) | Rs. 6,000/- | 2% of the estimated cost. |
| 1 | H.V. Driver | 2 Nos | | | |
| 2 | A.P.D | 1 No | | | |
| 3 | Asst. Driller | 2 Nos | | | |
| 4 | Boring Mate | 6 Nos | | | |
| 5 | Khallasi | 2 Nos | | | |
| 6 | Helper | 1 No | | | |

Tender documents with detailed technical requirements, scope of work, terms and conditions will be available online at www.tendersodisha.gov.in from **01.08.2026 to 14.08.2026 up to 5:00 PM**. The tender will be opened on **17.08.2026 at 12:00 PM onwards** in the Office of the Superintending Engineer, RWS&S Mechanical Division, Bhubaneswar, in the presence of the bidders or their authorized representatives, subject to availability. Interested manpower service providers may submit the tender document complete in all respects and duly signed along with all requisite documents, failing which the bid is liable for rejection. The authority reserves the right to reject any or all tenders without assigning any reason thereof.

I/C Superintending Engineer
RWS&S Mechanical Division, Bhubaneswar
OIPR-32001/32528/1/26-27/0004

**ପୂର୍ବ ତଟ ରେଳପଥ**

[illegible]
Tender Publication, dt.27.07.2026
PR-328/R/26-27

24001/328/2627

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଘୋଷଣା

No **RDM-LAA-BDK-0002-2023**- 45066 R&DM, Dated:29.11.2025

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ବିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- କଇଁଥଖୋଲା, ଥାନା- ବଂଶଡା ସଂଖ୍ୟା- ୧୪୩, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ ନିମ୍ନ ସୂଚୀତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ଶିଳ୍ପ ପାର୍କ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା [illegible] ତା. ୨୭.୦୯.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତି କୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା [illegible] ତା. [illegible] ରିଖ ଅନୁସାରେ ଅଧିସୂଚନାର ବୈଧତା ତା. [illegible] ରିଖ ପର୍ଯ୍ୟନ୍ତ ପରିବର୍ତ୍ତିତ କରିଅଛନ୍ତି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କଇଁଥଖୋଲା, ଥାନା- ବଂଶଡା ସଂଖ୍ୟା- ୧୪୩, ତହସିଲ- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସକ କାର୍ଯ୍ୟାଳୟରେ ଉପଲବ୍ଧ ଅଛେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସହିତ ଭୂ-ଅର୍ଜନ ଅଧିକାରୀ, ଶିଳ୍ପ ପାର୍କ ପ୍ରକଳ୍ପ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କଇଁଥଖୋଲା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୫.୨୧ | ଏକର ୨.୮୯ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମନ୍ତେ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା:- ଭଦ୍ରକ ତହସିଲ: - ଚାନ୍ଦବାଲି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ- ୦୩.୧୨.୨୦୨୫।

ଭୂମି ଅନୁସୂଚୀ (ବେସରକାରୀ)
ପ୍ରକଳ୍ପର ନାମ-ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ
ମୌଜାର ନାମ: କଇଁଥଖୋଲା ଥାନା ଓ ନଂ.: ବଂଶଡା, ୧୪୩ ତହସିଲ: ଚାନ୍ଦବାଲି ଜିଲ୍ଲା: ଭଦ୍ରକ

| କ୍ର.ସଂ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଭୂ-ଅର୍ଜନ ରକବା (ଏକର) | କିସମ | ଖାତା ହୋଲଡର ନାମ ଓ ଠିକଣା |
|---|---|---|---|---|---|---|
| ୧ | [illegible] | [illegible] | [illegible] | [illegible] | [illegible] | [illegible] |
| ୨ | [illegible] | [illegible] | [illegible] | [illegible] | [illegible] | [illegible] |
| ୩ | | [illegible] | [illegible] | [illegible] | [illegible] | |
| ୪ | | [illegible] | [illegible] | [illegible] | [illegible] | |
| ୫ | [illegible] | [illegible] | [illegible] | [illegible] | [illegible] | [illegible] |
| | | ମୋଟ:- | [illegible] | [illegible] | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁଶାନ୍ତ ପ୍ରଧାନ)
ଅତିରିକ୍ତ ଶାସନ ସଚିବ
OIPR-24001/24001/3/26-27/0100

OFFICE OF THE PRINCIPAL
NATIONAL COLLEGE, NUAPADA
AT/PO/DIST-NUAPADA (ODISHA) – 766105
e-Mail: [illegible]
Web.: [illegible]

**ADVERTISEMENT FOR GUEST FACULTY**

Applications are invited from eligible and interested candidates for engagement as Guest Faculty in **Education & Geography (Each 01 Post)** for the academic session 2026-27. The engagement is purely temporary and will be governed by the guidelines of the Department of Higher Education, Government of Odisha.

| Activity | Date | Portal |
|---|---|---|
| Online Application Start Date | 23.07.2026 | HRMS Portal |
| Online Application End Date | 03.08.2026 | [illegible] |

The Walk-in-Interview for the above engagement will be held on the dates given below in the respective departments of this College.

| Date | Reporting Time | Interview Time | Subjects | Venue |
|---|---|---|---|---|
| 07.08.2026 | 9.00 AM to 11.00 AM | 11.30 AM onwards | Education, Geography | Office of The Principal, National College, Nuapada |

(Principal I/c)
National College, Nuapada

**PM SHRI JAWAHAR NAVODAYA VIDYALAYA-2**
OHPC Road, Near OCC Office, BALIMELA,
DIST. MALKANGIRI, ODISHA, PIN – 764051

**WALK IN-INTERVIEW**

A walk In-interview on **03/08/2026 (Monday) at 10:00 am** at **PM SHRI JNV, Balimela, Malkangiri-II, Odisha** for PGTs- Geography, Biology, TGTs- Maths, S.St, English, Computer Science & Staff Nurse for the academic session 2026-27, purely on Contractual basis. The eligible/willing desiring candidates may appear in the interview for the said post. Eligibility as per Govt. norms.

**Date & Venue of interview-**
**PM SHRI JNV Balimela, Malkangiri-II on 03/08/2026**
**Time:- 10:00 am to 04:00 pm.**

**No TA/DA will be admissible for attending the walk In-interview.**

Required documents- Original documents, 01 set of xerox copy, ID passport size photo.

Sd/-Principal
PM SHRI JNV, Malkangiri-II

Government of Odisha
"e" Procurement Notice
34001/539/2627

**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO-I, RAYAGADA**

E-mail ID: [illegible]
Bid Identification No.: [illegible] / 2026-2027 (Single Cover – Online Tender)
File No.: [illegible]/2026, No.: [illegible], Dated: 24.07.2026

1. **No. of Works:** 02 (Two) Civil Works and 01 (One) Electrical Work only.
2. **Estimated Cost:** Rs. 4.34 Lakhs to Rs. 9.62 Lakhs.
3. **Cost of Document:** Rs. 2,000 to Rs. 4,000.
4. **Bid Security:** Rs. 4,200 to Rs. 9,600.
5. **Class of Contractor:** C & D, MV & above.
6. **The Bid documents will be available in the website** www.tendersodisha.gov.in from 11.00 Hrs. on 30-07-2026 to 17:00 Hrs. on 05-08-2026 for online bidding.
7. **Last Date & Time for Receipt of Bids in the portal:** Up to 17:00 Hrs. on 05-08-2026.
8. **Bids received online shall be opened at 12:30 hours on dated 06-08-2026** in the office of the Superintending Engineer, Rayagada (R&B) Division No-I.
9. Further details can be seen on the e-Procurement portal : www.tendersodisha.gov.in. Any **Addendum/Corrigendum/Cancellation** of tender can also be seen in the said website only.

Superintending Engineer
Rayagada (R&B) Division No-I
OIPR-34001/34040/1/26-27/0004

34001/536/2627
E-Mail I.D.-[illegible]@gmail.com
Tel./ Fax No.(0671)-2304128

OFFICE OF THE SUPERINTENDING ENGINEER
KATAKA (R&B) DIVISION NO.I, KATAKA
GOVERNMENT OF ODISHA
('e' PROCUREMENT NOTICE)

**Bid Identification No. S.E. CTC(R&B)-14 of 2026-27**

**TENDER CALL NOTICE**

1. The Superintending Engineer, Kataka (R&B) Division No.I, Kataka on behalf of Governor of Odisha invites on Percentage rate basis bid in **Single cover system** in ONLINE MODE from eligible contractor for Building works as mentioned below.
2. No. of Work :- **01 No.**
3. Nature of work :- **Building work**
4. Class of Contractor :- **"C" & "B" Class**
5. Tender Paper Cost :- **Rs.6000/- (Online)**
6. Available of bid documents in the website :- **From 31/07/2026 to 5PM of 13/08/2026**
7. Date of Opening of Bid :- **11AM of 14/08/2026**
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

(Er. [illegible])
Superintending Engineer,
Kataka (R&B) Division No.I
OIPR-34001/34091/1/26-27/0012

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମଠ ତଥା ମନ୍ଦିରରେ ଦାନ କରିବେ।

## ଆଜିର ଐତିହ୍ୟ

- ୧୮୯୧- ମହାନ୍ ଶିକ୍ଷାବିତ୍ ତଥା ସମାଜ ସଂସ୍କାରକ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିୟୋଗ।
- ୧୯୪୯- ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ(ବିବିସି) ରେଡିଓ ପ୍ରସାରଣର ଆରମ୍ଭ କଲା।
- ୧୯୮୦- ମସ୍କୋ ଅଲିମ୍ପିକରେ ଭାରତ ହକି ଖେଳରେ ସ୍ୱର୍ଣ୍ଣ ପଦକ ଜିତିଲା।
- ୧୯୮୧- ଯୁବରାଜ ଚାର୍ଲସ୍ ଓ ରାଜକୁମାରୀ ଡାଏନା ବିବାହ ବନ୍ଧନରେ ଆବଦ୍ଧ ହେଲେ।

## ନିଆରା ପରମ୍ପରା


# ବିବାହରେ ଉପହାର ମନା




ଭାରତୀୟ ବିବାହରେ ଉପହାର ଦେବା ଏକ ପରମ୍ପରା ଏବଂ ଏଥିରେ ବିଭିନ୍ନ ପ୍ରକାରର ଉପହାର ଦିଆଯାଇଥାଏ। ଘରସଜ୍ଜା ଉପକରଣଠାରୁ ଆରମ୍ଭ କରି ଗହଣା, ବାସନକୁସନ, ବୈଦ୍ୟୁତିକ ଉପକରଣ ଓ ନଗଦ ଟଙ୍କା ଉପହାର ସ୍ୱରୂପ ଦିଆଯାଏ। ହେଲେ ଦକ୍ଷିଣ କୋରିଆରେ ଏନେଇ ଭିନ୍ନତା ଦେଖିବାକୁ ମିଳିଥାଏ। ଏଠାରେ ଅତିଥିମାନଙ୍କୁ କୌଣସି ବସ୍ତୁ ଉପହାର (ଯେମିତି କି ଘରକରଣା ଜିନିଷ, ସାଜସଜ୍ଜା ସାମଗ୍ରୀ ଇତ୍ୟାଦି) ଭାବେ ଆଣିବା ପାଇଁ ମନା କରାଯାଇଥାଏ। କାରଣ ଏଠାରେ ବିବାହ କରୁଥିବା ବର ଓ କନିଆ ଉପହାରରେ କେବଳ ନଗଦ ଟଙ୍କା ଅତିଥିଙ୍କଠାରୁ ଚାହାଁନ୍ତି। ଦକ୍ଷିଣ କୋରିଆରେ ବିବାହ ବେଶ୍ ବ୍ୟୟବହୁଳ ହୋଇଥାଏ। ବିବାହ ମଣ୍ଡପ, ଖାଦ୍ୟପେୟ, ସାଜସଜ୍ଜା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ମିଶାଇ କୋଟି କୋଟି ଟଙ୍କା ଲାଗିଯାଏ। ସେଥିପାଇଁ ନବଦମ୍ପତି ନିଜର ନୂଆ ଜୀବନ ଆରମ୍ଭ କରିବା ପାଇଁ ଉପହାରରେ ନଗଦ ଟଙ୍କା ପସନ୍ଦ କରନ୍ତି। ଅତିଥିମାନେ ବଡ଼ ବଡ଼ ଲଫାପାରେ ନୋଟ୍ ନେଇ ଆସନ୍ତି। ଯେତେ ଅଧିକ ନଗଦ ଟଙ୍କା, ସେତେ ଅଧିକ ସମ୍ମାନ। ଯଦି କୌଣସି ଅତିଥି ସାଥିରେ ଟଙ୍କା ଆଣିବାକୁ ଭୁଲିଯାଇଥିବେ ମଣ୍ଡପରେ ଏଟିଏମ୍ ମେସିନ୍ ମଧ୍ୟ ଲଗାଯାଇଥାଏ। ଅତିଥିମାନେ ଏହି ମେସିନ୍‌ରୁ ଟଙ୍କା ଉଠାଇ ଲଫାପାରେ ଭରି ଦେଇଥାନ୍ତି। ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କୌଣସି ବ୍ୟକ୍ତି ବିବାହକୁ ଯେପରି ଖାଲି ହାତରେ ନ ଆସନ୍ତି। ସାମାଜିକ ଗଣମାଧ୍ୟମରେ ଜଣେ ଭାରତୀୟ ୟୁଜର ଦକ୍ଷିଣ କୋରିଆର ଏହି ଭିଡିଓକୁ ସେୟାର କରିବା ପରେ ଏହା ଚର୍ଚ୍ଚାର ବିଷୟ ପାଲଟିଛି। ଦକ୍ଷିଣ କୋରିଆରେ ବିବାହ ସମେତ ଜନ୍ମଦିନ, ଅନ୍ୟାନ୍ୟ ଉତ୍ସବରେ ଉପହାରରେ ଟଙ୍କା ଦେବା ଖୁବ୍ ସାଧାରଣ କଥା। ଲୋକେ ନାଲି ଲଫାପାରେ ଟଙ୍କା ଦେଇଥାନ୍ତି। ସେଠାରେ ଏହାକୁ ଅତ୍ୟନ୍ତ ଶୁଭ ମନାଯାଏ।

# ଆକ୍ସନ୍ ହିରୋ ହେବେ ଅହାନ୍

'ସୈୟାରା' ଫିଲ୍ମରୁ ରାତାରାତି ଷ୍ଟାର୍ ପାଲଟି ଯାଇଥିଲେ ଅହାନ୍ ପାଣ୍ଡେ। ଏବେ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମ ଅପେକ୍ଷାରେ ଅଛନ୍ତି। ସେ ଏବେ ୟଶରାଜ ବ୍ୟାନର୍‌ର ଏକ ଫିଲ୍ମରେ ନଜର ଆସିବେ। ଇତିମଧ୍ୟରେ ଏହି ଚଳଚ୍ଚିତ୍ରର ରିଲିଜ୍ ଡେଟ୍ ପ୍ରକାଶ ପାଇଛି। ଏହାର ପ୍ରଯୋଜନା ଦାୟିତ୍ୱରେ ଆଦିତ୍ୟ ଚୋପ୍ରା ଥିବାବେଳେ ଅଲ୍ଲୀ ଅବ୍ବାସ ଜାଫର ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଆଦିତ୍ୟଙ୍କ ସହ ଅଲ୍ଲୀ ଅବ୍ବାସଙ୍କର ଏହା ପଞ୍ଚମ ଫିଲ୍ମ ହେବ। ଏହି ଯୋଡ଼ି ପୂର୍ବରୁ 'ମେରେ ବ୍ରଦର୍ କୀ ଦୁଲହନ୍', 'ଗୁଣ୍ଡେ', 'ସୁଲତାନ', 'ଟାଇଗର ଜିନ୍ଦା ହୈ' ଫିଲ୍ମରେ କାମ କରିଥିଲେ। ଅହାନ ତାଙ୍କ ଲଭର୍ ବୟ ଇମେଜରୁ ବାହାରି ଏଥିରେ ଜବରଦସ୍ତ ଆକ୍ସନ୍ କରୁଥିବାର ନଜର ଆସିବେ। ଅହାନ୍‌ଙ୍କ ବିପକ୍ଷରେ ଏଥିରେ ଶରବରୀ ୱାଘ ନଜର ଆସିବେ। ଏହା ୨୬ ମାର୍ଚ୍ଚ, ୨୦୨୭ରେ ଗୁଡ୍ ଫ୍ରାଇଡେ ଅବସରରେ ମୁକ୍ତିଲାଭ କରିବ। ଏଥିରେ ବବି ଦେଓ୍ୱଲ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଐଶ୍ୱର୍ଯ୍ୟ ଠାକ୍‌ରେ ଏଥିରେ ଖଳନାୟକ ଭାବେ ଦେଖାଯିବେ। ଅହାନ୍ ଓ ଐଶ୍ୱର୍ଯ୍ୟଙ୍କ ମଧ୍ୟରେ ଏକ ରୋମାଞ୍ଚକର ଆକ୍ସନ୍ ସିନ୍ ରହିଛି। ବିଗତ କିଛି ମାସ ହେଲାଣି ଅହାନ୍,ଅଲ୍ଲୀ ଅବ୍ବାସଙ୍କ ସହ ବ୍ରିଟେନ୍‌ରେ ଏହି ଫିଲ୍ମର ସୁଟିଂ କରୁଛନ୍ତି। ଏହାର ଫଟୋଗୁଡ଼ିକ ସାମାଜକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଅହାନ୍ ଓ ଶରବରୀଙ୍କ ଯୋଡ଼ି ଦର୍ଶକଙ୍କୁ ସିନେମାହଲ୍‌କୁ ଟାଣି ଆଣି ପାରୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।



# ପ୍ରସାଦରେ ମାଟି



ଭାରତରେ ଏମିତି ଏକ ମନ୍ଦିର ଅଛି, ଯେଉଁଠାରେ ପ୍ରସାଦରେ ମିଠା କି ଫଳ ନୁହେଁ, ବରଂ ପବିତ୍ର ମାଟି ଦିଆଯାଏ। ଏଭଳି ନିଆରା ପରମ୍ପରା ମଧ୍ୟପ୍ରଦେଶର ମା' ବଗଳାମୁଖୀ ମନ୍ଦିରରେ ଦେଖିବାକୁ ମିଳିଥାଏ। ଏହି ପରମ୍ପରା କାରଣରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ମା' ବଗଳାମୁଖୀଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି। ଏଠାରେ ମନ୍ଦିର ପରିସରର ପବିତ୍ର ମାଟିକୁ ପ୍ରସାଦ ଭଳି ଶ୍ରଦ୍ଧାଳୁଙ୍କୁ ଦିଆଯାଏ। ସ୍ଥାନୀୟ ମାନ୍ୟତାନୁସାରେ, ଏହି ମାଟିକୁ ଦେବୀଙ୍କ ଆଶୀର୍ବାଦର ପ୍ରତୀକ ବୋଲି ବିବେଚନା କରାଯାଏ। ସେହିପରି ମନ୍ଦିର ପରିସରର ମାଟି ବର୍ଷ ବର୍ଷ ଧରି ଦେବୀଙ୍କ ଶକ୍ତି ସହିତ ଜଡ଼ିତ ବୋଲି ବିଶ୍ୱାସ ରହିଛି। ଶ୍ରଦ୍ଧାଳୁ ପବିତ୍ର ମାଟିକୁ ନିଜ ଘରକୁ ନେଇ ପୂଜାସ୍ଥାନରେ ରଖନ୍ତି। ନଚେତ୍ ଏହାକୁ ତିଳକ ଭାବେ ମସ୍ତକରେ ଲଗାନ୍ତି। କୁହାଯାଏ, ମାଟିରେ ଥିବା ସକାରାତ୍ମକ ଶକ୍ତିକୁ ଦେବୀଙ୍କ କୃପାର ପ୍ରତୀକ ବୋଲି କୁହାଯାଏ। ଅବଶ୍ୟ ଏହି ମାନ୍ୟତାର ବୈଜ୍ଞାନିକ ପ୍ରମାଣ ଉପଲବ୍ଧ ନାହିଁ ଏବଂ ଏହାକୁ ଧାର୍ମିକ ଆସ୍ଥା ସ୍ୱରୂପ ଦେଖାଯାଏ। ଶତ୍ରୁ ନାଶ, ନ୍ୟାୟିକ ମାମଲାରେ ସଫଳତା, ମାନସିକ ପୂରଣ ପାଇଁ ଲୋକେ ଏଠାକୁ ଆସନ୍ତି। ନବରାତ୍ରୀ ତଥା ବିଶେଷ ପର୍ବରେ ଏଠାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥାଏ। ଧାର୍ମିକ ପରମ୍ପରା ଅନୁସାରେ, ଏହି ମାଟି ଦେବୀଙ୍କ କୃପା ଓ ମନ୍ଦିର ପବିତ୍ରତାର ପ୍ରତୀକ। ଅନେକ ଶ୍ରଦ୍ଧାଳୁ ଏହାକୁ ଘରେ ଶୁଭ ଓ ସକାରାତ୍ମକତା ପାଇଁ ରଖନ୍ତି। ସେହିପରି ମନ୍ଦିର ପ୍ରଶାସନ ବି ଏହାକୁ ଶ୍ରଦ୍ଧାର ସହ ଗ୍ରହଣ କରିବାକୁ ପରାମର୍ଶ ଦେଇଥାଏ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ କହିବା କଥା, ପ୍ରସାଦର ଉଦ୍ଦେଶ୍ୟ କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ବରଂ ଈଶ୍ୱରଙ୍କ ଆଶୀର୍ବାଦ ବଣ୍ଟନ କରିବା। ତେଣୁ ବିଭିନ୍ନ ମନ୍ଦିରରେ ପ୍ରସାଦର ପରମ୍ପରା ଭିନ୍ନ ହୋଇଥାଏ। ଏହି କାରଣରୁ ମନ୍ଦିରଗୁଡ଼ିକରେ ଲଡୁ, ପଞ୍ଚାମୃତ, ଭସ୍ମ, ପବିତ୍ର ମାଟିକୁ ପ୍ରସାଦ ସ୍ୱରୂପ ଦିଆଯାଉଥିବା ଦେଖିବାକୁ ମିଳେ।




# ରେଡ୍ ସିଟ୍ ମେଥଡ୍



**ପାଠପଢ଼ା ମାମଲାରେ ଜାପାନ ଛାତ୍ରଛାତ୍ରୀଙ୍କୁ ସୁବଠୁ ଆଗୁଆ ବୋଲି ବିବେଚନା କରାଯାଏ। ତେବେ ଏଠାର ଛାତ୍ରଛାତ୍ରୀମାନଙ୍କର ସଫଳତା ପଛରେ ଏକ ସିକ୍ରେଟ୍ ସିଟ୍ ଥିବା କୁହାଯାଉଛି। ଜାପାନ ଛାତ୍ରଛାତ୍ରୀ ପଢ଼ିବା ବେଳେ ସେମାନଙ୍କ ବହି ଉପରେ ନାଲି ରଙ୍ଗ ଟ୍ରାନ୍ସପରେଣ୍ଟ ସିଟ୍ ବା ପେପର୍ ବ୍ୟବହାର କରନ୍ତି। ପ୍ରଥମେ ଏହା ଦେଖିବାକୁ କୌଣସି ଖେଳ ତଥା ସଉକ ଭଳି ଲାଗିପାରେ। ଏହା ପଛରେ ବୈଜ୍ଞାନିକ ଟେକ୍ନିକ୍ ଅଛି। ଏହା ଜାପାନ ଭାଷାରେ 'ଅଙ୍କି ସିଟ୍' ବା ରେଡ୍ ସିଟ୍ ମେଥଡ ଭାବେ ପ୍ରଚଳିତ। ଏହାକୁ କାହିଁକି ପଢ଼ାରେ ବ୍ୟବହାର କରାଯାଏ, ସେସମ୍ପର୍କରେ ଜାଣିବା।**

ଜାପାନ ଛାତ୍ରଛାତ୍ରୀ ଯେତେବେଳେ ନିଜ ବହି ତଥା ନୋଟ୍‌ରେ ଜରୁରି ଶବ୍ଦ, ତାରିଖ ଏବଂ ଫର୍ମୁଲାକୁ ମନେ ରଖିବାକୁ ଚାହାନ୍ତି, ତାହାକୁ ସେମାନେ ସବୁଜ ରଙ୍ଗ ମାର୍କରରେ ହାଇଲାଇଟ୍ କରନ୍ତି। ଏହାପରେ ସେମାନେ ତା' ଉପରେ ନାଲି ରଙ୍ଗର ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ସିଟ୍ ରଖନ୍ତି, ସେତେବେଳେ ସବୁଜ ରଙ୍ଗରେ ଲେଖାଯାଇଥିବା ଶବ୍ଦ କଳା ହୋଇଯାଏ। ନାଲି ସିଟ୍ ରଖିବା ଦ୍ୱାରା ଯେତେବେଳେ ଏହି ଜରୁରି ଶବ୍ଦ ଅଦୃଶ୍ୟ ହୋଇଯାଏ, ଛାତ୍ରଛାତ୍ରୀ ଏହି ଖାଲି ସ୍ଥାନକୁ ଦେଖି ନିଜେ ନିଜକୁ ପ୍ରଶ୍ନ କରନ୍ତି ଯେ, ସେଠାରେ କ'ଣ ଲେଖା ଯାଇଥିଲା। ଏହାକୁ ବୈଜ୍ଞାନିକ ଭାଷାରେ ଆକ୍ଟିଭ୍ ରି-କଲ୍ କୁହାଯାଏ। ଯେତେବେଳେ ମସ୍ତିଷ୍କ କୌଣସି ଲୁଚି ରହିଥିବା ଉତ୍ତରକୁ ନିଜେ ମନେ ପକାଇବାକୁ ଚେଷ୍ଟା କରେ, ସେହି ତଥ୍ୟ ସର୍ଟ ଟର୍ମ ମେମୋରିରୁ ବାହାରି ସିଧା ଲଙ୍ଗ ଟର୍ମ ମେମୋରିକୁ ଚାଲିଯାଏ। ଏହା ଦ୍ୱାରା ଜିନିଷ ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରହେ।

ସାଧାରଣତଃ ଶିକ୍ଷକ ଗୋଟିଏ ବିଷୟକୁ ବାରମ୍ବାର ପଢ଼ାନ୍ତି। ଯାହାକୁ ପ୍ୟାସିଭ୍ ରି-ରିଡିଂ କୁହାଯାଏ। ଏହା ଦ୍ୱାରା ସମୟ ବହୁତ ନଷ୍ଟ ହୋଇଥାଏ। ପରୀକ୍ଷା ସମୟରେ ସବୁ ଭୁଲି ହୋଇଯାଏ। ଜାପାନର ଛାତ୍ରଛାତ୍ରୀ ଏହି ନାଲି ସିଟ୍ ମାଧ୍ୟମରେ ସେହି ପଏଣ୍ଟ ଉପରେ କେବଳ ଧ୍ୟାନ କେନ୍ଦ୍ରିତ କରନ୍ତି, ଯାହାକୁ ସେମାନେ ଭୁଲିଥାନ୍ତି। ଏହା ଦ୍ୱାରା ପୂରା ଚାପ୍ଟରର ରିଭିଜନ କିଛି ସମୟରେ ହୋଇଯାଏ। ଏହି ଉପାୟ କୌଣସି ଭାଷା ଓ ବିଷୟ ପାଇଁ କାମ କରିଥାଏ। ଏଥିପାଇଁ କେବଳ ଏକ ସବୁଜ ରଙ୍ଗ ହାଇଲାଇଟର ଏବଂ ନାଲି ରଙ୍ଗ ଟ୍ରାନ୍ସପରେଣ୍ଟ ପ୍ଲାଷ୍ଟିକ୍ ସିଟ୍ ଦରକାର।

# ଚାକିରି ପାଇଁ ବିପଦ ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ

**ଡିଜିଟାଲ ଯୁଗରେ ଚାଟ୍‌ଜିପିଟି ଓ ଜେମିନି ଭଳି ଏଆଇ ଟୁଲ୍‌କୁ ନେଇ ବେଶି ଚର୍ଚ୍ଚା ହେଉଛି। ଏବେ ଏଆଇଠୁ ଆଗରେ ଅଛି ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ (ଏସ୍‌ଆଇ)। ଏହା ଯୋଗୁଁ ସଫ୍ଟୱେର, ଇଞ୍ଜିନିୟର, ଲେଖକ, ବ୍ୟାଙ୍କ ମ୍ୟାନେଜରଙ୍କ ଚାକିରି ବିପଦରେ ଥିବା କୁହାଯାଉଛି।**



ସିନ୍ଥେଟିକ୍ ଇଣ୍ଟେଲିଜେନ୍ସ କେବଳ ଲୋକଙ୍କ ନକଲ କରେ ନାହିଁ, ବରଂ ମାନବ ସହାୟତା ବିନା ନିଜର ଆର୍ଟିଫିସିଆଲ ବ୍ରେନ ପ୍ରସ୍ତୁତ କରେ। ଏହାକୁ କୌଣସି ମାନବ ତଥ୍ୟ ଆବଶ୍ୟକ ନାହିଁ। ଏହା ନିଜର ଭୁଲ୍‌ରୁ ଶିଖିଥାଏ, ତର୍କ କରେ ଏବଂ ଏମିତି ନିଷ୍ପତ୍ତି ନିଏ ଯେ, ଯାହା ବାବଦରେ ପୂର୍ବରୁ ଲୋକେ ଚିନ୍ତା କରି ନ ଥିବେ। ଏହାକୁ ପ୍ରକୃତ ଡିଜିଟାଲ ମସ୍ତିଷ୍କ ବୋଲି କହିପାରିବା। ଗୋଟେ ପଟେ ଏଆଇ ମଣିଷର ବ୍ୟବହାରକୁ ଦୋହରାଉ ଥିବା ବେଳେ ଅନ୍ୟପଟେ ଏସ୍‌ଆଇ ନିଜର ନୂଆ ବ୍ୟବହାର ଏବଂ ଚିନ୍ତାଧାରା ସୃଷ୍ଟି କରେ। ତେବେ ଏସ୍‌ଆଇ ସେହି ଚାକିରିକୁ ରିପ୍ଲେସ୍ କରିବାର କ୍ଷମତା ରଖେ, ଯେଉଁଠି ସୃଜନଶୀଳତା ଏବଂ ଷ୍ଟ୍ରାଟେଜିକ୍ ନିଷ୍ପତ୍ତିର ଆବଶ୍ୟକ ଥାଏ। ବିଜନେସ୍ ଲିଡର, ଫାଇନାନ୍‌ସିଆଲ ଆଡଭାଇଜର, ବୈଜ୍ଞାନିକ, ସିନିଅର ମ୍ୟାନେଜରଙ୍କ ନିଷ୍ପତ୍ତି ଦରକାର ପଡ଼େ। ଏସ୍‌ଆଇ ନିଜେ ମାର୍କେଟ୍‌ର ନୂଆ ଟ୍ରେଣ୍ଡର ଅନୁମାନ ଲଗାଇ ଏମିତି ଲାଭ ବଢ଼ାଇବା ନିଷ୍ପତ୍ତି ନେଇପାରନ୍ତି। ଏହା ଦ୍ୱାରା ମାନବ ମ୍ୟାନେଜରଙ୍କ ଆବଶ୍ୟକତା କମିପାରେ।

ସେହିପରି ଟେକ୍ନୋଲୋଜି ଯୁଗରେ ଭୟ କରିବା ବଦଳରେ ବୁଝିବା ଜରୁରି। କମ୍ପ୍ୟୁଟର ଆସିବା ପରେ ବି ଲୋକଙ୍କୁ ଲାଗୁଥିଲା, ଚାକିରି ଶେଷ ହୋଇଯିବ। ହେଲେ କମ୍ପ୍ୟୁଟର ଲକ୍ଷାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କଲା। ଏଆଇ ଏବଂ ଏସ୍‌ଆଇ ବି ସେମିତି କରିବ। ଏହାରି ମଧ୍ୟରେ ରିପ୍ଲେସ୍ ସେହିମାନେ ହେବେ ଯେଉଁମାନେ ସମୟ ସହିତ ନିଜକୁ ବଦଳାଇବେ ନାହିଁ। ଚାକିରିକୁ ସୁରକ୍ଷିତ ରଖିବା ଲାଗି ଏହି ଟୁଲ୍‌କୁ ଶତ୍ରୁ ଭାବିବା ପରିବର୍ତ୍ତେ ନିଜର ସହାୟକ ବୋଲି ଭାବିବା ଉଚିତ। ଅନ୍ୟପଟେ ଯେଉଁ ବ୍ୟକ୍ତି ଏଆଇକୁ ଠିକ୍ ପ୍ରମପ୍ଟ ଦେଇ ଏହାର ବ୍ୟବହାର କରିବା ଶିଖିଯିବେ, ତାଙ୍କ ଚାକିରି କେବେ ବି ବିପଦରେ ରହିବ ନାହିଁ ବୋଲି କୁହାଯାଉଛି।



# ଡିଜିଟାଲ ସହାୟକ 'କ୍ଲାଉଡ୍ କୋୱାର୍କ'

ଏଆଇ କମ୍ପାନି ଆନ୍ଥ୍ରୋପିକ୍ ନିଜର ଏଆଇ ଏଜେଣ୍ଟ କ୍ଲାଉଡ୍ କୋ-ୱାର୍କକୁ ୱେବ୍ ଏବଂ ମୋବାଇଲରେ ଲଞ୍ଚ କରିଛି। ଏବେ ବ୍ୟବହାରକାରୀ ଲାପଟପ୍ ବନ୍ଦ କରିବା ପରେ ବି ଏଆଇ ଦ୍ୱାରା ପ୍ରଚ୍ଛଦରୁ କାମ କରାଇପାରିବେ ଏବଂ ମୋବାଇଲରୁ ତାର ପ୍ରଗତି ବି ଦେଖିପାରିବେ। କ୍ଲାଉଡ୍ କୋ-ୱାର୍କ ରିପୋର୍ଟ ପ୍ରସ୍ତୁତ କରିବା, ଇମେଲ ଡ୍ରାଫ୍ଟ ତିଆରି କରିବା, ଡାଟା ବ୍ୟବସ୍ଥିତ ଏବଂ ବ୍ୟବସାୟ ସହ ଜଡ଼ିତ ଅନେକ କାର୍ଯ୍ୟ କରିବାକୁ ସକ୍ଷମ। କମ୍ପାନିର ଦାବି ଯେ, ଏହି ଫିଚର୍ ଏଆଇକୁ କେବଳ ଚାଟ୍‌ବଟ୍ ନୁହେଁ, ବରଂ ଡିଜିଟାଲ ସହାୟକ ଭାବେ କାମ କରିବାରେ ସାହାଯ୍ୟ କରିବ।

ଏହାକୁ ନିତିଦିନର କାମକୁ ସ୍ୱତଃ ଭାବେ ସମ୍ଭାଳିବା ପାଇଁ ଡିଜାଇନ କରାଯାଇଛି। ଏହା ଦସ୍ତାବିଜ୍ ପ୍ରସ୍ତୁତ କରିବା, ତଥ୍ୟ ଏକତ୍ର କରିବା, ରିପୋର୍ଟ ପ୍ରସ୍ତୁତ କରିବା ଏବଂ ଅନ୍ୟ ପ୍ରଶାସନିକ କାର୍ଯ୍ୟରେ ବି ସାହାଯ୍ୟ କରେ। କମ୍ପାନିର ଉଦ୍ଦେଶ୍ୟ ଏହାକୁ ଏଭଳି ଏକ ଡିଜିଟାଲ ସହାୟକ ଭାବେ ବିକଶିତ କରିବା, ଯାହାକି କୌଣସି କର୍ମଚାରୀ ଭଳି କାମ କରିବ।

କ୍ଲାଉଡ୍ କୋୱାର୍କର ବିଶେଷତ୍ୱ ହେଉଛି ଏହା ପ୍ରଚ୍ଛଦପଟରେ କାମ କରିବା ଜାରି ରଖେ। ଯଦି ବ୍ୟବହାରକାରୀ କୌଣସି କାମ ଆରମ୍ଭ କରିଛନ୍ତି, ତେବେ ଏଜେଣ୍ଟ ତାହାକୁ ପୂରା କରିବା ଲାଗି କାମ ଜାରି ରଖିବ। ଯଦିଓ ସମ୍ବନ୍ଧିତ ଡିଭାଇସ ସେ ସମୟରେ ସକ୍ରିୟ ନ ରହିଲେ ବି ଦରକାର ପଡ଼ିଲେ ଏହା ବ୍ୟବହାରକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଲାଗି ଇନପୁଟ୍ ମାଗିପାରେ। ୱେବ୍ ଏବଂ ମୋବାଇଲ ସପୋର୍ଟ ମିଳିବା ପରେ ବ୍ୟବହାରକାରୀ କେଉଁଠାରୁ ବି କ୍ଲାଉଡ୍ କୋୱାର୍କର ଗତିବିଧି ଉପରେ ନଜର ରଖିପାରିବେ। ଚାଟ୍, ପ୍ରୋଜେକ୍ଟ ଏବଂ ଅନ୍ୟ ଫାଇଲର ବିଭିନ୍ନ ଡିଭାଇସ୍‌ରେ ଏକକାଳୀନ ଏହାକୁ ଆସେସ୍ କରାଯାଇପାରିବ। ଏଥିରେ କାମ ଚାଲୁ ରହିବା ଲାଗି କୌଣସି ଡିଭାଇସ୍ ଉପରେ ନିର୍ଭର ରହିବାକୁ ପଡ଼ିବ ନାହିଁ। ଏହାର ସବୁଠୁ ଅଧିକ ଉପଯୋଗ ବିଜନେସ୍ ପ୍ରୋସେସ୍ ଏବଂ ପ୍ରଶାସନିକ କାର୍ଯ୍ୟରେ କରାଯାଉଛି।

# ଅଫିସ୍‌ରେ ବୈଠକର ପ୍ରସ୍ତୁତି


**ଅନେକ ସମୟରେ ଅଫିସ୍ ମିଟିଂ ବିରକ୍ତିକର ଲାଗେ। ହେଲେ ଏହି ବୈଠକକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ଉଚିତ। ବୈଠକ ସମୟରେ କିଛି କଥା ଉପରେ ଧ୍ୟାନ ରଖିବା କର୍ମଚାରୀଙ୍କ ପାଇଁ ଖୁବ୍ ଗୁରୁତ୍ୱ ବହନ କରେ।**

ଅଫିସ୍ ମିଟିଂକୁ ଯିବା ପୂର୍ବରୁ ମିଟିଂ ଏଜେଣ୍ଡାକୁ ଭଲଭାବେ ପଢ଼ନ୍ତୁ। କେଉଁ ବିଷୟରେ ଆଲୋଚନା ହେବ ଏବଂ ଏଥିରେ ଆପଣଙ୍କ ଭୂମିକା କ'ଣ ରହିବ, ସେକଥା ଜାଣନ୍ତୁ।

- ମିଟିଂରେ କୌଣସି ତଥ୍ୟ ପ୍ରଦାନ କରିବାର ଥିଲେ, ପୂର୍ବରୁ ତାହାକୁ ଏକତ୍ର କରି ରଖନ୍ତୁ।
- ସବୁବେଳେ ମିଟିଂ ଆରମ୍ଭ ହେବାର ୫-୧୦ ମିନିଟ୍ ପୂର୍ବରୁ ପହଞ୍ଚନ୍ତୁ।
- ମିଟିଂରେ ନିଜ ପକ୍ଷ ରଖନ୍ତୁ। ପ୍ରଶ୍ନ କରନ୍ତୁ ଏବଂ ଅନ୍ୟର ବିଚାରରେ ନିଜ ମତ ରଖନ୍ତୁ। ଏହାଦ୍ୱାରା ମିଟିଂରେ ରୁଚି ଥିବା ଜଣାଯାଏ।
- ମିଟିଂରେ ଅଧିକ କଥା ନ କହି ଅନ୍ୟମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଅନ୍ୟଜଣକ କଥା ଶୁଣିବା ପରେ ହିଁ ସଠିକ ଓ ପ୍ରଭାବୀ ମତ ରଖିପାରିବେ।
- ମିଟିଂରେ ନିଜ ପକ୍ଷ ରଖିବା କୁହା ଗଲେ, ନିଜ କଥାକୁ ସିଧାସଳଖ ରଖନ୍ତୁ।
- ମିଟିଂରେ ସିଧା ଓ ଆତ୍ମବିଶ୍ୱାସର ସହ ବସନ୍ତୁ। ନତ ମସ୍ତକ ହୋଇ ବସନ୍ତୁ ନାହିଁ।




# ଜିଡାନ୍ ଫ୍ରାନ୍ସର ନୂଆ କୋଚ୍



ପ୍ୟାରିସ, ୨୮।୭ (ଏଜେନ୍ସି): କିମ୍ବଦନ୍ତୀ ଫୁଟବଲର୍ ଜିନେଦିନ ଜିଡାନ ଫ୍ରାନ୍ସ ପୁରୁଷ ଫୁଟବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ବିଦାୟୀ ପ୍ରଶିକ୍ଷକ ଡିଡିଅର ଡେଶ୍‌ଚାମ୍ପ୍ସଙ୍କ ସ୍ଥାନରେ ୫୪ ବର୍ଷୀୟ ଜିଡାନ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ସର୍ବାଧିକ ୧୪ ବର୍ଷ ଧରି ଫ୍ରାନ୍ସ ଫୁଟବଲ ଦଳ ପ୍ରଶିକ୍ଷକ ତଥା ମ୍ୟାନେଜର ପଦ ସମ୍ଭାଳିବା ପରେ ଡେଶ୍‌ଚାମ୍ପ୍ସଙ୍କ କାର୍ଯ୍ୟକାଳ ଗତ ବିଶ୍ୱକପ୍ ପରେ ସମାପ୍ତ ହୋଇଥିଲା। ଫିଫା ବିଶ୍ୱକପର ଏହି ସଂସ୍କରଣରେ ଫ୍ରାନ୍ସ ସେମିଫାଇନାଲରେ ସ୍ପେନଠାରୁ ହାରି ୪ର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଅପରପକ୍ଷରେ ୧୯୯୮ ବିଶ୍ୱକପ୍ ବିଜେତା ଜିଡାନ ଦ୍ୱିତୀୟଥର ଲାଗି ଫ୍ରାନ୍ସ ଜାତୀୟ ଦଳର ପ୍ରଶିକ୍ଷକ ପଦ ସମ୍ଭାଳିଛନ୍ତି। ଏଥିପୂର୍ବରୁ ୨୦୨୧ରେ ପ୍ରଥମଥର ଲାଗି ଏହି ପଦରେ ରହିଥିଲେ। ଏବେ ଫ୍ରାନ୍ସ ୨୦୩୦ ଫିଫା ବିଶ୍ୱକପ୍ ଜିଡାନଙ୍କ ତତ୍ତ୍ୱାବଧାନରେ ଖେଳି ଆହୁରି ଶ୍ରେଷ୍ଠ ପ୍ରଦର୍ଶନ କରିବା ଆଶାରେ ରହିଛି।

# ଜଷ୍ଟିନ ଗ୍ରିଭ୍‌ସଙ୍କ ବିଶ୍ୱରେକର୍ଡ



ତାରୌବା,୨୮।୭ (ଏଜେନ୍ସି): ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ଜଷ୍ଟିନ୍ ଗ୍ରିଭ୍‌ସ ଇତିହାସ ରଚିଛନ୍ତି। ପାକିସ୍ତାନ ପ୍ରଥମ ଇନିଂସରେ ଗ୍ରିଭ୍‌ସ କ୍ରମାଗତ ୫ଓଭର ମେଡେନ୍ ବୋଲିଂ କରି ୫ଟି ୱିକେଟ ନେଇ ବିଶ୍ୱରେକର୍ଡ କରିଛନ୍ତି। ପୂର୍ବରୁ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍ ୨୦୧୬ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ୍‌ରେ କ୍ରମାଗତ ୪ ଓଭର ମେଡେନ ବୋଲିଂ କରି ୪ଟି ୱିକେଟ ନେଇଥିଲେ। ଏହି ମ୍ୟାଚରେ ଧାର୍ଯ୍ୟ ୨୧୧ ରନର ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ମଙ୍ଗଳବାର ଶେଷ ଖବର ସୁଦ୍ଧା ୬ ୱିକେଟରେ ୬୯ ରନ କରି ପରାଜୟ ଦ୍ୱାରରେ ରହିଛି।

# ର୍‌ୟାନ୍‌ଙ୍କ ଇସ୍ତଫା; ଅଲଗା ହେଲେ ଦିଲୀପ



ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଆଗାମୀ ଶ୍ରୀଲଙ୍କା ଗସ୍ତ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ପ୍ରଶିକ୍ଷକ ଷ୍ଟାଫ୍‌ଙ୍କ ମଧ୍ୟରେ ବଡ଼ ପରିବର୍ତ୍ତନ ହୋଇଛି। ସଦ୍ୟ ସୂଚନା ଅନୁଯାୟୀ ସହାୟକ କୋଚ୍ ର୍‌ୟାନ୍ ଟେନ୍ ଡୋସଚେଟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେହିଭଳି ଫିଲ୍ଡିଂ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ଆସୁଥିବା ଟି. ଦିଲୀପଙ୍କ ଚୁକ୍ତି ନବୀକରଣ ନ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଏହାକୁ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ଯେ ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତ ସମୟରେ ଉଭୟ (ର୍‌ୟାନ୍ ଓ ଦିଲୀପ)ଙ୍କ ଚୁକ୍ତିନାମା ଶେଷ ହୋଇଯାଇଥିଲା। ସେମାନଙ୍କ ଚୁକ୍ତିନାମା ଆଉ ବୃଦ୍ଧି କରାଯାଇ ନଥିଲା। ଦିଲୀପ ୨୦୨୧ ମସିହାରୁ ଟିମ୍ ଇଣ୍ଡିଆ ସହିତ ଜଡ଼ିତ ରହିଥିଲେ। ଗତ ବର୍ଷ ତାଙ୍କ କାର୍ଯ୍ୟକାଳ ଗୋଟିଏ ବର୍ଷ ପାଇଁ ବୃଦ୍ଧି କରାଯାଇଥିଲା। ଅପରପକ୍ଷରେ ନେଦରଲ୍ୟାଣ୍ଡସର ର୍‌ୟାନ୍ ୨୦୨୪ରେ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ପ୍ରଶିକ୍ଷକମଣ୍ଡଳୀରେ ସାମିଲ ହୋଇଥିଲେ। ତାଙ୍କର ଚୁକ୍ତି ୨ ବର୍ଷୀୟା ଥିଲା। ସେ ଆଉ ଚୁକ୍ତି ବଢ଼ାଇବାକୁ ଆଗ୍ରହୀ ନ ଥିଲେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ଶୁଭଦୀପ୍ ଘୋଷ ଏବେ ଭାରତୀୟ କ୍ରିକେଟ୍ ଦଳର ପରବର୍ତ୍ତୀ ଫିଲ୍ଡିଂ କୋଚ୍ ହେବା ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି। ଶୁଭଦୀପ ଆସାମ ଓ ରେଳବାଇ ପକ୍ଷରୁ ଘରୋଇ କ୍ରିକେଟ୍‌ରେ ସକ୍ରିୟ ଥିଲେ।

## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଇତିହାସ ସୃଷ୍ଟି କଲେ ଶର୍ମିଳା ଧନକଡ଼୍

ଗ୍ଲାସ୍‌ଗୋ,୨୮।୭ (ଏଜେନ୍ସି)



ଏଠାରେ ଚାଲିଥିବା ୨୩ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରପାରାଆଥଲେଟିକ୍ସର ମହିଳା ସଟ୍‌ପୁଟରେ ଭାରତର ଶର୍ମିଳା ଧନକଡ଼୍ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଗତକାଲି ରାତିରେ ଅନୁଷ୍ଠିତ ଏଫ୍୫୭ ସଟ୍‌ପୁଟ ଇଭେଣ୍ଟରେ ୯.୮୧ ମିଟର ଦୂରତାକୁ ସଟ୍‌ପୁଟ ଫିଙ୍ଗି ଶର୍ମିଳା ପ୍ରଥମସ୍ଥାନ ଅଧିକାର କରିଥିଲେ। ଏଥିସହ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ଭାରତର ପ୍ରଥମ ପାରା ଆଥଲେଟିକ୍ସ ଭାବରେ ଶର୍ମିଳା ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୦ ବର୍ଷ ପରେ ଭାରତ ପାରା ଆଥଲେଟିକ୍ସରେ ପ୍ରଥମଥର ପଦକ ଜିତିବାକୁ ସମର୍ଥ ହୋଇଛି। ୪୦ ବର୍ଷୀୟା ଶର୍ମିଳା ଧନକଡ଼ଙ୍କର ଏହା ଦ୍ୱିତୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ପ୍ରଥମ ପଦକ। ନିଜର ଦୁଇ ଝିଅଙ୍କ ସହ ଆଥଲେଟିକ୍ସରେ ତିଷ୍ଠି ରହିଥିବା ହରିଆଣା ମହେନ୍ଦ୍ରଗଡ଼ ବାସିନ୍ଦା ଶର୍ମିଳା ପ୍ରଥମ ବିବାହରେ ନିର୍ଯାତନାର ଶିକାର ହୋଇଥିଲେ। ଦ୍ୱିତୀୟ ବିବାହ ପରେ ବା ୩୪ ବର୍ଷରେ ସେ ପାରାଆଥିଲେଟିକ୍ସରେ ଅଂଶଗ୍ରହଣ କରି ଏବେ ଭାରତର ପ୍ରଥମ ମହିଳା ସ୍ୱର୍ଣ୍ଣପଦକ ବିଜେତା ହୋଇ ଇତିହାସ ସୃଷ୍ଟି କରିଛନ୍ତି। ଏହି ଇଭେଣ୍ଟରେ ନାଇଜେରିଆର ୟୁଚାରିଆ ୟିଆଜିଙ୍କୁ ରୌପ୍ୟ ଓ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ଶିଲ୍ପା କେ. ଶିଲାଙ୍କୁ କାଂସ୍ୟ ପଦକ ମିଳିଛି। ଫଳରେ ଏହି ଇଭେଣ୍ଟରେ ଭାରତକୁ ଦୁଇଟି ପଦକ ମିଳିଛି।

## ଆଥ୍‌ଲେଟିକ୍ସରେ ସର୍ବେଶଙ୍କୁ ପ୍ରଥମ ପଦକ

ଓପନ ଆଥଲେଟିକ୍ସରେ ସର୍ବେଶ କୁଶାରେ ପୁରୁଷ ଲଙ୍ଗ ଜମ୍ପରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ଭାରତକୁ ପ୍ରଥମ ପଦକ ମିଳିଛି। ଏଠାରେ ସେ ୨.୨୫ ମିଟର ପଦକ ବିଜୟୀ ହୋଇଥିଲେ। କୁଶାରେ ତୃତୀୟ ଆଟେମ୍ପଟରେ ୨.୨୫ ମିଟର ଉଚ୍ଚତାକୁ ଡେଇଁବାରେ ସଫଳ ହୋଇଥିଲେ। ପୁରୁଷ ୧୧୦ ମିଟର ହର୍ଡ୍‌ଲ୍ସ ଫାଇନାଲରେ ତେଜାସ



ଉଚ୍ଚତାକୁ ଡେଇଁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ରଥମ ଆଟେମ୍ପଟରେ ସମାନ ୨.୨୫ ମିଟରକୁ ଡେଇଁଥିବା ଜାମାଇକାର ବେକଫୋର୍ଡ ପ୍ରଥମ ସ୍ଥାନ ଅଧିକାର କରିବା ସହ ସ୍ୱର୍ଣ୍ଣ ଶୀର୍ଷେ ୮ମ ତଥା ଶେଷ ସ୍ଥାନରେ ରହିଛନ୍ତି। ପୁରୁଷ ଲଙ୍ଗ୍‌ଜମ୍ପରେ ମୁରଲୀ ଶ୍ରୀଶଙ୍କର ଓ ଲୋକେଶ ସତ୍ୟନାଥନ ଭାଗନେଇଛନ୍ତି। ଏମାନଙ୍କଠାରୁ ପଦକ ଆଶା କରାଯାଉଛି।

## ଭାରୋତ୍ତୋଳନରେ ପଦକ ବିଜୟ ଧାରାରେ ବ୍ରେକ୍




ଭାରୋତ୍ତୋଳନରେ ଭାରତର ପଦକ ବିଜୟ ଧାରାରେ ବ୍ରେକ୍ ଲାଗିଛି। ମଙ୍ଗଳବାର ଅନୁଷ୍ଠିତ ମହିଳା ୬୩ କିଲୋଗ୍ରାମ୍ ବିଭାଗରେ ନିରୁପମା ଦେବୀ ନିରାଶ କରିଛନ୍ତି। ନିରୁପମା ତାଙ୍କର ୩ଟି ଯାକ ପ୍ରୟାସରେ ଫେଲ୍ ମାରିଥିଲେ। ଫଳରେ ଏଯାଏ ଅନୁଷ୍ଠିତ ଭାରୋତ୍ତୋଳନର ସମସ୍ତ ଇଭେଣ୍ଟରେ ଭାରତ ପଦକ ଜିତିଥିଲା। କିନ୍ତୁ ପ୍ରଥମଥର ଲାଗି ଭାରୋତ୍ତୋଳନର ଗୋଟିଏ ଇଭେଣ୍ଟରେ ଭାରତ ପଦକଶୂନ୍ୟ ହୋଇଛି। ଏଥିପୂର୍ବରୁ ସୋମବାର ଫାଇନାଲ ହୋଇଥିବା ୩ଟି ଇଭେଣ୍ଟ ମଧ୍ୟରୁ ଭାରତ ୩ଟି ପଦକ ହାସଲ କରିଛି। ବିଳମ୍ବିତ ରାତିରେ ଶେଷ ହୋଇଥିବା ପୁରୁଷ ୭୯ କେଜି କାଟାଗୋରୀରେ ଅଜୟ ବାବୁ ମୋଟ ୩୩୦ କିଗ୍ରା ଉଠାଇ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଅଜୟ ବାବୁ ସ୍ନାଚ୍‌ରେ ୧୪୯, କ୍ଲିନ୍ ଆଣ୍ଡ ଜର୍କରେ ୧୮୧ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମାଲେସିଆର ଏରୀ ହିଦାୟତ ମୋଟ୍ ୩୩୧ କିଗ୍ରା ଓଜନ ଉଠାଇ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ମହିଳା ୫୮ କିଲୋଗ୍ରାମ୍‌ରେ ବିନ୍ଦିଆରାଣୀ ଦେବୀଙ୍କୁ କାଂସ୍ୟ ଓ ୫୩ କିଲୋଗ୍ରାମ୍‌ରେ ଜ୍ଞାନେଶ୍ୱରୀଙ୍କୁ ରୌପ୍ୟ ପଦକ ମିଳିଥିଲା। ମିରାବାଇ ଚାନୁ ମହିଳା ୪୮ କେଜିରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଫଳରେ ଭାରୋତ୍ତୋଳନ କ୍ରୀଡ଼ାରେ ଭାରତ ବର୍ତ୍ତମାନ ସୁଦ୍ଧା ୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ କାଂସ୍ୟ ସହ ମୋଟ୍ ୬ଟି ପଦକ ବିଜୟୀ ହୋଇଛି।

## ବକ୍ସିଂରେ ପଦକ ପକ୍କା କଲେ ପ୍ରୀତି


ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଙ୍ଗଳବାର ରାତିରେ ଭାରତୀୟ ବକ୍ସର ପ୍ରୀତି ପାୱାର ପଦକ ପକ୍କା କରିଛନ୍ତି। ବିଶ୍ୱର ନମ୍ବର ମାନ୍ୟତା ପ୍ରୀତି ମହିଳା ୫୪ କିଗ୍ରା ଇଭେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନର୍ଦନ ଆୟର୍ଲାଣ୍ଡର ନିକୋଲ କ୍ଲେଡିଙ୍କୁ ୫-୦ (୩୦-୨୫, ୩୦-୨୫, ୩୦-୨୬, ୩୦-୨୬, ୩୦-୨୭)ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ପ୍ରବେଶ ସହ ପ୍ରୀତି ଅତିକମରେ କାଂସ୍ୟ ପଦକ ସୁନିଶ୍ଚିତ କରିଛନ୍ତି। ସେମିଫାଇନାଲରେ ପ୍ରୀତିଙ୍କ ମୁକାବିଲା ଜାମ୍ବିଆର କାଥେରିନ ମୱାପିଙ୍କ ସହ ହେବ। ସେହିଭଳି ଭାରତର ଆଉ ୪ଜଣ ବକ୍ସର ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଯଦି ସେମାନେ ବିଜୟୀ ହୁଅନ୍ତି ତେବେ ଆଉ ୪ଟି ପଦକ ଦେଶ ପାଇଁ ପକ୍କା ହେବ। ସେହିଭଳି ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ପୂଜା (ମହିଳା ହାଇଜମ୍ପ) ଓ ଗୁଲ୍‌ବୀର ସିଂହ (ପୁରୁଷ ୧୦୦୦୦ ମିଟର)ଙ୍କ ନିକଟରୁ ପଦକ ଆଶା କରାଯାଉଛି।

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବୁମ୍‌ରା, ଜାଡେଜା ଫେରିଲେ, ସାରାଂଶ ନୂଆ ମୁହଁ

ନୂଆଦିଲ୍ଲୀ,୨୮।୭ (ଏଜେନ୍ସି): ଶ୍ରୀଲଙ୍କା ସହ ଖେଳିବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଘୋଷଣା କରାଯାଇଛି। ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଯଥାକ୍ରମେ ଅଧିନାୟକ ଓ ଉପଅଧିନାୟକ ପଦ ବଜାୟ ରଖିଛନ୍ତି। ସ୍ପିନ୍ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଦଳକୁ ଫେରିଛନ୍ତି। ଶ୍ରୀଲଙ୍କା-ଏ’ ସହ ଭଲ ଖେଳିଥିବା ସାଇ ସୁଦର୍ଶନଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଉଭୟ ବୁମ୍‌ରା ଓ ସୁଦର୍ଶନ ସେଣ୍ଟର ଅଫ୍ ଏକ୍ସିଲେନ୍ସି ଦ୍ୱାରା ଫିଟ୍ ଘୋଷିତ ହେଲେ ଦଳରେ ସ୍ଥାନ ପାଇବେ। ଅନ୍ୟମାନେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ସୁଦର୍ଶନ ଫିଟ ନ ହେଲେ ଦେବଦତ୍ତ ପାଡିକଲ ନଂ-୩ରେ ବ୍ୟାଟିଂ କରିବେ। ଅନ୍‌ଫିଟ୍ ଥିବା ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ୩୩ ବର୍ଷୀୟ ଅଫ୍‌ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନଙ୍କୁ ପ୍ରଥମଥର ଲାଗି ଟେଷ୍ଟ ଦଳରେ ସାମିଲ କରାଯାଇଛି। ଜୈନ ମଧ୍ୟପ୍ରଦେଶ ପକ୍ଷରୁ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୮୮ଟି ୱିକେଟ ନେବା ସହ ୨୨୨୩ ରନ୍ ସଂଗ୍ରହ କରିଛନ୍ତି।

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ଗଲ୍‌ରେ ଅଗଷ୍ଟ ୧୫ରୁ ଏବଂ ଦ୍ୱିତୀୟ ଟେଷ୍ଟ କଲମ୍ବୋର ସିଂହଳୀଜ୍



ସ୍ପୋର୍ଟ୍ସ କ୍ଲବ୍‌ରେ ଅଗଷ୍ଟ ୨୩ରୁ ଖେଳାଯିବ। ଏହା ପୂର୍ବରୁ ଅଗଷ୍ଟ ୭ରୁ ଏକ ୪ ଦିନିଆ ଅଭ୍ୟାସ ମ୍ୟାଚ ଖେଳିବ ଭାରତ। ଭାରତ ୯ ବର୍ଷ ପରେ ଶ୍ରୀଲଙ୍କାରେ ଟେଷ୍ଟ ସିରିଜ୍ ଖେଳିବ। ୨୦୧୭ରେ ଭାରତ ୩-୦ରେ ସିରିଜ୍ କବ୍‌ଜା କରିଥିଲା।

**ଘୋଷିତ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ୍, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ଋଷଭ ପନ୍ତ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, କୁଲଦୀପ ଯାଦବ, ମାନବ ସୂତାର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଗୁରନୁର ବ୍ରାର୍।

## ଆଜିଠାରୁ ଜାତୀୟ ଯୁବ ତାଏକ୍ୱୋଣ୍ଡୋ

ଭୁବନେଶ୍ୱର, ୨୮।୭ (ସମିସ): କଟକର ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ଜାତୀୟଯୁବ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା। ଏଥିରେ ସମଗ୍ର ଭାରତବର୍ଷରୁ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଯୁବ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ।

## ଜାତୀୟ ଜୁନିୟର ର୍‌ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ

# ମେନ୍ ଡ୍ର’ରେ ଓଡ଼ିଶାରୁ ୧୦

ଭୁବନେଶ୍ୱର, ୨୮।୭ (ସମିସ): ଏଠାରେ ଚାଲିଥିବା ଜାତୀୟ ଜୁନିଅର ର୍‌ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ମେନ୍ ଡ୍ର ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏଥିରେ ଉଭୟ ବାଳକ ଓ ବାଳିକା ଏକକରେ ୩୨ଜଣ ଲେଖାଏଁ, ଯୁଗଳରେ ୧୬ଟି ଲେଖାଏଁ ଯୋଡି ଓ ମିଶ୍ରିତ ଯୁଗଳରେ ୧୬ ଯୋଡା ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଏ ସମସ୍ତ ବିଭାଗରେ ଓଡ଼ିଶାରୁ ମୋଟ ୧୦ଜଣ ଖେଳାଳି ମେନ୍ ଡ୍ର’ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ ବାଳକ ବିଭାଗରେ ଦିବ୍ୟମ କେଜରିୱାଲ ଓ ଶୁଭ୍ରକେତନ ମଲ୍ଲିକ, ବାଳିକା ଏକକରେ ଜାତୀୟ ଜୁନିଅର ଚାମ୍ପିଅନ ତନ୍‌ଭୀ ପତ୍ରୀ, ନିମିଶା ଓଝା ଓ ଜେସିକା ସାହୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି।

## ସର୍ବବୃହତ୍ ଫିଫା ବିଶ୍ୱକପ୍

ଡଲାସ,୨୮।୭ (ଏଜେନ୍ସି): ଆମେରିକାରେ ଖେଳା ଯାଇଥିବା ୨୩ତମ ଫିଫା ବିଶ୍ୱକପକୁ ସବୁ ଦୃଷ୍ଟିରୁ ସର୍ବବୃହତ୍ ବିଶ୍ୱକପ୍ ଭାବେ ସ୍ୱୀକୃତି ଦେଇଛି ଫିଫା। ଫିଫା ପକ୍ଷରୁ କୁହାଯାଇଛି, ଏହି ବିଶ୍ୱକପ୍ ୩ଟି ଦେଶର ୧୬ଟି ଷ୍ଟାଡିୟମ୍‌ରେ ୩୯ ଦିନ ଧରି ଚାଲିଥିଲା। ଏଥିରେ ୧୨୪୮ଜଣ ଖେଳାଳି ଭାଗ ନେଇଥିଲେ। ୬୮ ଲକ୍ଷ ଦର୍ଶକ ବିଶ୍ୱକପକୁ ଷ୍ଟାଡିୟମ୍‌ରେ ଦେଖିଥିଲେ। ବିଶ୍ୱରେ ପୂର୍ବରୁ ଅନୁଷ୍ଠିତ ବିଶ୍ୱକପ୍ କିମ୍ବା ଆୟୋଜିତ ହେଉଥିବା ଯେ କୌଣସି କ୍ରୀଡ଼ା ପ୍ରତିଯୋଗିତା ଅପେକ୍ଷା ଏହା ବୃହତ୍ତମ। ଏହି ବିଶ୍ୱକପ୍ ପରିଚାଳନା କରିବାକୁ ୪୩,୦୦୦ ସ୍ୱେଚ୍ଛାସେବୀ, ୭୩,୭୦୦ ଜଣ ସୁରକ୍ଷା କର୍ମଚାରୀ ପରିଚାଳନା କରିବାରେ ସହାୟତା ଦେଇଥିଲେ। ଡଲାସରେ ପ୍ରତଷ୍ଠା କରାଯାଇଥିବା ମିଡିଆ ସେଂଟରରେ ଏକାଥରକେ ୧,୦୦୦ ସାମ୍ବାଦିକଙ୍କୁ କାମ କରିବା ସୁଯୋଗ ଦିଆଯାଇଥିଲା।

## ରାଜ୍ୟ ବରିଷ୍ଠ ଚେସ୍

# ଫକିର ମାଝୀ ଏକକ ଅଗ୍ରଣୀ

ଭୁବନେଶ୍ୱର, ୨୮।୭ (ସମିସ): ରାୟଗଡ଼ା ତଥା କିସ୍‌ର ଛାତ୍ର ଫକିର ମାଝୀ ଏଠାରେ ଚାଲିଥିବା ୬୬ତମ ରାଜ୍ୟ ବରିଷ୍ଠ ଫିଡେ ରେଟିଂ ଚେସ୍‌ରେ ଏକକ ଅଗ୍ରଣୀ ନେଇଛନ୍ତି। ମଙ୍ଗଳବାର ଚତୁର୍ଥ ଦିନ ଓ ୮ମ ରାଉଣ୍ଡ ଖେଳ ଶେଷସୁଦ୍ଧା ସେ ୮ ରାଉଣ୍ଡରୁ ୭ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ୪ଜଣ ଖେଳାଳି ୬.୫ ପଏଣ୍ଟ ସହ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ହେଲେ ପୁରୀର ଜଗଦୀଶ ବାରିକ, ବାଲେଶ୍ୱରର ସିଦ୍ଧେଶ କାମିଲା, ଖୋର୍ଦ୍ଧାର ଓମ୍‌ଆଦିତ୍ୟ ଖାଡଙ୍ଗା, ସ୍ୱପ୍ନିଳ ପ୍ରିୟଦର୍ଶୀ। ୬ ପଏଣ୍ଟ ସହ ୬ଜଣ ଖେଳାଳି ମିଳିତଭାବେ ତୃତୀୟସ୍ଥାନ



ଅଧିକାର କରିଛନ୍ତି। ଅଲଓଡ଼ିଶା ରାଜ୍ୟ ଚେସ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।

FOR RENT
Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
[A unit of Nandighosha Network Pvt. Ltd.]
Plot No.: 90 & 91, Bhagabanpur I/E, Bhubaneswar

ନନ୍ଦିଘୋଷ NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement: • Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements: • Experience in Video Production for social media platforms. • Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସରେ 'ସକାଳ' ପକ୍ଷରୁ 'ସବୁଜ ଅଭିଯାନ'






ଚନ୍ଦ୍ରଶେଖର ପେଟ୍ରୋଲ ପମ୍ପ, ଭୁବନେଶ୍ୱର



ଟାଙ୍ଗୀ (କଟକ)




ଖୋର୍ଦ୍ଧା




ନୟାଗଡ଼



ବାଲେଶ୍ୱର




ବାରିପଦା



ବ୍ରହ୍ମପୁର



ବୁଢ଼ାରଜା ପେଟ୍ରୋଲ ପମ୍ପ, ସମ୍ବଲପୁର

MCL | AM/NS INDIA | TATA STEEL #WeAlsoMakeTomorrow | JINDAL STEEL | vedanta transforming for good | ନାଲକୋ NALCO | TPWODL | JSW JFE JSW JFE Steel Limited | Paradeep Phosphates